

# ଜଗନ୍ନାଥ ଏକ୍ସପ୍ରେସ୍
JAGANNATH EXPRESS

RNI Regn No- ODIODI/2014/57766.



ବର୍ଷ- ୧୧ ସଂଖ୍ୟା-୧୧୭ ଭୁବନେଶ୍ୱର ବୁଧବାର, ଜାନୁୟାରୀ ୦୮.୨୦୨୫ | ପୃଷ୍ଠା - ୮ | ମୂଲ୍ୟ : ୨.୦୦/- | Vol.11 . No.117 Bhubaneswar, Wednesday, January 08, 2025



DIASPORA'S CONTRIBUTION TO A VIKSIT BHARAT

ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ
ଭାରତ ସରକାର



# ବିଶ୍ୱ ମଞ୍ଚରେ ଉଦ୍ଭାସିତ
# ଯୁବ ପ୍ରବାସୀ ଭାରତୀୟଙ୍କୁ ସମ୍ମାନ

## ଯୁବ ପ୍ରବାସୀ ଭାରତୀୟ ଦିବସ

ପୂର୍ବାହ୍ଣ ୧୦ ଘଟିକା | ୮ ଜାନୁଆରୀ, ୨୦୨୫
ଜନତା ମଇଦାନ, ଭୁବନେଶ୍ୱର, ଓଡ଼ିଶା

ଅତିଥି ଦେବୋ ଭବ



### ଶୁଭ ଉଦ୍‌ଘାଟନ

**ଶ୍ରୀ ମନସୁଖ ଏଲ. ମାଣ୍ଡବ୍ୟ**
ମାନ୍ୟବର କେନ୍ଦ୍ରୀୟ ଯୁବ ବ୍ୟାପାର ଏବଂ କ୍ରୀଡ଼ା ମନ୍ତ୍ରୀ

**ଡ. ଏସ୍. ଜୟଶଙ୍କର**
ମାନ୍ୟବର କେନ୍ଦ୍ରୀୟ ବୈଦେଶିକ ବ୍ୟାପାର ମନ୍ତ୍ରୀ

**ଶ୍ରୀ ମୋହନ ଚରଣ ମାଝୀ**
ମାନ୍ୟବର ମୁଖ୍ୟମନ୍ତ୍ରୀ, ଓଡ଼ିଶା

### ସମ୍ମାନନୀୟ ଅତିଥି

**ଡ. ଦେବ ପ୍ରଗଡ**
ମୁଖ୍ୟ ନିର୍ବାହୀ ଅଧିକାରୀ,
ନିଉଜଭିକ୍, ଯୁକ୍ତରାଷ୍ଟ୍ର ଆମେରିକା

### ଗରିମାମୟ ଉପସ୍ଥିତି

**ଶ୍ରୀ ପବିତ୍ର ମାର୍ଘେରିଟା**
ମାନ୍ୟବର କେନ୍ଦ୍ରୀୟ
ବୈଦେଶିକ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ

**ଶ୍ରୀମତୀ ରକ୍ଷା ନିଖିଲ ଖାଡ୍‌ସେ**
ମାନ୍ୟବର କେନ୍ଦ୍ରୀୟ
ଯୁବ ବ୍ୟାପାର ଓ କ୍ରୀଡ଼ା ରାଷ୍ଟ୍ରମନ୍ତ୍ରୀ



ବିଶ୍ୱର ବିଭିନ୍ନ କୋଣରୁ ବହୁ ସଂଖ୍ୟାରେ ଯୁବ ପ୍ରବାସୀଙ୍କ ଯୋଗଦାନ

**ପୂର୍ଣ୍ଣାଙ୍ଗ ଅଧିବେଶନ**
ଜଗତୀକରଣ-କାଳଖଣ୍ଡର ପ୍ରବାସୀ ଯୁବ ନେତୃତ୍ୱ
ଏବଂ
ଭାରତ ସରକାରଙ୍କ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଏବଂ ଓଡ଼ିଶା ସରକାରଙ୍କ
ସଂଯୁକ୍ତ ବାଣିଜ୍ୟିକ ଅଧିବେଶନ
ଓଡ଼ିଶା ସମ୍ବନ୍ଧୀୟ ସ୍ୱତନ୍ତ୍ର ଅଧିବେଶନ "ଭାରତର ସର୍ବୋତ୍ତମ ସୁରକ୍ଷିତ ରହସ୍ୟର ଉନ୍ମୋଚନ"

କାର୍ଯ୍ୟକ୍ରମ ବିବରଣୀ ପାଇଁ
ସ୍କାନ୍ କରନ୍ତୁ

DADLS-78 OIPR-15001/13/0353/2425

ଦେଖନ୍ତୁ ସିଧା ପ୍ରସାରଣ: DD News and DD Odia | Youtube: DD News / DD ODIA

ସୂଚନା ଓ ଲୋକସମ୍ପର୍କ ବିଭାଗ, ଓଡ଼ିଶା ସରକାର

# ବିଧବା ଭତ୍ତା ନ ମିଳିବାରୁ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀଙ୍କୁ ଅଭିଯୋଗ



**କଲ୍ୟାଣସିଂହପୁର,୭/୧ (ନି.ପ୍ର):** ରାୟଗଡା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ ସୁନାଖଣ୍ଡି ପଞ୍ଚାୟତର ରାଇଲିମା ଗ୍ରାମର ତିନି ଜଣ ବିଧବା ଭତ୍ତାରୁ ବଞ୍ଚିତ ରହିଥିବା ନେଇ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ବିଶ୍ୱଜିତ ସିଂ ସାମନ୍ତ ଙ୍କୁ ଲିଖିତ ଅଭିଯୋଗ କରିଛନ୍ତି । ରାଇଲିମା ଗ୍ରାମର ସିତମେ ହୁଇକା (୫୫)ବିଧବା ଭତ୍ତା ପାଇ ଆସୁଥିଲେ ବର୍ତ୍ତମାନ ୫ମାସ ହେବ ଭତ୍ତା ମିଳିନଥିବା ବେଳେ ଓ୍ୱାନେ ପିଡ଼ିସିକା (୫୫)ବିଧବା ଭତ୍ତା ଦୁଇ ବର୍ଷ ଓ ଆଲମେ ହୁଇକା (୬୬)ଙ୍କୁ ଏକ ବର୍ଷ ଛଅ ମାସ ହେବ ବିଧବା ଭତ୍ତା ପାଇନଥିବା ଅଭିଯୋଗ କରିଛନ୍ତି । ଏହି ଡଙ୍ଗରିଆ ମହିଳା ମାନେ ଭତ୍ତା ଟଙ୍କାରେ ପରିବାର ଭରଣପୋଷଣ କରୁଥିବା କହିଛନ୍ତି ।ବର୍ତ୍ତମାନ ଭତ୍ତା ଟଙ୍କା ନ ମିଳିବାରୁ ବହୁ ଦୁଃଖ କଷ୍ଟ ରେ ଜିବନ କାଟୁଛୁ । ଗ୍ରାମର ତିନି ଜଣ ବିଧବା ମହିଳା ଙ୍କୁ କେଉଁ କାରଣରୁ ଭତ୍ତା ମିଳୁନାହିଁ ବୋଲି କାମ କୁଲେସିକା ସାଙ୍ଗରେ ତିନି ଜଣ ଙ୍କୁ ଧରି ବ୍ଲକ କାର୍ଯ୍ୟାଳୟ କୁ ଆସି ଲିଖିତ ଅଭିଯୋଗ କରିଥିଲେ । ଏହାକୁ ନେଇ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ସାହୁ ଙ୍କୁ ପଚାରିବାରୁ ସେ କହିଲେ ମୁଁ ନୁଆଁ ଓ ମାସେ ହେବ ଆସିଛି କଣ ହେଇଛି ଦେଖିବି ବୋଲି କହିଛନ୍ତି ।ଏହାକୁ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ବିଶ୍ୱଜିତ ସିଂ ସାମନ୍ତ କହିଛନ୍ତି କଣ ହେଇଛି ତଦନ୍ତ କରିବା ପରେ ଜଣା ପଡିବ ।ବର୍ତ୍ତମାନ ମୁଁ ନୂଆରେ ଆସିଛି ଯଦି ସେମାନଙ୍କ ମଧୁବାବୁ ପେନସନ ଯୋଜନାରରେ ବ୍ୟାଙ୍କ ଆକାଉଣ୍ଟ କୁ ଟଙ୍କା ଯାଇନଥିବ ତାହାହେଲେ ଏତେ ଗୁଡାଏ ଟଙ୍କା ଏକାଥରକେ ଦେଇ ହେବ ନାହିଁ ,ମାସ ମାସ କୁ କିଛି କିଛି ଟଙ୍କା ଯୋଗାଇ ଦିଆ ଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ।

# ଠାକୁରଗଡ଼ରେ ନୂତନ ବ୍ଲକ ଗଠନ ନିମନ୍ତେ ପ୍ରସ୍ତୁତି ବୈଠକ



**ଆଠମଲ୍ଲିକ,୭/୧ (ନି.ପ୍ର):** ଓଡ଼ିଶାର ନୂତନ ସରକାର ନୂତନ ବ୍ଲକ ପୁନର୍ଗଠନ ପାଇଁ ବିଧାନ ସଭା ରେ ପ୍ରସ୍ତାବ ଆଗତ ହେବାର ପ୍ରକାଶିତ ହେବାପରେ ଷୋଳପଦା ଅଞ୍ଚଳ କେନ୍ଦ୍ର ସ୍ଥଳ ଓ ବାଣିଜ୍ୟ କେନ୍ଦ୍ର ଠାକୁରଗଡ଼ ଠାରେ ନୂତନ ବ୍ଲକ ଗଠନ ନିମନ୍ତେ ଷୋଳପଦା ଅଞ୍ଚଳ ର ୧୦ ଗୋଟି ପଞ୍ଚାୟତ ର ସର୍ବ ଦଳୀୟ କର୍ମକର୍ତ୍ତା ସହିତ ବୁଦ୍ଧଜୀବୀ ମାନଙ୍କୁ ନେଇ ଠାକୁରଗଡ଼ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ସଭାଘର କକ୍ଷରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ଠାକୁରଗଡ଼ ନୂତନ ବ୍ଲକ କ୍ରିୟାନୁଷ୍ଠାନ କମିଟି ଚୟନ କରାଯାଇ ଠାକୁରଗଡ଼ ଠାରେ ନୂତନ ବ୍ଲକ ଗଠନ ନିମନ୍ତେ କମିଟି ସମେତ ଷୋଳପଦା ବାସୀ ଅହରହ ସଂଗ୍ରାମ ଜାରିରହିବ ବୋଲି ବୈଠକ ପ୍ରସ୍ତାବ ଗୃହୀତ ହୋଇଛି । ଆଠମଲ୍ଲିକ ର ଆମ୍ବସାରମୁଣ୍ଡା , ଠାକୁରଗଡ଼, କୃତିବାସପୁର, କୁରୁମୁଟାପ, ସାନହୁଲା, ପେଡିପଥର, ସାପଘରା, ପାଇକସାହି, ଟାପଢୋଲ, ମଇମୁରା, ପଞ୍ଚାୟତ ଥିବା ବେଳେ କିଶୋରନଗର ବ୍ଲକ ର ବିଲେଇନାଳି, ନୁନୁକାପଶି, ଗାଁ ବଇଣ୍ଡା, ଓ ଅନୁଗୋଳ ବ୍ଲକ ର ଅନ୍ତୁଳିଆ, ଟାଇଁଶି, କୋଠଭୁଁଇ, ପଞ୍ଚୟତ କୁ ନେଇ ଠାକୁରଗଡ଼ ଠାରେ ନୂତନ ବ୍ଲକ ଗଠନ ନିମନ୍ତେ ସରକାରଙ୍କୁ କାର୍ଯ୍ୟକାରୀ ହେବା କୁ ଆଗତ ହୋଇଅଛି । ଠାକୁରଗଡ଼ ଠାରେ ନୂତନ ବ୍ଲକ ଗଠନ ନିମନ୍ତେ ଦୀର୍ଘ ୩୦ ବର୍ଷ ରୁ ସରକାରଙ୍କ ନିକଟ ରେ ପ୍ରସ୍ତାବ ଆଗତ ହୋଇଅଛି । ଏଣୁ କରି ଠାକୁରଗଡ଼ ଠାରେ ନୂତନ ବ୍ଲକ ଗଠନ ହେଲେ ୧୬ ଗୋଟି ଗ୍ରାମ ପଞ୍ଚାୟତ ର ଜନ ସାଧାରଣ ଉପକୃତ ହୋଇ ପାରିବ। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ସରପଂଚ ମନୋଜ୍ ରାଉତ୍, ଅନାମ ଚରଣ ସ୍ୱାଇଁ, ଠାକୁରଗଡ଼ ସରପଂଚ ଙ୍କ ପ୍ରତିନିଧି କୁମୁଦ ମିଶ୍ର, ସୌରଭ ମିଶ୍ର, ସମାଜସେବୀ ଶତ୍ରୁଘ୍ନ ସାହୁ, ସୁରେଶ୍ ଚନ୍ଦ୍ର ସାହୁ, ବଜାର ବଣିକ ସଂଘ ସଭାପତି ଭଗବାନ୍ ସାହୁ, ଶୁଭକାନ୍ତ ପ୍ରଧାନ, ସନ୍ତୋଷ କୁମାର ବିଶ୍ୱାଳ ପ୍ରମୁଖ ଯୋଗଦେଇ ଆଲୋଚନା କରିବା ସହ ଜାନୁଆରୀ ମାସ ୧୦ ତାରିଖରେ ଅନ୍ୟ ଏକ ବୈଠକ ଡାକି ନିର୍ବାଚିତ ଜନ ପ୍ରତିନିଧି, ପୂର୍ବତନ ବିଧାୟକ, ବର୍ତ୍ତମାନ ର ବିଧାୟକ ଓ ଅଞ୍ଚଳବାସୀ ନେଇ ପଞ୍ଚୟତିରାଜ ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବୀପତ୍ର ପ୍ରଦାନ କରିଥିଲେ ।

# ରଟିଙ୍ଗିଆରେ ମଦ ବନ୍ଦ ପାଇଁ ଅଣ୍ଟା ଭିଡ଼ିଲେ ପଞ୍ଚାୟତସ୍ତରୀୟ ମହିଳା ମହାସଂଘ



**ଘୁ.ଉଦୟଗିରି ୭/୧ (ନି.ପ୍ର):** ସ୍ଥାନୀୟ ବ୍ଲକ, ରଟିଙ୍ଗିଆ ଗ୍ରାମ ପଞ୍ଚାୟତରେ ମଦର ପ୍ରାଦୁର୍ଭାବ ବଢୁଥିବାରୁ ଆଜି ଗ୍ରାମ ପଞ୍ଚାୟତ ମହିଳା ମହାସଂଘର ଶତାଧିକ ମହିଳା ମଦ କାରବାର କରୁଥିବା ପରିବାରକୁ ଯାଇ ମଦ ବନ୍ଦ ପାଇଁ ବୁଝେଇବା ସହିତ ମହୁଲ ପୋଚ ନଷ୍ଟ କରିବା, ହାଣ୍ଡି ଭାଙ୍ଗିବା ଭଳି କାର୍ଯ୍ୟକୁ ହାତକୁ ନେଇଛନ୍ତି। ଅଞ୍ଚଳରେ ମଦ କାରବାର ହେଉଥିବାରୁ ଅନେକ ପରିବାର ବିଶୃଙ୍ଖଳା ହେବ ସହିତ ଶିକ୍ଷା, ସ୍ୱାସ୍ଥ୍ୟ ଆର୍ଥିକ କ୍ଷେତ୍ରରେ ଅବନତି ଘଟୁଥିବାରୁ ଏହି ପରି ପଦକ୍ଷେପ ନେଇଥିବା ସମାଜସେବୀ ହୃଷିକେଶ ପ୍ରଧାନ ସୂଚନା ଦେଇଛନ୍ତି। ସୂଚନା ଯୋଗ୍ୟ ଗତ ମାସ ୨୦ ତାରିଖରେ ମଦ ବନ୍ଦ ପାଇଁ ବଡ଼ ଧରଣର ସଚେତନତା ପଦ ଯାତ୍ରା କରି ଅଞ୍ଚଳର ବିଭିନ୍ନ ଗାଁରେ ସଚେତନ କରାଯାଇଥିଲା। ଏଥିରେ ମଦ ରନ୍ଧୁଥିବା ପରିବାରକୁ ସମୟସୀମା ମଧ୍ୟରେ ମଦ ରନ୍ଧା ବନ୍ଦ କରିବାକୁ କୁହାଯାଇଥିଲା। ଏହି ଘଟଣାକୁ ନେଇ ପୁଣି ଆଜି ଅଞ୍ଚଳର ଶତାଧିକ ମହିଳାମାନେ ଏକଜୁଟ ହୋଇ ଏହି ପଦକ୍ଷେପ ଗ୍ରହଣ କରିଛନ୍ତି। ଆଜିର ଏହି ମଦ ବନ୍ଦ କାର୍ଯ୍ୟକ୍ରମରେ ଓଡ଼ିଶା ଜୀବିକା ମିଶନର ଏମ.ବି.କେ. ଡି. ସବନମ, ମହାସଂଘର ସଭାନେତ୍ରୀ ଦମ୍ପିକା ନାୟକ, ସମ୍ପାଦିକା ରାଜଶ୍ରୀ ମଲ୍ଲିକ, ସରପଞ୍ଚ ବିଷ୍ଣୁଦେବ ପ୍ରଧାନ, ସମାଜସେବୀ ହୃଷିକେଶ ପ୍ରଧାନ, ଜି.ଏସ.ଏମ ତରୁଲତା ଦିଗାଲ, ସି.ଆର.ପି., ଇ.ସି. ସଦସ୍ୟାମାନଙ୍କ ସମେତ ଗାଁର ମହିଳା ପ୍ରତିନିଧିମାନେ ଯୋଗ ଦେଇଥିଲେ।

# କନ୍ଧମାଳ ଜିଲ୍ଲା ଖଡୁରା ସମାଜର ବାର୍ଷିକ ଉତ୍ସବ ଅନୁଷ୍ଠିତ



**ଫୁଲବାଣୀ ୭/୧ (ନି.ପ୍ର):** ଫୁଲବାଣୀ ସହରର ହୋଟେଲ ଡ୍ରିମଲ୍ୟାଣ୍ଡ ସଭାଗୃହରେ ନିଖିଳ ଉତ୍କଳ ଖଡୁରା ସମାଜ ,ଫୁଲବାଣୀ ର ବାର୍ଷିକ ଉତ୍ସବ ଅର୍ଜୁନ ସେନାପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି ।ଏହି ଅବସରରେ ପୁରୀ ଜିଲା ଖଡୁରା ସମାଜ ସଭାପତି ଗିରିଶ ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଜିଲା ସଂଘକୁ ମଜଭୂତ କରିବା ସହ ଏକ ଜିଲା ସ୍ତରୀୟ ମହିଳା ସଂଗଠନ ଗଠନ କରିବାକୁ ପରାମର୍ଶ ଦେଇଥିଲେ ।ବିଭିନ୍ନ ଜିଲାର ପ୍ରତିନିଧିମାନେ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଯୋଗଦେଇ ସମାଜ ପକ୍ଷରୁ ସାମାଜିକ କାର୍ଯ୍ୟକ୍ରମ କରିବାକୁ ଗୁରୁତ୍ୱାରୋପ କରିଥିଲେ ।ରକ୍ତଦାନ ଶିବିର, ବୃକ୍ଷ ରୋପଣ,ସ୍ୱଚ୍ଛଭାରତ କାର୍ଯ୍ୟକ୍ରମ, ସମାଜର ଦୁର୍ବଳ ଶ୍ରେଣୀ ଲୋକଙ୍କୁ ସହାୟତା, ବିପଦରେ ପଡିଥିବା ସମାଜ ଲୋକଙ୍କ ନିକଟରେ ଠିଆହେବା,ଶିକ୍ଷାର ପ୍ରସାର ପାଇଁ ସମାଜର ଅଗ୍ରଣୀ ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କୃତ କରି ଉତ୍ସାହିତ କରିବା ଇତ୍ୟାଦି ଉପରେ ପରାମର୍ଶ ଦେଇଥିଲେ ।ବିଭିନ୍ନ କ୍ଷେତ୍ରରେ ସଫଳତା ପାଇଥିବା ଯଥା ଡାକ୍ତରୀ ପାଠପଢା ଓ ଅନ୍ୟାନ୍ୟ ସଫଳତା ପାଇଁ ୧୩ଜଣ ଛାତ୍ରଛାତ୍ରୀ ଙ୍କୁ ମଞ୍ଚରେ ଅତିଥିମାନେ ଉପଢୌକନ, ମାନପତ୍ର ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ସେହିଭଳି ଜଗନ୍ନାଥଙ୍କ ରଥଯାତ୍ରା ରେ ସୁନ୍ଦର ଆକର୍ଷଣୀୟ ଶୈଳୀରେ ଘଣ୍ଟବାଦ୍ୟ କରୁଥିବା ୨୧ଜଣ ସଦସ୍ୟଙ୍କୁ ମଞ୍ଚରେ ଅତିଥିମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା ।ଏହି କାର୍ଯ୍ୟକ୍ରମକୁ ସମ୍ପାଦକ ସଞ୍ଜୟ ନାୟକ ଓ ଉମା ଶଙ୍କର ମହାପାତ୍ର ପରିଚାଳନା କରିଥିଲେ ।ଗତ ଦିନରେ ସମାଜ ପକ୍ଷରୁ ଏକ ରକ୍ତ ଦାନ ଶିବିର ଆୟୋଜନ କରାଯାଇଥିଲା ।ଜିଲାର ବିଭିନ୍ନ ଅଞ୍ଚଳରୁ ପ୍ରାୟ ଚାରିଶହରୁ ଅଧିକ ସଦସ୍ୟ ସଦସ୍ୟା ଯୋଗଦାନ କରିଥିଲେ।

# ବେଗୁନିଆପଡା ପଞ୍ଚାୟତ ପରିକ୍ରମା କଲେ କବିସୂର୍ଯ୍ୟନଗର ବିଧାୟକ

- ପ୍ରତ୍ୟେକ ସାହି ବୁଲି ଦେଖିବା ସହିତ ବିକାଶ ମୂଳକ କାର୍ଯ୍ୟ ପାଇଁ ପ୍ରତିଶ୍ରୁତି ଦେଲେ
- ଯାତ୍ରାରେ ଖର୍ଚ୍ଚ କରିବା ଅପେକ୍ଷା ସଫେଇ କଲେ ଗାଁ ସଫା ରହିବ :ବିଧାୟକ



**ବେଗୁନିଆପଡା, ୭/୧ (ନି.ପ୍ର):** ବେଗୁନିଆପଡା ବ୍ଲକ ନିକଟସ୍ଥ ବେଗୁନିଆପଡା ବଜାର ସମେତ ପ୍ରତ୍ୟେକ ସାହିକୁ ସାହି ପରିଭ୍ରମଣ କରି ଲୋକଙ୍କ ସୁବିଧା ଅସୁବିଧା ବୁଝିଛନ୍ତି ମାନ୍ୟବର କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ନାୟକ । ଯୁବନେତା ତଥା ପୂର୍ବତନ ବେଗୁନିଆପଡା ବ୍ଲକ ଅଧକ୍ଷ ଜଗନ୍ନାଥ ସେଠୀଙ୍କ ତତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କବିସୂର୍ଯ୍ୟନଗର ମାନ୍ୟବର ବିଧାୟକ ପ୍ରତାପ ନାୟକଙ୍କ ସମେତ କୋଦଳା ନଗରପାଳ ସୂର୍ଯ୍ୟ ନାରାୟଣ ନାୟକ, ଯୁବନେତା ସୀତାରାମ ପାଣିଗ୍ରାହୀ, ଚିତ୍ରସେନ ପରିଡା, ଅଶୋକ ତାରିଣୀ, ନାରାୟଣ ସୁମନ୍ତରାୟ, ଆଲୋକ ଶତପଥି ପ୍ରମୁଖ ଯୋଗଦେଇ ବାଜା ରୋଷଣୀରେ ବେଗୁନିଆପଡାର ପ୍ରତ୍ୟେକ ସାହି ବୁଲିବା ସହିତ ଜଗନ୍ନାଥ ମନ୍ଦିର ମୁଖ୍ୟ ଦ୍ୱାରରେ ଆୟୋଜିତ ବୈଠକରେ ଯୋଗ ଦେଇଥିଲେ । ବେଗୁନିଆପଡା ବଜାର ଏବଂ ସାହିର ପରିମଳ ବ୍ୟବସ୍ଥା, ମେଡିକାଲରେ ଡାକ୍ତର ସମସ୍ୟା ଏବଂ ବଜାର ପାଇଁ ଗାଡି ପାର୍କିଙ୍ଗ ସମସ୍ୟା ତଥା ଏକ ମଲ୍ଟି କମ୍ପ୍ଲେକ୍ସ ମାର୍କେଟ ବିଲଡିଙ୍ଗ ତିଆରି କରିବା ପାଇଁ ଜନସାଧାରଣଙ୍କୁ ପ୍ରତିଶ୍ରୁତି ଦେବା ସହ ଆଗାମୀ ଏକ ବର୍ଷ ମଧ୍ୟରେ ଏ ସବୁ କାର୍ଯ୍ୟ ସାରିବା ନିମନ୍ତେ କହିଥିଲେ ବିଧାୟକ । ଭୋଟ ଦେଇ ଲୋକେ ସରକାର ବଦଳାଇ ଦେଲେ କିନ୍ତୁ ସମସ୍ତ କାର୍ଯ୍ୟ ସାରିବା ପାଇଁ ନିଜେ ନିଜେ ସମସ୍ତେ ଗୁରୁ ଦାୟିତ୍ୱ ନିଅନ୍ତୁ ବୋଲି ଆହ୍ୱାନ ଦେଇଥିଲେ ବିଧାୟକ । ଏହା ସହ ବେଗୁନିଆପଡା ସଫେଇ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ହେଉଛି ପ୍ରଥମ ପ୍ରାଥମିକତା ବୋଲି କହିଥିଲେ କୋଦଳା ନଗରପାଳ ଶ୍ରୀ ସୂର୍ଯ୍ୟ ନାରାୟଣ ନାୟକ । ଏହି କାର୍ଯ୍ୟକ୍ରମରେ ଅଙ୍ଗାରଗାଁ ସରପଞ୍ଚ ପ୍ରତିନିଧି ପୁର୍ଣଚନ୍ଦ୍ର ସେଠୀ, ମଠବରିଡା ସରପଞ୍ଚ ପ୍ରତିନିଧି ଭଗବାନ ପ୍ରଧାନ,ଖଣ୍ଡିଆନଇ ସରପଞ୍ଚ ପଙ୍କଜ ସେଠୀ, ବଚନ ଗୌଡ଼ ଙ୍କ ସମେତ ଶତାଧିକ କାର୍ଯ୍ୟକର୍ତ୍ତା ଯୋଗଦେଇ ବେଗୁନିଆପଡାର ପ୍ରତ୍ୟେକ ସାହି ପରିକ୍ରମା କରିଥିଲେ ।

# ସାତ ଟିକିଆ ହାତୀ ପଲଙ୍କ ଉପଦ୍ରବ: ଭାଙ୍ଗିଲା ଦୁଇ ଗରିବ ପରିବାରଙ୍କ ଘର



**କଙ୍କଡ଼ାହାଡ଼,୭/୧ (ନି.ପ୍ର):** ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ପୂର୍ବାଞ୍ଚଳ ରେଞ୍ଜ କଙ୍କଡ଼ାହାଡ଼ ବିଟ କେରଯୋଳି ପଞ୍ଚାୟତ ଅନ୍ତର୍ଗତ ଘୁଟୁରିଗାଁର ଖଗେଶ୍ୱର ମହାନ୍ତ ଏବଂ କେନ୍ଦୁମୁଣ୍ଡା ଗ୍ରାମର ରିନା ମୁଣ୍ଡାଙ୍କ ଘର ଭାଙ୍ଗିଲା ହାତୀ। ହାତୀ ଘର ଭାଙ୍ଗିବା ସହିତ ବର୍ଷକର ଅମଳ କରି ରଖିଥିବା ଧାନକୁ ଖାଇ ଦେଇଛି। ଖଗେଶ୍ୱର ମହାନ୍ତ ଜଣେ ମୁକ ବଧିର ହୋଇ ଥିବା ବେଳେ ରିନା ମୁଣ୍ଡା ଜଣେ ବିଧବା ମହିଳା ହୋଇଛନ୍ତି। ଦୁଇ ପରିବାରଙ୍କ ଉପରେ ଦାଉ ସାଝିଲା ହାତୀଙ୍କ ଉପଦ୍ରବ। ଧାନ ବିଲରୁ ଜଙ୍ଗଲି ବାରହା ଏବଂ ହାତୀଙ୍କ ମୁହଁରୁ ଛଡ଼ାଇ ଘରକୁ ଧାନ ଆଣି ଥିବା ବେଳେ ଦୁଇ ଅସହାୟ ପରିବାରଙ୍କ ପାଇଁ ଦାଉ ସାଧିଲା ହାତୀ ଉପଦ୍ରବ। ଖଗେଶ୍ୱର୍ ମହାନ୍ତଙ୍କ କୋଠା ଘର ଭାଙ୍ଗିବା ସହିତ ଆନୁମାନିକ ମୂଲ୍ୟ ଚାରି ଲକ୍ଷ ଟଙ୍କାର ଧାନ ସହିତ ଆଶବା ପତ୍ର ନଷ୍ଟ ହୋଇ ଥିବା ବେଳେ ରିନା ମୁଣ୍ଡାଙ୍କର ଚାଳ ଛପର କଚା ଘର ଭାଙ୍ଗିବା ସହିତ ହାରା ହାରି ଦୁଇ ଲକ୍ଷ୍ୟ ଟଙ୍କାର ଧନ ସମ୍ପତ୍ତି ନଷ୍ଟ ହୋଇଥିବା କହିଛନ୍ତି। ଏ ସଂକ୍ରାନ୍ତରେ ଖବର ପାଇ କଙ୍କଡ଼ାହାଡ଼ ବିଟ ର ବନ ବିଭାଗ କର୍ମଚାରୀ ପହଞ୍ଚି ଘଟଣାର ତଦନ୍ତ କରି କିଭଳି ସହାୟତା ରାଶି ମିଳି ପାରିବ ସେ ବାବଦରେ କହି ଥିଲେ ।ଏ ନେଇ ଉଭୟ ଅସହାୟ ଗରିବ ପରିବାର ସରକାରଙ୍କ ତରଫରୁ ମିଳିଥିବା ସହାୟତା ରାଶି ପ୍ରଦାନ କରିବାକୁ ଜିଲ୍ଲା ପ୍ରଶାସନଙ୍କୁ ନିବେଦନ କରିଛନ୍ତି।

# ମହାନଦୀ ରେ ଚାଲିଛି କୁମ୍ଭୀର ଗଣନା :ତିନୋଟି ଟିମରେ ୧୧ଜଣ କର୍ମଚାରୀ ନିୟୋଜିତ

## ମାଛ ମରା ଡଙ୍ଗା, କ୍ୟାମେରା ଓ ଦୂରବିକ୍ଷଣ ଯନ୍ତ୍ର ରହିଛି ନଜର



**ବୌଦ୍ଧ,୭/୧ (ନି.ପ୍ର):** ମହାନଦୀ ବନ୍ୟପ୍ରାଣୀ ବନାଞ୍ଚଳ ବୌଦ୍ଧ ଜିଲ୍ଲା ସାତ କୋଶିଆ ଗଣ୍ଡ ରେ କୁସଙ୍ଗ ରେଞ୍ଜ ପକ୍ଷରୁ ରେଞ୍ଜ ଅଧିକାରୀ ସଂସାର ବର୍ଗିଆ ଙ୍କ ନେତୃତ୍ୱ ରେ ଚଳିତ ବର୍ଷ ର କୁମ୍ଭୀର ଗଣନା କାର୍ଯ୍ୟକ୍ରମ ସୋମବାର ଦିନ ଆରମ୍ଭ ହୋଇଛି । ମହାନଦୀର ଏହି ଗଣ୍ଡ ରେ କୁମ୍ଭୀର ବଂଶ ରକ୍ଷା ପାଇଁ ସରକାର ପଦକ୍ଷେପ ନେଇଥିବା ବେଳେ ୨୦୨୪ମସିହାରେ ୩୫ଗୋଟି କୁମ୍ଭୀର ଅଣ୍ଡା ରୁ ସୁସ୍ଥ ଶାବକ ଜନ୍ମ ନେଇଥିଲେ । ବର୍ଷା ଋତୁ ପୂର୍ବରୁ କୁମ୍ଭୀର ଶାବକ ଅଣ୍ଡା ରୁ ଜନ୍ମ ନେଇଥିବାରୁ ନଦୀ ବନ୍ୟାରେ କିଛି ଶାବକ ପ୍ରତି ବର୍ଷ ଅନ୍ୟତ୍ର ଚାଲି ଯାଇଥାନ୍ତି । ପରି ଶେଷରେ ପ୍ରତି ବର୍ଷ ଅବଶିଷ୍ଟାଂଶ କୁମ୍ଭୀର ଙ୍କ ବଂଶ ରକ୍ଷା ନେଇ କୁମ୍ଭୀର ଗଣନା କାର୍ଯ୍ୟକ୍ରମ ହେଉଥିବା ବେଳେ ଚଳିତ ବର୍ଷ ରେଞ୍ଜ ର ମାରଡ଼ା ଠାରୁ ଶୀତଲ ପାଣି, ଶୀତଲ ପାଣି ଠାରୁ ହରଭଙ୍ଗା ଓ ହରଭଙ୍ଗା ଠାରୁ ଅ ଏ ଡା ତିନି ଭାଗରେ ତିନୋଟି ଟିମ ମାଛ ମରା ଡଙ୍ଗାରେ ନଦୀ ଭିତରେ କ୍ୟାମେରା, ଦୂର ବିକ୍ଷଣ ଯନ୍ତ୍ର ସାହାଯ୍ୟରେ କୁମ୍ଭୀର ଗଣନା କରୁଛନ୍ତି । ଏହି ତିନି ଗୋଟି ଟିମ ରେ ଫରେଷ୍ଟର ପ୍ରଶାନ୍ତ ଗୁରୁ, ଅନ୍ତର୍ଯ୍ୟାମୀ ଯାନୀ, ଶ୍ରୀନିବାସ କହଁର, ଫରେଷ୍ଟ ଗାର୍ଡ ଗୋବିନ୍ଦ ମହାକୁଡ଼, ଘଡ଼ିଆଳ କୁମ୍ଭୀର ରିସର୍ଚ୍ଚ ପରସନ ଆଶହରାଜ ଖାଁ, ଓ ଛଅ ଜଣ ସ୍କ୍ୱାର୍ଡ କର୍ମଚାରୀ ସାମିଲ ରହିଛନ୍ତି । ଏହି କୁମ୍ଭୀର ଗଣନା କାର୍ଯ୍ୟକ୍ରମ ଆଜିଠୁ ତିନିଦିନ ଧରି ଚାଲିବା ନେଇ ରେଞ୍ଜ ଅଧିକାରୀ ସଂସାର ବର୍ଗିଆ ସୂଚନା ଦେଇଛନ୍ତି । ଅନ୍ୟ ପଟେ ଡିସେମ୍ବର ଶେଷ ସପ୍ତାହ ଠାରୁ ଜାନୁୟାରୀ ମାସରେ ଏହି ଗଣ୍ଡରେ ବୈଦେଶାଗତ ପକ୍ଷୀଙ୍କ ଆଗମନ ହେଉଥିବା ରୁ ଚଳିତ ମାସ ଆସନ୍ତା ୯ତାରିଖ ରୁ ପକ୍ଷୀ ଗଣନା ହେବା ନେଇ ରେଞ୍ଜ ପକ୍ଷରୁ ସୂଚନା ମିଳିଛି ।

# ବହୁଜନ ସମାଜ ପାର୍ଟିର ବୈଠକ ଓ ନୂତନ କମିଟି ଗଠନ

**କଲ୍ୟାଣସିଂହପୁର,୭/୧ (ନି.ପ୍ର):** ରାୟଗଡା ଜିଲା କଲ୍ୟାଣସିଂହପୁର ବ୍ଲକ ସଦର ଡାକବଙ୍ଗଳା ଠାରେ ବହୁଜନ ସମାଜ ପାର୍ଟିର ବୈଠକ ଓ ନୂତନ କମିଟି ଚୟନ କରାଯାଇଛି । ବହୁଜନ ସମାଜ ପାର୍ଟିର ଜିଲା ସଭାପତି ଜିତୁ ଜାକେସିକାଙ୍କ ନେତୃତ୍ୱରେ ବିଷମକଟକ ନିର୍ବାଚନ ମଣ୍ଡଳୀ ବହୁଜନ ସମାଜ ପାର୍ଟିର ନିର୍ବାଚନି କମିଟି ଉପସ୍ଥିତ ରହି କଲ୍ୟାଣସିଂହପୁର ବ୍ଲକର ବୈଠକ ସହ ନୂତନ କମିଟି ଚୟନ କରାଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ କୋରାପୁଟ ସାଂସଦୀୟ କ୍ଷେତ୍ରର ଜିତୁ ଜାକେସିକା ଉପ ସଂଯୋଜକ କୃଷ୍ଣ ମହାନନ୍ଦିଆ ଯୋଗ ଦେଇଥିବା ବେଳେ ଜିଲା ସଭାପତି ଜାଗାମ ବେନିଆ , ଭୀମ ପ୍ରେପକା ମଞ୍ଚାସିନ ରହିଥିଲେ । ଆଗାମୀ ନିର୍ବାଚନକୁ ଆଖି ଆଗରେ ରଖି ଉକ୍ତ ବ୍ଲକରେ କିପରି ଅଧିକା ଭୋଟ ପାଇ ନିର୍ବାଚନରେ ଜିତିପାରିବେ ସେ ବିଷୟରେ ପୁଙ୍ଖାନୁପୁଙ୍ଖ ଭାବରେ ଦଳୀୟ କର୍ମୀ ମାନଙ୍କ ସହ ଆଲୋଚନା କରିଥିଲେ ।

ଏହାପରେ ବ୍ଲକ ଦଳୀୟ କର୍ମୀ ମାନଙ୍କୁ ନେଇ ଏକ କମିଟି ଚୟନ କରାଯାଇଛି । କେଶରୀ ଭତ୍ରା ଉପଦେଷ୍ଟା, ବିସିକେଶନ ବାଗ ପ୍ରଭାରୀ,ବ୍ଲକ ସଭାପତି କୃପାସିନ୍ଧୁ ଭତ୍ରା,ଉପ ସଭାପତି ମନୁ ପୀଡିସିକା,ସାଧାରଣ ସମ୍ପାଦକ ନିରନ ଭତ୍ରା,ସମ୍ପାଦକ କାମେଶ ସାରାକା,କଷାଧକ୍ଷ କର୍ଣ୍ଣ ଗାଣ୍ଟା ଓ ବହୁଜନ ଭଲେଣ୍ଟର ଫର୍ସ ଭାବେ ଶଙ୍କର କରକରିଆ ଙ୍କୁ ସର୍ବ ସମ୍ମତି କ୍ରମେ କମିଟି ଚୟନ କରାଗଲା । ଆଗକୁ ପଞ୍ଚାୟତ ନିର୍ବାଚନ ଥିବାବେଳେ ବହୁଜନ ସମାଜ ପାର୍ଟି ଆଗକୁ କେମିତି କାର୍ଯ୍ୟ କରିବ ଏଥି ନିମନ୍ତେ ବୈଠକ ଗଠନ କରି ପ୍ରତି ପଞ୍ଚାୟତ ରେ କିଭଳି ପଞ୍ଚାୟତ କମିଟି ଓ ୱାର୍ଡ କମିଟି ବୁଥ୍ କମିଟି ଗଠନ କୁ ଗୁରୁତ୍ୱ ହେବା ନେଇ ଆଲୋଚନା ହୋଇଯାଇଛି । ଏହି ବୈଠକ ରେ ବହୁଜନ ସମାଜ ପାର୍ଟିର ବହୁ କର୍ମୀ ଯୋଗଦନ ଦେଇଥିଲେ ଓ ପରିଶେଷରେ ଉପ ସଭାପତି ଜାଗାମ ବେନିଆ ସମସ୍ତ ଙ୍କୁ ସାଧୁବାଦ ସହ ସଭା ସାଙ୍ଗ କରିଥିଲେ।

# ଘୁ ଉଦୟଗିରି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବନବିହାର ଉତ୍ସବ



**ଘୁ ଉଦୟଗିରି ୭/୧ (ନି.ପ୍ର):** ଘୁ.ଉଦୟଗିରି ନିକଟସ୍ଥ ପଦା ସାହି ଶ୍ରୀରାମ ମନ୍ଦିର ଠାରେ ଶିଶୁଙ୍କ ବନ ବିହାର ଉତ୍ସବ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ସମ୍ପାଦକ ଶିବରାମ ସାହୁ( ଇନ୍ଦିରା ପ୍ରିୟଦର୍ଶିନୀ ମହିଳା ମହାବିଦ୍ୟାଳୟ ଅଧକ୍ଷ) ଦୀପ ପ୍ରଜ୍ୱଳନ ପୂର୍ବକ ଉଦଘାଟନ କରିଥିଲେ। ଶିକ୍ଷା ବିକାଶ ସମିତି ଦକ୍ଷିଣ ପୂର୍ବ ସମ୍ଭାଗ ସଂଯୋଜକ ଶ୍ରୀଯୁକ୍ତ ପ୍ରକାଶ ଚନ୍ଦ୍ର ତ୍ରିପାଠୀ ଏବଂ ସମ୍ଭାଗ ସଦସ୍ୟା ଗୀତାଞ୍ଜଳି ମହୋଦୟା, ସଙ୍କୁଳ ପ୍ରମୁଖ ପବିତ୍ର କୁମାର ସାହୁ ମଧ ଉପସ୍ଥିତ ଥିଲେ । ବିଦ୍ୟାଳୟ ର ସଭାପତି ଶ୍ରୀଯୁକ୍ତ ବିନୋଦ ବିହାରୀ ଦାଶ ଏବଂ ମୁଖ୍ୟ ଉପଦେଷ୍ଟା ଲବ୍ଧୁକେଶ୍ୱର ରଥ (ଅବସର ପ୍ରାପ୍ତ ପ୍ରାଧ୍ୟାପକ ଶିକ୍ଷା ବିଭାଗ) ଏବଂ ଯୁଗ୍ମ ସମ୍ପାଦକ ଭାସ୍କର ଚନ୍ଦ୍ର ସାମଲ, ସଦସ୍ୟା ସାଗରୀକା ପଣ୍ଡା ଉପସ୍ଥିତ ଥିଲେ ।ଉପଦେଷ୍ଟା ପ୍ରିୟବ୍ରତ ସାହୁ ମଧ ଉପସ୍ଥିତ ଥିଲେ ।ପ୍ରଧାନ ଆଚାର୍ଯ୍ୟ ମାଧବାନନ୍ଦ ଦାସ ଅତିଥି ଅଧିକାରୀଙ୍କ ପରିଚୟ ରଖିଥିଲେ। ସମସ୍ତ ଆଚାର୍ଯ୍ୟ ଆଚାର୍ଯ୍ୟା ଶିଶୁଙ୍କ କାର୍ଯ୍ୟକ୍ରମରେ ନିଷ୍ଠାର ସହ ଯୋଗଦାନ କରିଥିଲେ ।

# ଚାଷୀ ଙ୍କୁ ପ୍ରତିଶୃତି ପ୍ରତାରଣା ରେ ପରିଣତ ନହେଉ-କୃଷକ ସଭା ପକ୍ଷରୁ ପ୍ରେସମିଟ୍

**ଜଳେଶ୍ୱର,୭/୧ (ନି.ପ୍ର):** ଦୁନିଆ କୁ ଆହାର ଯୋଗାଇ ଆସୁଥିବା ଅନ୍ନଦାତା, ବିଭିନ୍ନ ସମୟରେ ପ୍ରତାରଣାର ଶୀକାର ହୋଇ, ଶୋଷିତ ହେଉଛି ।ବର୍ଷ ତମାମ ପରିଶ୍ରମ ସହିତ, ଧାର କରଜ ଓ ସଞ୍ଚିତ ପୁଞ୍ଜି ଖର୍ଚ୍ଚ କରି,ପ୍ରତିକୂଳ ପରିବେଶ ରେ ଫସଲ ଉପୁଜାଇଥିଲେ। କିନ୍ତୁ,ଧାନ ବିକ୍ରୟ ଓ ହୋଇ ପାରୁ ନଥିବା ରୁ ଚାଷୀ ଆଶା ଆଶଙ୍କାରେ ସୁଧ ଗଣି ଚାଲିଛି ।ପୂର୍ବେ ଡ଼ିସେମ୍ବର ପ୍ରଥମ ସପ୍ତାହ କିମ୍ବା ଦ୍ୱିତୀୟ ସପ୍ତାହ ରେ ସରକାରୀ ଧାନ କ୍ରୟ କେନ୍ଦ୍ର ଖୋଲା ହୋଇଥିଲେ ଚାଷୀ ସହଜରେ ବିକ୍ରି ସହିତ ବର୍ଦ୍ଧିତ ମୂଲ୍ୟ ମଧ୍ୟ ପାଇଥାନ୍ତେ ।ରବି ଚାଷ ପାଇଁ ପ୍ରସ୍ତୁତି ହେଉଥିବା ବେଳେ ଧାନ ଖଟି କୁ ସ୍ୱଳ୍ପ ମୂଲ୍ୟରେ ଧାନ ଟେକି ଦେଉଛନ୍ତି ।ସରକାର ବହୁ ବିଳମ୍ବ ରେ ଡ଼ିସେମ୍ବର ୨୭ ତାରିଖ ରେ ଧାନ ମପାଯିବ ବୋଲି ଘୋଷଣା କରିଥିଲେ ।ଘୋଷଣା ର ୧୧ ଦିନ ବିତିଯାଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ଜଳେଶ୍ୱର ବ୍ଲକ ର ୧୯ ଟି ସୋସାଇଟ ରେ ଧାନ କ୍ରୟ କାର୍ଯ୍ୟ ଆରମ୍ଭ ହୋଇନାହିଁ କି ସମସ୍ତ ଙ୍କ ଟୋକନ ଆସିନାହିଁ। ଅନ୍ୟ ପଟେ ଆନ୍ତଃରାଜ୍ୟ ସୀମାରେ ଇନଫୋର୍ମେଣ୍ଟ ଟିମ୍ ପ୍ରହରା ଦେବାରୁ



ଧାନ ଗାଡ଼ି ଚଳା ଚଳ ବନ୍ଦ ରହିଛି। କୌଣସି ଚାଷୀ, ପଶ୍ଚିମବଂଗ କୁ ଧାନ ବିକ୍ରୟ କରିବାକୁ ନେଲେ ସୀମାନ୍ତ ରେ କୁଇଣ୍ଟାଲ ପିଛା ୨% ରୋୟାଲିଟି ଆଦାୟ ହେଉଛି । ପ୍ରାକୃତିକ ଦୁର୍ବିପାକରେ,୭ଦିନ ମଧ୍ୟରେ କ୍ଷତି ପୂରଣ ମିଳିବ ବୋଲି ସରକାର ଘୋଷଣା କରିଥିଲେ ମଧ୍ୟ ଜଳେଶ୍ୱର ବ୍ଲକ ର ପ୍ରାୟ ୨୮୦୦ ଚାଷ ୯୮ଲକ୍ଷ ଟଙ୍କା କ୍ଷତିପୂରଣ ପାଇବାରୁ ଚାଷୀ ବଞ୍ଚିତ ଅଛନ୍ତି ।ଧାର କରଜ ରେ ବୁଡି ରହିଥିବା ଚାଷ କୂଳ, ପରିବାର ପ୍ରତିପୋଷଣ ପାଇଁ ଦୁଶ୍ଚିନ୍ତାରେ ଅଛନ୍ତି । ଏହାର ମିଛକ ଉଦାହରଣ ରାଇବଣିଆ ଅଞ୍ଚଳ ର ଦମ୍ପତି ଋଣ ସୁଝି ନପାରି ବିଷ ପିଇବାକୁ ବାଧ୍ୟ ହୋଇଥିଲେ। ଏଣୁ ଯୁଦ୍ଧକାଳୀନ ଭିତିରେ ୧୯ ଟି ଯାକ ସୋସାଇଟ ରୁ ଧାନ କ୍ରୟ କରିବା ଆରମ୍ଭ, ସହିତ,ପଞ୍ଜିକୃତ ଚାଷୀଙ୍କୁ ଟୋକନ ସହ ଏଫିକ୍ୟୁ ମାନକୁ କୋହଳ କରିବା, ଦାନା କ୍ଷତିଗ୍ରସ୍ତ ଏବଂ ଅଦିନିଆ ବର୍ଷା ରେ କ୍ଷତିଗ୍ରସ୍ତ ଚାଷୀଙ୍କୁ ଏକର ପିଛା ୧୫ହଜାର ଇନପୁଟ ସହାୟତା, କୁଇଣ୍ଟାଲ ପିଛା ରୟାଲ୍ଟି ନେବା ବନ୍ଦ କରିବା । ଚାଷୀଙ୍କୁ ବିଜୁଳି କର ଛାଡ଼ କରି ଜଳ କର କମାଇବା ପାଇଁ ଦାବି କରାଯାଇ ଆସନ୍ତା ୧୦ ତାରିଖ ମଧ୍ୟରେ ସମସ୍ତ ଦାବି ପୂରଣ ନହେଲେ କୃଷକ ସଭା ପକ୍ଷରୁ ଜଳେଶ୍ୱର ସମେତ ତମାମ ଜିଲ୍ଲା ରେ ରାସ୍ତା ଅବରୋଧ କରାଯିବ ବୋଲି ସୋମବାର,ସାମ୍ବାଦିକ ସମ୍ମିଳନୀ ରେ ସୂଚନା ଦିଆଯାଇଛି। ଏହା ସହିତ ନିକଟରେ ରାଇବଣିଆ ର ମାକଡ଼ିଆ ପଞ୍ଚାୟତ ରେ ୨୦ ଏକର ରୁ ଅଧିକ ଆଖୁ କିଆରୀ ସମ୍ପୂର୍ଣ ଭାବେ ପୋଡ଼ିଯାଇଛି । ଆଖୁ ଚାଷୀ ଙ୍କ କ୍ଷୟକ୍ଷତି ଆକଳନ କରି କ୍ଷତିପୂରଣ ଦେବା ସହିତ ଆଦିବାସୀ ବହୁଳ ରାଇବଣିଆ କୁ ବ୍ଲକ ଭାବରେ ଘୋଷଣା କରିବା, ରାଇବଣିଆ ର ଦମକଳ କେନ୍ଦ୍ର ଓ ତହସିଲ ପ୍ରତିଷ୍ଠା କରିବା ସଙ୍ଗେ ସଙ୍ଗେ କମର୍ଦ୍ଦା କୁ ବ୍ଲକ୍ ଭାବରେ ଘୋଷଣା କରିବାକୁ କୃଷକ ସଭା ପକ୍ଷରୁ ଦାବି କରାଯାଇଛି । ଉକ୍ତ ନ୍ୟାର୍ଯ୍ୟ ଦାବି ପୂରଣ ନହେଲେ ସି.ପି.ଆଇ.(ଏମ ) ଏବଂ କୃଷକ ସଭା ବ୍ୟାପକ ଆନ୍ଦୋଳନ କରିବାକୁ ରାଜରାସ୍ତା କୁ ଓହ୍ଲାଇବେ ବୋଲି ଚେତାବନୀ ଦିଆଯାଇଛି । ଜଳେଶ୍ୱର ସିପିଆଇ ଏମ ପାର୍ଟି କାର୍ଯ୍ୟାଳୟ ରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀ ରେ ଜିଲ୍ଲା କମିଟି ଉପସଭାପତି, ଦିଲ୍ଲୀପ କୁମାର ଗିରି ଙ୍କ ନେତୃତ୍ୱରେ, ଦିପ୍ତିମାନ ଆଚାର୍ଯ୍ୟ, କୃଷକ ନେତା ରବୀନ୍ଦ୍ର ବାରିକ, ଦିଲ୍ଲୀପ ପରିଡ଼ା,ରାଜୀବ ଲୋଚନ ପଣ୍ଡା,ପଲ୍ଲୁ ଦାସ, ଜ୍ଞାନେନ୍ଦ୍ର ଜେନା ପ୍ରମୁଖ କାର୍ଯ୍ୟ କର୍ତ୍ତା ଉପସ୍ଥିତ ଥିଲେ। ସୂଚନା ଯୋଗ୍ୟ ଗୁରୁଦାସପୁର ଅଞ୍ଚଳର କେତେକ ବ୍ୟବସାୟୀ, ଗ୍ରାମାଞ୍ଚଳ ରୁ ସ୍ୱଳ୍ପ ଦରରେ ଧାନ ସଂଗ୍ରହ କରି ଉଚ୍ଚ ମୂଲ୍ୟରେ ପଶ୍ଚିମବଂଗ କୁ ଚାଲାଣ କରୁଛନ୍ତି ।

## ସଂଗ୍ରାମୀ ଅମୂଲ୍ୟ ଦଳାଇ ଙ୍କ ଶ୍ରଦ୍ଧାଞ୍ଜଳି ସଭା

**ଜଳେଶ୍ୱର,୭/୧ (ନି.ପ୍ର):** ଜଳେଶ୍ୱର ବ୍ଲକ ନଛିମପୁର ଗ୍ରାମରେ ,ପୁଜ୍ୟ ପୂଜା କମିଟି ପକ୍ଷରୁ,ବାମପନ୍ଥୀ ସଂଗଠକ ସ୍ୱର୍ଗତ ଅମୂଲ୍ୟ ଦଳାଇ ଙ୍କ ଏକାଦଶାହ ରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି ।ସୋମବାର ଅପରାହ୍ନରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ କଂଗ୍ରେସ ନେତା ସୁଦାମ ଚରଣ ପାତ୍ର ମଞ୍ଚ ଆହ୍ୱାନ ଓ ଭାବ ବିହ୍ୱଳ ସ୍ମୃତି ଚାରଣ କରିଥିଲେ ।ବିଶିଷ୍ଟ ବାମପନ୍ଥୀ ନେତା ଶିତାଂଶୁ ସେନାପତି ସଭାପତି କରି ତାଙ୍କ,ସଂଗ୍ରାମୀ ଜୀବନ ଆଦର୍ଶ, ଆତ୍ମିକ ସମ୍ପର୍କ ବିଷୟରେ ସ୍ମୃତି ଚାରଣ ସହିତ ଶୋକାଞ୍ଜଳୀ ଅର୍ପଣ କରିଥିଲେ ।ଦୁଃଖ ଦୈନ୍ୟ ମଧ୍ୟରେ, ସତ୍ୟ, ନ୍ୟାୟ,ନିର୍ଭିକ ଆଦର୍ଶଗତ ଜୀବନ ସହିତ, ସେ ଜଣେ ଅନୁଷ୍ଠାନ ପ୍ରେମୀ, ଯାତ୍ରା ଅନୁରାଗୀ ଓ ହରି ଓମ୍ ଧର୍ମରେ ଦୀକ୍ଷିତ ହୋଇ କର୍ମଠ, ସଂଘର୍ଷ ଜୀବନ ନିର୍ବାହ କରୁଥିଲେ ।ମଞ୍ଚାସୀନ ନେତୃତ୍ୱ ମଧ୍ୟରେ, ବାମପନ୍ଥୀ ନେତା ଦିଲ୍ଲୀପ ଗିରି,ବରିଷ୍ଠ କଂଗ୍ରେସ ନେତା ଚିତ୍ତରଞ୍ଜନ ପରିଡା,ସମାଜସେବୀ ସପନ ଜେନା,ପୂର୍ବତନ ବ୍ଲକ କଂଗ୍ରେସ ସଭାପତି ରାଜୀବ ଲୋଚନ ପରିଡ଼ା,କବି ବସନ୍ତ ଦାସ,କବି ନରୋତ୍ତମ ପ୍ରଧାନ,ନାରୀ ନେତ୍ରୀ ରାଧାରାଣୀ ପାତ୍ର, ବାମପନ୍ଥୀ ନେତା ଦିପ୍ତିମାନ ଆଚାର୍ଯ୍ୟ,ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ତ୍ରିଲୋଚନ ଦାସ ଅଧିକାରୀ,ଗୋପୀନାଥ ଜେନା, କୃଷକ ନେତା ରବୀନ୍ଦ୍ର ବାରିକ,ଲକ୍ଷ୍ମୀଧର ଗିରି, ଜଙ୍ଗେଶ୍ୱର ଦତ୍ତ,ଅଧିର ହୁଇ,ଅଖୟ ଜେନା, ବସନ୍ତ ପ୍ରଧାନ,ପର୍ଶୁରାମ ସେନାପତି,ନରେନ ସିଂ,ଗୌରୀ ଶଙ୍କର ଗିରି,ଦୁର୍ଗା ଶଙ୍କର ଗିରି, ଅଜିତ ଦଳାଇ,ସୁଦର୍ଶନ ପାତ୍ର, ବସନ୍ତ ପାତ୍ର, ସରସ୍ୱତୀ ଗିରି, ନରୋତ୍ତମ ଗିରି,ଭାଇ ଅତୁଲ ଦଳାଇ,ପ୍ରମୁଖ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ ।ସଭା ଆରମ୍ଭ ରେ,ଅମର ଆତ୍ମାର ସଦଗତି ନିମନ୍ତେ ପ୍ରାର୍ଥନା ସହିତ ବସନ୍ତ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

## ନିୟୁଷ୍ଟାର ଡ୍ୟାନସ ଏକାଡେମିର ବାର୍ଷିକ ଉତ୍ସବ ଅନୁଷ୍ଠିତ



**କେନ୍ଦ୍ରାପଡ଼ା ୭/୧ (ନି.ପ୍ର):** ଗତକାଲି କେନ୍ଦ୍ରାପଡାର ଅଗ୍ରଣୀ କଳା, ଅଭିନୟ ଓ ନୃତ୍ୟ ଭିତ୍ତିକ ଅନୁଷ୍ଠାନ ' ନିୟୁଷ୍ଟାର ଡ୍ୟାନସ' ଏକାଡେମୀ ତାର ୧୨ତମ ବାର୍ଷିକ ଉତ୍ସବ ମହା ଧୂମ୍ ଧାମ୍ ଏବଂ ଆଡମ୍ବର ପୂର୍ଣ୍ଣ ସହକାରେ ରାମ ମନ୍ଦିର ପରିସର ମଧ୍ୟରେ ପାଳନ କରିଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀଯୁକ୍ତ ନୀଲୁ ମହାପାତ୍ର ଏବଂ ମୁଖ୍ୟ ବକ୍ତାଭାବେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶ୍ରୀଯୁକ୍ତ ଦେବାଶିଶ୍ ଧଳ, ସନମ୍ମାନୀୟ ଅତିଥୀଭାବେ ପ୍ରାକ୍ତନ ଓଡିଆ ଅଧ୍ୟାପକ ମୋହନ ଚରଣ ଜେନା ଏବଂ ୟୁକୋ ବ୍ୟାଙ୍କର ପରିଚାଳକ ମହେନ୍ଦ୍ର ପଟ୍ଟନାୟକ, ଓଡିଶୀ ନୃତ୍ୟଗୁରୁ 'ମା' ଜୟଶ୍ରୀ ଦାସ, 'ମା' ରେବତୀ ସାହୁ, ବାଲିଆ ଭାଗବତପୁର ସରପଞ୍ଚ ପ୍ରିୟଦର୍ଶିନୀ ନାୟକ ଓ ନୃତ୍ୟଗୁରୁ ଦୀପକଙ୍କ ବଡଭାଇ ଅକ୍ଷୟ କୁମାର ସାହୁ ପ୍ରମୁଖ ମଞ୍ଚାସୀନ ଅତିଥୀମାନେ ଉପସ୍ଥିତ ରହି ପ୍ରଥମେ କେନ୍ଦ୍ରାପଡାର ଆରାଦ୍ଧ୍ୟ ଦେବତା ପ୍ରଭୁ ଶ୍ରୀ ଶ୍ରୀ ସିଦ୍ଧ ବଳଦେବ ଜୀଉଙ୍କ ଫଟୋଚିତ୍ର ନିକଟରେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ନିୟୁଷ୍ଟାର ଡ୍ୟାନସ୍ ଏକଡେମୀର ବାର୍ଷିକ ଉତ୍ସବ ପାଳନ ସନ୍ଧ୍ୟାକୁ ଶୁଭାରମ୍ଭ କରିଥିଲେ । ଶୀତୁଆ ସଂନ୍ଧ୍ୟାର ମୁଖ୍ୟ ଆକର୍ଷଣ ଥିବା ସମସ୍ତଙ୍କର ଅତିପ୍ରିୟ ଓଡିଆ ଚଳଚିତ୍ରର ହାସ୍ୟ ଅଭିନେତା ଶଙ୍କର୍ଷଣ ପ୍ରଧାନଙ୍କୁ ମଞ୍ଚ ଉପରକୁ ପାଛୋଟି ନିଆଯିବା ପରେ ଅତିଥୀମାନେ ତାଙ୍କୁ ପୁଷ୍ପଗୁଚ୍ଛ ଉତ୍ତରୀୟ ଏବଂ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ । ପରେ ପରେ ଏହି କାର୍ଯ୍ୟକ୍ରମକୁ ନେଇ ମଞ୍ଚାସିନା ଅତିଥିମାନେ ନିଜ ନିଜର କିଛି ସମ୍ୟକ ବକ୍ତବ୍ୟ ରଖିବାପରେ ନିୟୁଷ୍ଟାର ଡ୍ୟାନସ୍ ଏକାଡେମୀର ପ୍ରାଣ ପ୍ରତିଷ୍ଠାତା ତଥା ନୃତ୍ୟଗୁରୁ ଦୀପକ କୁମାର ସାହୁଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଏବଂ ମାନପତ୍ର ଦେଇ ଅତିଥୀ ମାନେ ସମ୍ବର୍ଦ୍ଧିତ କରିଥିଲେ । ଅନ୍ୟାନ୍ୟ ବୟଜ୍ୟେଷ୍ଠ ଅତିଥୀ ରେବତୀ 'ମା' ଏବଂ ଗୁରୁମା ଜୟଶ୍ରୀ ଦାସ ଏବଂ ହାସ୍ୟ ଅଭିନେତା ଶଙ୍କର ଭାଇଙ୍କ ଦ୍ୱାରା ଏଡି.ଏମ୍ ନିଲୁ ମହାପାତ୍ର ଏବଂ ଅତିରିକ୍ତ ଏସ.ପି ଦେବାସିଶି ଧଳଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ପ୍ରଭୁ ଜଗନ୍ନାଥଙ୍କ ଆକର୍ଷଣୀୟ ଫଟୋଚିତ୍ର ଦିଆଯାଇ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା । ଯେତିକି ମଞ୍ଚରେ କୁନି କୁନି କଳାକାର ମାନଙ୍କ ନୃତ୍ୟ ଗୀତ ଓ ନିଖୁଣ ଅଭିନୟରେ ରାମ ମନ୍ଦିର ପରିସର ପ୍ରକମ୍ପିତ ହୋଇ ଉଠୁଥିଲା । ସେତିକି ମଧ୍ୟ ସମ୍ମୁଖରେ ବସି ଶୀତୁଆ ସଂନ୍ଧ୍ୟାରେ ନୃତ୍ୟ, ଗୀତର ଆସରକୁ ଦେଖି ମନ୍ତ୍ରମୁଗ୍ଧ ଓ ଆନନ୍ଦିତ ହୋଇ ସମସ୍ତ ଦୃର୍ଶ୍ୟା ବଳିକୁ ମନଭରି ଉପଭୋଗ କରୁଥିବା ହଜାର ହଜାର ଦର୍ଶକ ଏବଂ ଉପସ୍ଥିତ ଅଭିଭାବକ ମାନେ ଶୀତୁଆ ସଂନ୍ଧ୍ୟାର ମଜା ଓ ଆନନ୍ଦ ନେବାପାଇଁ ଆଉଟିକେ ଆଗକୁ ଯାଇ ରୋମାଞ୍ଚିତ ଓ ରଂଗୀନ କରିବାକୁ ନିମନ୍ତେ ନିଜେ ନିଜେ ମଞ୍ଚତଳେ ମଧ୍ୟ ନୃତ୍ୟ ଗୀତର ତାଳେ ତାଳେ ନାଚୁଥିବା ଓ ଝୁମିଥିବା ଦେଖିବାକୁ ମିଳିଥିଲା । ହାସ୍ୟ ଅଭିନେତା ଶଙ୍କର୍ଷଣ ପ୍ରଧାନଙ୍କ ହାସ୍ୟକଥା ଓ ନୀଖୁଣ ଅଭିନୟରେ ଦର୍ଶକମାନେ ଯେତିକି ଆନନ୍ଦ ମଜା ନେଉଥିଲେ, ମତୁଆଲା ହେଉଥିଲେ ।ସେତିକି ମନୋରଂଜନ ଧର୍ମି କାର୍ଯ୍ୟକ୍ରମକୁ ମଧ୍ୟ ମନଭରି ଉପଭୋଗ କରୁଥିଲେ । ମଞ୍ଚ ସମ୍ମୁଖରେ ବରିଷ୍ଠ ଆଇନଜୀବୀ ଶାନ୍ତି ସ୍ୱରୂପ ଭୂୟାଁ, ସାମ୍ବାଦିକ ପ୍ରଫୁଲ୍ଲ କୁମାର ଦାସ ଓ ନୀହାର ରଞ୍ଜନ ପରିଡ଼ା, ପ୍ରଦ୍ୟୁମ୍ନ ରାଉତ, ମୃତ୍ୟୁଞ୍ଜୟ ପରିଡ଼ା, ନୀହାର ରଞ୍ଜନ ସାହୁ, ସନ୍ତୋଷ ପୋଥାଳ, ବାଲିଆ ଭାଗବତପୁର ସରପଞ୍ଚଙ୍କ ପ୍ରତିନିଧି ସଂଗ୍ରାମ ସାହୁ, ଇନ୍ଦ୍ରମଣି ଜେନା ପ୍ରମୁଖ ବସି ଶୀତୁଆ ସଂଧ୍ୟା ନୃତ୍ୟ ଗୀତର ମଜା ନେଉଥିବା ଦେଖିବାକୁ ମିଳିଥିଲା ।

## ପୁଣି ବାସନ୍ତୀପଡିଆ ଠାରୁ ୨ଲକ୍ଷ ଟଙ୍କା ଛିନ୍ତାଇ

**ଜଳେଶ୍ୱର,୭/୧ (ନି.ପ୍ର):** ଜଳେଶ୍ୱର ବଡବଜାର ଶନି ମନ୍ଦିର ସନ୍ନିକଟ ଚାହା ଦୋକାନ ଆଗରୁ, ଜମି ବ୍ୟବସାୟୀ ଭୋଳାନାଥ ଜେନା ଙ୍କ ବାଇକ୍ ରୁ ୨ ଲକ୍ଷ୍ ଟଙ୍କା ହଡ଼ପ ହୋଇଛି । ସୋମବାର ଦ୍ୱିପ୍ରହରରେ ଦୋକାନ ସମ୍ମୁଖରେ ବାଇକ୍ ରଖି ଚାହା ଦୋକାନ କୁ ଯାଉଥିବା ବେଳେ ବାଇକ୍ ଉପରେ ବ୍ୟାଗ୍ ଭର୍ତ୍ତି ଟଙ୍କା କୁ ନେଇ ଦୁରୁବୃର୍ତ୍ତ ମାନେ ଚମ୍ପଟ ମାରିଥିଲେ। ଲୋକେ ଚିତ୍କାର କରି ଗୋଡ଼ାଇ ଥିବା ବେଳେ ଜଗନ୍ନାଥ ସଡକରେ ଅଗ୍ରୱାଲା ଛକ ପଶ୍ଚିମବଂଗ ପଟକୁ ପଳାଇଥିଲେ। ସିସିଟିଭି କେମେରା ଯାଞ୍ଚ୍ ହେବାରୁ,୪ଜଣ ଯୁବକ ୨ଟି ବାଇକ୍ ରେ ସନ୍ତର୍ପଣରେ ଏଭଳି ଝିନ୍ତାଇ ସଂଘଟିତ ହୋଇଥିବା ଜଣାପଡିଛି। ସେହି ବ୍ୟାଗରେ ତାଙ୍କର ବହୁ ଆବଶ୍ୟକୀୟ କାଗଜପତ୍ର ଥିବା ବେଳେ ଅନେକ ଟଙ୍କା ରହିଥିବା ଆଲୋଚନା ହେଉଛି ।ସୂଚନାଯୋଗ୍ୟ ଜଳେଶ୍ୱର ବଜାରରେ ଦିନକୁ ଦିନ ଛିନ୍ତାଇ ବଢିବାରେ ଲାଗିଛି । ଦୁଇଦିନ ତଳେ ଜଣେ ଅବସରପ୍ରାପ୍ତ ଶିକ୍ଷକ ଷ୍ଟେଟବ୍ୟାଙ୍କରୁ ୨ଲକ୍ଷ ଟଙ୍କା ନେଇ ଏକ ସ୍କୁଟିରେ ଘରକୁ ଫେରୁଥିବା ବେଳେ ଏକ ବାଇକ୍ ?ରେ ୨ଜଣ ଦୁବୃ ତାଙ୍କ ନିକଟରୁ ଟଙ୍କା ବ୍ୟାଗ ଛଡାଇ ନେଇଥିଲେ ।ଫଳରେ ବୃଦ୍ଧ ଜଣକ ଲହୁଲୁହାଣ ହୋଇଥିଲେ ।

## ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ଭଲିବଲ ଚମ୍ପିୟାନସିପ

**ବାରିପଦା ୭/୧ (ନି.ପ୍ର):** କେରଳଠାରେ ଅନୁଷ୍ଠିତ ହେବାକୁ ଥିବା ସର୍ବଭାରତୀୟ ଆନ୍ତଃବିଶ୍ୱବିଦ୍ୟାଳୟ ଭଲିବଲ ଚମ୍ପିୟାନସିପରେ ମୟୁରଭଞ୍ଜର ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ଅଂଶଗ୍ରହଣ କରିବାର ସୁଯୋଗ ପାଇଛି ଓ ଦଳରେ ସମୀର ରଞ୍ଜନ ପାଲ, ସୁନୀଲ କୁମାର ଧର, ବିନୋଦ ବେହେରା, ନିମାୟ ଚରଣ ବାଗ, ସତ୍ୟଜିତ ବାରିକ, ଦୁଲୁବା ବେଶ୍ରା, ମନୋଜ କୁମାର ସାହୁ, ଦେବବ୍ରତ ମିଶ୍ର, ଗୋବିନ୍ଦ ପ୍ରସାଦ ବାରିକ, ବିଦ୍ୟାପତି ସେଠି, ସଞ୍ଜୟ ମହାନ୍ତ ଓ ମାନସ ଦଳେଇ ସାମିଲ ଅଛନ୍ତି ଓ ଦଳ ସହିତ ମ୍ୟାନେଜର ଭାବେ ଶ୍ରଦ୍ଧାନନ୍ଦ ସାହୁ ଓ କୋଚ ଭାବେ ସତ୍ୟନାରାୟଣ ବାରିକ ଏବଂ ପ୍ରଦୀପ୍ତ ରଞ୍ଜନ ଦାସ କେରଳ ଗସ୍ତ କରିଛନ୍ତି ଓ ପ୍ରକାଶ ଥାଉକି ଏନ ଆଇ ଏସ କୋଚ ତଥା ରାଜ୍ୟ ଭଲିବଲ ଉପ ସଭାପତି ମନୋରଞ୍ଜନ ଜୀଉଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୨୨ ଡିସେମ୍ବର ରୁ ୩୧ ଡିସେମ୍ବର ମଧ୍ୟରେ ଚୟନ ଶିବିର ଅନୁଷ୍ଠିତ ହୋଇ ଖେଳାଳି ଚୟନ କରାଯାଇଥିଲା।

## ପେଟଛେଲା ପିତାପାଟ ଓ ଶଙ୍ଖପଦା ସ୍କୁଲର ପ୍ରଧାନ ଶିକ୍ଷକଙ୍କ ନାମରେ ଲାଞ୍ଚ ମାଗିବା ଅଭିଯୋଗ

**କେନ୍ଦ୍ରାପଡା ୭/୧ (ନି.ପ୍ର):** ମହାକାଳପଡା ବ୍ଲକ ଅନ୍ତର୍ଗତ ବଉଳକଣୀ ଗ୍ରାମ ପଞ୍ଚାୟତର ବଡତୋଟା ଛପାଲି ଗ୍ରାମର ମହାବୀର ସ୍ୱୟଂ ସହାୟିକା ଗୋଷ୍ଠିର ସମ୍ପାଦୀକା କଳ୍ପନା ବେହେରାଙ୍କ ସମେତ ସଭାପତି ମୋନାଲିକା ମଲ୍ଲିକ ଏବଂ ମହିଳା ସଦସ୍ୟା ଦୀପ୍ତି ତରାଇ, ରୀନାରାଣି ମଲ୍ଲିକ, ପ୍ରଭାତି ତରାଇ, କୌଶଲ୍ୟା ବେହେରା, କୁଞ୍ଜଲତା ବେହେରା, ଶଶ୍ମିତା ବେହେରା, ମମତା ବେହେରା ପ୍ରମୁଖ ଟାଉନ ହଲ ପରିସରରେ ଜିଲ୍ଲାପାଳ ଓ ଏସପିଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିରରେ ଭେଟି ଏକ ଲିଖିତ ଅଭିଯୋଗ ପତ୍ର ଦ୍ୱାରା ଜଣାଇଛନ୍ତି । ସେ ତାଙ୍କ ଅଭିଯୋଗରେ ଦର୍ଶାଛନ୍ତି ପେଟଛେଲା, ପିତାପାଟ ସହିତ ଶଙ୍ଖପଦା ୟୁଜି.ୟୁ.ପି.ଏସ ୩ଟି ସ୍କୁଲର ପ୍ରଧାନ ଶିକ୍ଷକ (୧) ରଘୁ ସେଠୀ, (୨) ନଟବର ମଲ୍ଲିକ, (୩) ରବି ଦାସ ନାମକ ୩ଜଣ ପ୍ରଧାନ ଶିକ୍ଷକ ପିଲା ମାନଙ୍କ ଦୁଇ ହଳ ଡ୍ରେସ ବାବଦକୁ ମୁଣ୍ଡପିଛି ୨ଶହ ଲେଖା ଟଙ୍କା ଦାବି କରିବା ଏବଂ ଲାଞ୍ଚ ନଦେବାରୁ ତିନୋଟି ସ୍କୁଲର ପ୍ରଧାନ ଶିକ୍ଷକ ଦୋକାନରୁ ଡ୍ରେସ ଆଣି ପିଲାଙ୍କୁ ଦେଇଛନ୍ତି । ଯେଉଁ ମହିଳା ମଣ୍ଡଳକୁ ଡ୍ରେସ ଦେବାକୁ ଜିଲ୍ଲାପ୍ରଶାସନ ଦାୟିତ୍ୱ ଦିଆଯାଇଥିଲା ସେମାନେ କପଡା କିଣି ୨୬ ଶହରୁ ଅଧିକ ଡ୍ରେସ ତିଆରି କରି ସାରିଥିବା ଏସ୍.ଏଚ୍.ଜି ଗ୍ରୁପ ଠାରୁ ଡ୍ରେସ ନନେବା ପାଇଁ ସିଧାସିଧା ମନାକରି ଦେବା ସହ ଅଶୀଳ ଭାଷାରେ ଗାଳିକରି ବିଦ୍ୟାଳୟ ପରିସରରୁ ତଡିଦେବା ଭଳି ସଙ୍ଗିନିରୁ ସଙ୍ଗୀନ ମୂଳକ ଲିଖିତ ଅଭିଯୋଗ ଆଣିଛନ୍ତି ଜିଲ୍ଲାପାଳଙ୍କ ନିକଟରେ। ଜିଲ୍ଲାପାଳ ସ୍ମୃତି ରଂଜନ ପ୍ରଧାନ ଏହି ଘଟଣାକୁ ଅତ୍ୟନ୍ତ ଗୁରୁତ୍ୱର ସହିତ ନେଇ ଏମିତି ଯଦି ପ୍ରକୃତରେ ଏଭଳି ଘଟଣା ଘଟିଥାଏ ତେବେ ଉପରୋକ୍ତ ପ୍ରଧାନ ଶିକ୍ଷକ ମାନଙ୍କ ନାମରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଶ୍ଚୟ ଗ୍ରହଣ କରାଯିବ ବୋଲି ପ୍ରତିଶୃତି ଦେବା ସହିତ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ତୁରନ୍ତ ଏହି ଘଟଣା ବିଷୟରେ ବୁଝିବା ପାଇଁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି । ତେବେ ଏଠି ପ୍ରଶ୍ନ ଉଠୁଛି ଯେ ଉପରୋକ୍ତ ଏସ୍. ଏଚ୍. ଜି ଗ୍ରୁପର ମହିଳା ମାନଙ୍କର ବ୍ଲକ ମିଶନ ଶକ୍ତି ତାଲିକାରେ ଡ୍ରେସ୍ ପ୍ରଦାନ କରିବା ପାଇଁ ତାଲିକାଭୁକ୍ତ କରାଯାଇଥିଲା। ତେଣୁ ସେମାନେ ଲକ୍ଷାଧିକ ଟଙ୍କାର କପଡା କିଣି ତିଆରି କରିଥିବା ଡ୍ରେସ ଗୁଡିକୁ ନେବ କିଏ ଏବଂ କେବେ ଅଭିଯୁକ୍ତ ୩ଜଣ ପ୍ରଧାନ ଶିକ୍ଷକ ମାନଙ୍କ ନାମରେ ନିଆଯିବ ଆଇନଗତ କାର୍ଯ୍ୟାନୁଷ୍ଠାନ । ଏହା ସହିତ କେବେ ସ୍ୱୟଂ ସହାୟିକା ମହିଳା ମାନଙ୍କୁ ମିଳିବ ଜିଲ୍ଲା ପ୍ରଶାସନ ଓ ବ୍ଲକ ପ୍ରଶାସନ ପକ୍ଷରୁ ନ୍ୟାୟ ଯାହା ଖାଲି ଦେଖିବାକୁ ବାକି ରହିଲା ।





## ମଦ ଦୋକାନ ସ୍ଥାନାତର ପ୍ରତିବାଦରେ ଅତିରିକ୍ତ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ

**କେନ୍ଦ୍ରାପଡ଼ା ୭/୧ (ନି.ପ୍ର):** ମହାକାଳପଡା ବ୍ଲକ ଅନ୍ତର୍ଗତ ଯଦୁପୁର ପଞ୍ଚାୟତ ଅଧୀନ ଓସ୍ତର ଗ୍ରାମ୍ୟ ଛକ ରାସ୍ତାରେ ଥିବା ବିଦେଶୀ ମଦ ଦୋକାନକୁ ସ୍ଥାନାନ୍ତର ବିରୋଧ କରି ଆଜି ଯଦୁପୁର ପଞ୍ଚାୟତ ସରପଞ୍ଚଙ୍କ ସହିତ ୧୦୦ ରୁ ଉର୍ଦ୍ଧ ଗ୍ରାମବାସୀ ମଦ ଦୋକାନ ସ୍ଥାନାନ୍ତର ନିମନ୍ତେ ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ରଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ମଦ ଦୋକାନକୁ ଲାଗି ମା ବ୍ରଜବୁଢ଼ି ସରକାରୀ ବିଦ୍ୟାଳୟ , ଗୋପୀନାଥପୁର ଶାସନ ସରକାରୀ ବିଦ୍ୟାଳୟ , ଗୋପୀନାଥପୁର ସଂସ୍କୃତ ମହାବିଦ୍ୟାଳୟ , ଗୋଷ୍ଟେଶ୍ୱର ମହାଦେବ ମନ୍ଦିର ଓ ଓସ୍ତର୍ ସାପ୍ତାହିକ ହାଟ ରହିଥିବାବେଳେ ଜିଲ୍ଲା ପ୍ରଶାସନ କିପରି ସେ ଜାଗାରେ ଥିବା ମଦ ଦୋକାନକୁ ସ୍ଥାନାନ୍ତର କରୁନାହିଁ ।



ବାରମ୍ବାର ଅଭିଯୋଗ ପରେ ପ୍ରଶାସନ ସବୁ ଜାଣି ନ ଜାଣିବାର ଅଭିନୟ କରିଚାଲିଛି । କାହା ଚାପରେ ଜିଲ୍ଲା ପ୍ରଶାସନ ଓ ଅବକାରୀ ବିଭାଗ ବଶବର୍ତ୍ତୀ ହୋଇ ନିରୀହ ସ୍କୁଲ କଲେଜ ମନ୍ଦିର ଓ ହାଟକୁ ଆସୁଥିବା ଜନସାଧାରଣ ଓ ସ୍କୁଲ ଓ କଲେଜ ଛାତ୍ର ଛାତ୍ରୀଙ୍କ ଅଶ୍ଲୀଳ ଭାଷାରେ ଗାଳିଗୁଲଜ ଏବଂ ମାଡଗୋଳ ହେବା ସହିତ ମା, ଭଉଣୀ ମାନଙ୍କ ଚରିତ୍ର ସଂହାର କରିବା ଫଳରେ ସ୍କୁଲ କଲେଜ ଛାତ୍ର ଛାତ୍ରୀ ଭୟବିତ ହୋଇ ପ୍ରତିଦିନ ପାଠ ପଢିବାକୁ ଯାଉଛନ୍ତି। ପ୍ରତ୍ୟେକ ଦିନ ସେହି ଚିରାଚରିତ୍ର ଘଟାନାମାନ ଘଟି ଚାଲିଥିବାରୁ ପିଲା ମାନେ ସ୍କୁଲ କଲେଜ ଓ ମହିଳା ମାନେ ମନ୍ଦିର ଯିବାକୁ ଡରୁଛନ୍ତି। ଏହି ମଦ ଦୋକାନ ସ୍ଥାନାନ୍ତର ଦାବି ପତ୍ର ଦେବାବେଳେ ସରପଞ୍ଚଙ୍କ ସହିତ ଦୁଷ୍ମନ୍ତ ସାହୁ,ସନ୍ଦୀପ ବିଶ୍ୱାଳ, ସନ୍ତୋଷ ବେହେରା, ଭିକାରୀ ବେହେରା ,ରୁଦ୍ର ପ୍ରସାଦ ନାୟକ, ବସନ୍ତ କୁମାର ସାହୁ, ସଲିଳ ବିଶ୍ୱାଳ, ଟୁନା ବିଶ୍ୱାଳ, ରବି ବେହେରା, ଓ ଅନ୍ୟ ଗ୍ରାମ ବାସୀ ମାନେ ଜିଲ୍ଲାପାଳ କାର୍ଯ୍ୟାଳୟରେ ଉପସ୍ଥିତ ରହି ଦାବିପତ୍ର ପ୍ରଦାନ କରିଥିଲେ । ଗ୍ରାମବାସୀ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି ଯେ ଆସନ୍ତା ୧୫ ଦିନ ମଧ୍ୟରେ ମଦ ଦୋକାନ ସ୍ଥାନାନ୍ତର ନହୁଏ ଗ୍ରାମବାସୀ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଜିଲ୍ଲା ପ୍ରଶାସନ ସହିତ ଅବକାରୀ ବିଭାଗକୁ ସୂଚନା ପ୍ରଦାନ କରିଛନ୍ତି ।

## ଶ୍ରୀନିବାସ ପ୍ରଧାନଙ୍କ ବିୟୋଗରେ ବଳାଙ୍ଗୀ ମହୋତ୍ସବର ଶୋକ ସଭା

**ବାରିପଦା ୭/୧ (ନି.ପ୍ର):** ବାରିପଦାର ବରିଷ୍ଠ ଓକିଲ ଲେଖକ, ସଂଗଠକ ତଥା ବଳାଙ୍ଗୀ ମହୋତ୍ସବର ପୂର୍ବତନ ସଭାପତି ଶ୍ରୀନିବାସ ପ୍ରଧାନଙ୍କର ବିୟୋଗ ରେ ବଳାଙ୍ଗୀ ମହୋତ୍ସବ କମିଟି ତରଫରୁ ବାରିପଦା ଠାରେ ଏକ ଶୋକ ସଭା ଅନୁଷ୍ଠିତ ହୋଇଯାଇଛି. ବଳାଙ୍ଗୀ ମହୋତ୍ସବର ପ୍ରତିଷ୍ଠାତା ସମ୍ପାଦକ ଶରତ ଚନ୍ଦ୍ର ନାୟକ ଙ୍କ ଅଧକ୍ଷ୍ୟତାରେ ଆୟୋଜିତ ସଭାରେ କମିଟିର ଅଧକ୍ଷ୍ୟ ଆଇନଜିବି ଅରବିନ୍ଦ ଦାସ, କୋଷାଧକ୍ଷ ଆଇନଜୀବୀ ଲିଙ୍ଗରାଜ ମିଶ୍ର, ସମ୍ପାଦକ ଦୀପକ କୁମାର ନାୟକ, ସଦସ୍ୟ ଆଇନଜୀବୀ ସାଇପଦ ରଂଜନ ମହାକୁଡ଼, ସଦସ୍ୟ ଆଇନଜୀବୀ ପ୍ରଦୀପ କୁମାର ପଲେଇ, ସହ କୋଷାଧକ୍ଷ ପିତାମ୍ବର ମଲ୍ଲିକ, ଉପଦେଷ୍ଟା ନରେନ୍ଦ୍ର ମୋହନ ସେନାପତି, ଉଦୟ ନାଥ ଜେନା, ସଦସ୍ୟ ରାଜେନ୍ଦ୍ର ମହାନ୍ତ ପ୍ରମୁଖ ଯୋଗଦେଇ ଅମର ଆତ୍ମାର ସଦଗତି ପାଇଁ ୨ମିନିଟ ନୀରବ ପ୍ରାର୍ଥନା କରିବା ସହ ସ୍ମୃତିଚାରଣ କରି ସ୍ୱର୍ଗତଃ ପ୍ରଧାନ ଏକାଧାରା ରେ ଜଣେ ବରିଷ୍ଠ ଆଇନଜୀବୀ ସହିତ ଜଣେ ଲେଖକ ଓ ସଂଗଠକକ ଭାବରେ ଜିଲ୍ଲା ଓକିଲ ସଂଘ , ବାରିପଦା ର ଦୁଇ ଥର ସଭାପତି ଭାବରେ ନିର୍ବାଚିତ ହୋଇଥିଲେ. ସେହିପରି ସେ ଦୀର୍ଘବର୍ଷ ଧରି ବଳାଙ୍ଗୀ ମୋହୋତ୍ସବ କମିଟିର ସଭାପତି ଏବଂ ବିଭିନ୍ନ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ସହ ଜଡିତ ଥିଲେ. ତାଙ୍କ ରଚିତ ମୟୁରଭଞ୍ଜ ଇତିବୃତ୍ତ ଓ ମହାରାଜା ଶ୍ରୀରାମ ଚନ୍ଦ୍ର ଶୀର୍ଷକ ଐତିହାସିକ ପୁସ୍ତକ ପାଇଁ ପାଠକ ମହଲ ରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ ବୋଲି କହିଥିଲେ।

# ପ୍ରଶାସନ, ଚୋରା ବାଲି ଉତ୍ତୋଳନ ସ୍ଥଳ, ପରିଦର୍ଶନ ବେଳେ, ମାଫିଆଙ୍କ କାଉନସିଲର ଙ୍କୁ ଆକ୍ରମଣ

**ଜଳେଶ୍ୱର,୭/୧ (ନି.ପ୍ର):** ଜଳେଶ୍ୱର ସହର କୁ ଲାଗି,ସେକ୍ ?ବାଡ଼ ସ୍ମାର୍ଟପାର୍କ ନିକଟ ସୁବର୍ଣ୍ଣରେଖା ନଦୀରୁ ଚୋରା ବାଲି ଉତ୍ତୋଳନକୁ ବିରୋଧ ହେବାରୁ ମାଫିଆଙ୍କ ଆକ୍ରମଣର ଶିକାର ହୋଇଛନ୍ତି କାଉନସିଲର ଓ ଗ୍ରାମବାସୀ ।ସୂଚନା ଅନୁସାରେ ଜଳେଶ୍ୱର ଅଞ୍ଚଳରେ ସମସ୍ତ ବାଲି ସୈରାତ ବନ୍ଦ ଥିବା ବେଳେ ଚୋରା ବାଲି ଉତ୍ତୋଳନ କରି ମୋଟା ଅଙ୍କର ଅର୍ଥ ରୋଜଗାର କରିବା,ଏକ କୁଟୀର ଶିଳ୍ପରେ ପରିଣତ ହୋଇଛି ।ସହର, ସନ୍ନିକଟ ସୁବର୍ଣ୍ଣରେଖା ର ସମ୍ବେଦନଶୀଳ ନଦୀ ବନ୍ଧ, ତଳକୁ ରାସ୍ତା ନିର୍ମାଣ କରି,କେତେକ ଗୋଷ୍ଠୀ, ଚୋରା ରେ ବାଲି ଉତ୍ତୋଳନ ଓ ଚାଲାଣ କରୁଥିଲେ ।ଦୁର୍ବଳ ନଦୀବନ୍ଧ ଦର୍ଶାଇ ଓ ଜଳେଶ୍ୱର ସହର ମଧ୍ୟରେ ବାଲି ଚାଲାଣ ବନ୍ଦ ଲାଗି ସ୍ଥାନିୟ କାଉନସିଲର ଙ୍କ ନେତୃତ୍ୱରେ ତହସିଲ ଦାର ଙ୍କୁ ସୂଚନା ଦିଆଯାଇଥିଲା ।ରବିବାର ମଧାହ୍ନରେ ତହସିଲ ଦାର ସତ୍ୟଜିତ ମହାନ୍ତି,ଘଟଣା ସ୍ଥଳ ପରିଦର୍ଶନ ଯିବା ସହିତ, କାଉନସିଲର ସୁରଜ ଚୈରାସିଆ ଓ କେତେକ ଗ୍ରାମବାସୀ ସାଥିରେ ଯାଇଥିଲେ। ଫେରୁଥିବା ବେଳେ,ହଠାତ୍ ବାଲି ମାଫିଆ ମାନେ ସଂଘବଦ୍ଧ ଭାବେ, ହସିଲଦାର ଙ୍କ ସମ୍ମୁଖରେ ଲୋକ ଙ୍କୁ ନିସ୍ଠୁକ ପିଟିଛନ୍ତି। ଆକ୍ରମଣରେ ଜଳେଶ୍ୱର ପୌରପାଳିକାର ୨ ନମ୍ବର ୱାର୍ଡ କାଉନସିଲର ସୂରଜ ଚୌରାସିଆ ଙ୍କ ସମେତ ରାଜେଶ ସାମନ୍ତ, ନରେନ୍ଦ୍ର କୃଷ୍ଣ କଟାଳ, ନନ୍ଦ କୁମାର କଟାଳ, କମଳ ପାଳ, ଗ୍ରାମ୍ୟ ମୁଖ୍ୟ ଭଗୀରଥ ନାୟକ, କାର୍ତ୍ତିକଲାଲ ମାଇତି ପ୍ରମୁଖ ଗୁରୁତର ହୋଇଛନ୍ତି। ସଂଗେ ସଂଗେ ତହସିଲ ଦାର, ଆହତ ମାନଙ୍କୁ ତାଙ୍କ ଗାଡ଼ି ସାହାଯ୍ୟରେ ଜିକେ ଭଟ୍ଟର ହସ୍ପିଟାଲ ରେ ଭର୍ତ୍ତି କରାଇଥିଲେ ।ଘଟଣା ପ୍ରଘଟ ହେବାପରେ ବହୁ କାଉନସିଲର ଓ ପୌରାଦ୍ଧକ୍ଷ ଥାନାରେ ପହଞ୍ଚି ଘଟଣା ର ଘୋର ନିନ୍ଦା କରିଛନ୍ତି ।ଏନେଇ କାଉନସିଲର ଓ ଗ୍ରାମବାସୀ ଙ୍କ ପକ୍ଷରୁ ଜଳେଶ୍ୱର ଥାନାରେ ଅଭିଯୋଗ କରାଯାଇଛି ।ତହସିଲଦାର ଶ୍ରୀ ମହାନ୍ତି ମଧ୍ୟ ପୁଲିସ ନିକଟରେ ଲିଖିତ ବୟାନ ଦେଇଛନ୍ତି। ସୂଚନାଯୋଗ୍ୟ, ଅଞ୍ଚଳରେ ଲଘୁ ଖଣିଜ ଦ୍ରବ୍ୟ ର ଉତ୍ତୋଳନ ଓ ଚାଲାଣ ନେଇ ବିଭିନ୍ନ ସ୍ଥାନରେ ଗୋଷ୍ଠୀ କନ୍ଦଳ ଓ ବିବାଦୀୟ ପରିସ୍ଥିତ ଉପୁଜୁଛି ।ସୈରାତ ବନ୍ଦ ଥିବା ବେଳେ,ଚାହିଦା ଓ ଅର୍ଥ ପାଇଁ କ୍ରମାଗତ ବେଆଇନ୍ ବାଲି ଉତ୍ତୋଳନ ଯୋଗୁଁ ନଦୀବନ୍ଧ ଦୁର୍ବଳ ହେବା ସହ ନଦୀକୂଳିଆ ଙ୍କ ପାଇଁ ବିପଦ ସୃଷ୍ଟି ହେଉଛି। ସରକାରୀ ଭାବେ, ସୈରାତ ବନ୍ଦ ଥିବା ବେଳେ,କୋଟି କୋଟି ଟଙ୍କା ରାଜସ୍ୱ ହାନି ସହ , ଲଘୁ ଖଣିଜ ଚାଲାଣ, ଜନିତ ମାମଲା ବୃଦ୍ଧି ପାଇଛି। ଅନ୍ୟପକ୍ଷରେ ସରକାର ଆବାସ ଗୃହ ନିର୍ମାଣ,ଓ ଉନ୍ନୟନ ମୂଳକ କାର୍ଯ୍ୟ କୁ ତ୍ୱରାନ୍ୱିତ କରୁଛନ୍ତି। ଦୀର୍ଘଦିନ ଧରି,ବାଲି ଉତ୍ତୋଳନ ଓ ଚାହିଦା ପୁରଣ ରେ ସରକାରୀ ଙ୍କ ଦୋମୁହାଁ ନୀତି ଯୋଗୁଁ, ସାଧାରଣ ଲୋକେ,ମାଫିଆଙ୍କ ଆକ୍ରୋଶର ଶିକାର ହେଉଛନ୍ତି। ସୋମବାର ସକାଳେ ଘଟଣା ସ୍ଥଳରେ ପୁଲିସ ପହଞ୍ଚି ତଦନ୍ତ କରୁଥିବା ବେଳେ, ସ୍ଥାନୀୟ ଲୋକେ ବିଭିନ୍ନ କଥା କହିଛନ୍ତି।

**Affidavit**

By Virtue of as affidavit it sworn before Executive Magistrate Rayagada dt. 30.12.2024, I, Tedela Harshvardhan S/o Tedela Simachalam At: Pattla Street, Ward No-3, Rayagada, Po/Ps/Dist-Rayagada, Odisha-765001 declared that I change my name T. Harshvardhan to Tedela Harshvardhan vide Dr No- 1545, Dt.30.12.2024 for all purpose.

Tedela Harshvardhan

## ସଂପାଦକୀୟ

# ପଛୁଆବର୍ଗର ଉନ୍ନତି

ଦେଶ ସ୍ୱାଧୀନତା ହେବାର ୭୪ ବର୍ଷ ହେଲାଣି । ଦେଶରେ ଶିକ୍ଷିତ ଓ ଉଚ୍ଚ ବର୍ଗର ଲୋକମାନେ ଉପରକୁ ଉଠିବାରେ କୌଣସି ବାଧା ନାହିଁ । ଓଡ଼ିଶ ପରି ଏକ ପଛୁଆ ରାଜ୍ୟରେ ପ୍ରାୟ ପଚାଶ ପ୍ରତିଶତ ଲୋକ ହେଉଛନ୍ତି ଅନୁସୂଚିତ ଜାତି ଓ ଜନଜାତିର ଏବଂ ଆଉ କେତେକ ଅନ୍ୟାନ୍ୟ ପଛୁଆବର୍ଗର । ଆମ ରାଜ୍ୟରେ ସ୍ୱଚ୍ଛ ଓ ଶିକ୍ଷିତ ବର୍ଗର ଲୋକ ସଂଖ୍ୟା କମ୍ । ତେଣୁ ସେମାନଙ୍କ ସ୍ୱଚ୍ଛଳତା ବାରି ହୋଇପଡେ, ଅନ୍ୟମାନଙ୍କ ସହିତ ତୁଳନା କଲେ । ଗୋଟିଏ ବିଷୟରେ ଅନୁସୂିତ ବର୍ଗର ଜାତି ଓ ଜନଜାତି ତଥା ପଛୁଆ ବର୍ଗର ଗରିବମାନଙ୍କ ସଂଖ୍ୟା ପଚାଶ ପ୍ରତିଶତ । ଗତ ଦୁଇ ତିନି ବର୍ଷ ମଧ୍ୟରେ ସେମାନଙ୍କ ମଧ୍ୟରୁ ଅନେକଙ୍କୁ ଚାଘର ବା କୁଡ଼ିଆ ବଦଳରେ ପକ୍କାଘର ଯୋଗାଇ ଦିଆଯାଉଛି । ପାନୀୟ ଜଳ ଓ ପାଇଖାନା ମଧ୍ୟ ରହିଛି । ଏହା ଯେ ସେମାନେ ବର୍ତମାନ ବି ପୂର୍ବପରି ରହିଥିଲେ ମଧ୍ୟ ସେମାନଙ୍କୁ ପକ୍କାଘର ମିଳିଥିବାରୁ ସେମାନେ ସରକାରୀ ଗଣନାରେ ଭଲ ଅବସ୍ଥାରେ ଅଛନ୍ତି । ମୟୂରଭଞ୍ଜ, କେନ୍ଦୁଝର ପ୍ରଭୃତି ଜିଲ୍ଲାରେ ଅନୁସୂଚିତ ଜାତି ଓ ଜନଜାତିର ସଂଖ୍ୟା ଏବଂ ଅନନ୍ନତ କିଛି ବର୍ଗର ଲୋକ ଉପରକୁ ଉଠିବାରେ ପୂର୍ବପରି ବାଧାବିଘ୍ନ ଲାଗି ରହିଥିବାରୁ ଏବେ ସରକାର ସେମାନଙ୍କ ସଂଖ୍ୟା ଜାଣିବା ପାଇଁ ପଦକ୍ଷେପ ନେବା ସ୍ଥିର ହୋଇଛି । ଅନୁସୂଚିତ ଜାତି ଓ ଜନଜାତିଙ୍କର ଗୋଟିଏ ସୁବିଧା ଅଛି ଯେ, ସେମାନେ ଚାଳିଶି ପ୍ରତିଶତରୁ କିଛି ଅଧିକ ଶିକ୍ଷାକ୍ଷେତ୍ରରେ ଓ ନିଯୁକ୍ତି କ୍ଷେତ୍ରରେ ମଧ୍ୟ ଚାଳିଶ ପ୍ରତିଶତରୁ ଅଧିକ ସ୍ଥାନ ସଂରକ୍ଷଣ ସୁବିଧା ପାଇଛନ୍ତି । କିନ୍ତୁ ଏମାନଙ୍କ ଶିକ୍ଷା ଓ ନିଯୁକ୍ତିର ବିଶ୍ଲେଷଣ କଲେ ଜଣାଯାଏ ଯେ, ସେମାନଙ୍କ ମଧ୍ୟରୁ ତୁଳନାତ୍ମକ ଦୃଷ୍ଟିରେ କମ୍‌ସଂଖ୍ୟକ ସରକାରୀ ଓ ବେସରକାରୀ ଅନୁଷ୍ଠାନଗୁଡିକରେ ଉଚ୍ଚ ପଦପଦବୀରେ ନିଯୁକ୍ତ ଅଛନ୍ତି । ମୟୂରଭଂଜ ନିକଟବର୍ତୀ ଏକ ଖଣି ଅଂଚଳ, ଜାମ୍‌ସେଦ୍‌ର ଇସ୍ପାତ କାରଖାନା ଓ ଅନ୍ୟାନ୍ୟ ଶିଳ୍ପ ଅନୁଷ୍ଠାନରେ ବହୁ ବ୍ୟକ୍ତି ତଳଶ୍ରେଣୀରେ ନିଯୁକ୍ତି ପାଇଥିବାବେଳେ ଆସାମ ଚାକ୍ଷ ବଗିଚା, କୋଲକାତାର ମଧ୍ୟ ଅନେକ ଶିଳ୍ପାନୁଷ୍ଠାନରେ ଅନୁସୂଚିତ ଜାତି ଓ ଜନଜାତିର ଏବଂ ପଛୁଆ ବର୍ଗର ଲୋକମାନେ କାମ କରନ୍ତି । ଏହି ଲୋକମାନେ ବିଲବାଡି ଏବଂ ଅନ୍ୟାନ୍ୟ କ୍ଷେତ୍ରରେ ମଧ୍ୟ କାର୍ଯ୍ୟ କରନ୍ତି । କାରଣ ସତୁରୀ ବର୍ଷ ହେଲା ଏଇ ଅନୁସୂଚିତ ଜାତି ଓ ଜନଜାତି ତଥା ଅନ୍ୟାନ୍ୟ ପଛୁଆ ବର୍ଗଙ୍କ କ୍ଷେତ୍ରରେ ବେଶି କିଛି ଉନ୍ନତି ହୋଇନାହିଁ । ବରଂ ଗ୍ରାମାଂଚଳରେ ପ୍ରାଥମିକ ବିଦ୍ୟାଳୟମାନଙ୍କରେ ମଧ୍ୟାହ୍ନ ଭୋଜନ, ବହି ଓ ପୋଷାକ ଯୋଗାଇ ଦେଇ ପିଲାମାନଙ୍କ ମଧ୍ୟରେ ପାଠପଢ଼ା ନେଇ ଆଗ୍ରହ ସୃଷ୍ଟି କରିବା ପାଇଁ ସରକାରୀ ସ୍ତରରେ ପ୍ରଚେଷ୍ଟା ଚାଲିଛି । ସେଥିମଧ୍ୟରୁ କିଛି ପିଲା ପାଠଛାଡି ଅନ୍ୟକାମ ବା ମୂଲ କରିବା ପାଇଁ ସହରବଜାରକୁ ଯାଆନ୍ତି । ଏବେବି ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନରେ ସେମାନଙ୍କ ସଂଖ୍ୟା ଅପେକ୍ଷାକୃତ କମ୍ । ରାଜ୍ୟରେ ପଛୁଆ ବଗର ଓ ଜନଜାତିଙ୍କ ସଂଖ୍ରା ଅଧିକ ତଥାପି ସେମାନଙ୍କ ପାଇଁ ନିଯୁକ୍ତି ପାଇବା ସମ୍ଭାବନା ସନ୍ତୋଷଜନକ ନୁହେଁ । ଏମାନଙ୍କ ସଂଖ୍ୟା ଚିହ୍ନଟ କରି ଏମାନଙ୍କୁ ଶିକ୍ଷା ଓ ନିଯୁକ୍ତି କ୍ଷେତ୍ରରେ ସରକାର ସୁଦୃଷ୍ଟି ଦିଅନ୍ତେ, ତେବେ ଦଶବର୍ଷ ମଧ୍ୟରେ ସେମାଙ୍କ ମଧ୍ୟରୁ ଅନେକ ବିଭିନ୍ନ କ୍ଷେତ୍ରରେ ନିଯୁକ୍ତି ପାଆନ୍ତେ । ଏ ବିଷୟ କେବଳ ଓଡ଼ିଶା ନୁହେଁ, ଅନ୍ୟାନ୍ୟ ରାଜ୍ୟମାନଙ୍କ ପାଇଁ ମଧ୍ୟ ପ୍ରଣିଧାନଯୋଗ୍ୟ ।

# ଜଳବାୟୁ ନ୍ୟାୟ କ୍ଷେତ୍ରରେ ଭାରତବର୍ଷର ସବୁଜ ପ୍ରତିବଦ୍ଧତା

**ଡ. ଚିତରଂଜନ ମିଶ୍ର**

ଆମେରିକାର ରାଷ୍ଟ୍ରପତି ଭାବେ ଜୋ ବାଇଡେନଙ୍କ ନିର୍ବାଚନ ଜଳବାୟୁ ପରିବର୍ତନକୁ ସର୍ବୋଚ୍ଚ ଗ୍ଲୋବାଲ ଏଜେଣ୍ଡା ଭାବେ ବିଶ୍ୱ ପୃଷ୍ଠଭୂମିରେ ଉପସ୍ଥାପନ କରିବାରେ ପରମ ସହାୟକ ହୋଇପାରିଛି । ବିଶ୍ୱ ଜଳବାୟୁ ଉଚ୍ଚାଭିଳାଷର ଅଭିବୃଦ୍ଧି ପାଇଁ ତାଙ୍କର ପ୍ରତିଜ୍ଞାକୁ ରକ୍ଷା କରିବା କ୍ଷେତ୍ରରେ ଏହା ଏକ କୂଟନୈତିକ ଉଦ୍ୟମ ଭାବେ ପରମ ସହାୟକ ହୋଇଥିଲା । ଜଳବାୟୁ ପରିବର୍ତନ କ୍ଷେତ୍ରରେ ଅଟଳ ଓ ଦୃଢପ୍ରତିଜ୍ଞ ହେବା ସହ ଏହା ମଧ୍ୟ ଟ୍ରାନ୍ସ-ଆଟଲାଂଟିକ୍ ସଂପର୍କର ପୁନଃ ପ୍ରତିଷ୍ଠା କ୍ଷେତ୍ରରେ ତାଙ୍କ ପାଇଁ ଏକ ଅମୋଘ ଅସ୍ତ୍ର ଭାବେ ସାବ୍ୟସ୍ତ ହୋଇଥିଲା । ଅପର ପକ୍ଷରେ ଅନ୍ତର୍ଦ୍ଦେଶୀୟ ଫାଟକୁ ଆମେରିକୀୟ କଂଗ୍ରେସରେ ଥିବା ଡେମୋକ୍ରାଟମାନଙ୍କର କ୍ଷୀଣପ୍ରାୟ ନିୟନ୍ତ୍ରଣର କବଳରୁ ଦୂରକୁ ଠେଲି ଦେବାରେ ମଧ୍ୟ ଏହା ମହ□ର ଭୂମିକା ସଂପାଦିତ କରିଥିଲା । ଏହା ମଧ୍ୟ ତାଙ୍କ ଟିମ୍ ସଦସ୍ୟମାନଙ୍କର ପୂର୍ବାଧିକାରୀମାନଙ୍କ ଉଚ୍ଚାକାଙ୍କ୍ଷା ସହ ବେଶ୍ ତାଳ ଖାଉଅଛି ଯାହାକି ଆମେରିକାର ପୂର୍ବତନ ସେକ୍ରେଟାରୀ ଅଫ ଷ୍ଟେଟ ଓ ସଂପ୍ରତି ଜଳବାୟୁ ପରିବ□ନ କ୍ଷେତ୍ରରେ ଆମେରିକା ରାଷ୍ଟ୍ରପତିଙ୍କ ସ୍ୱତନ୍ତ୍ର କୂଟନୈତିକ ଦୂତ ଭାବେ ଅବସ୍ଥାପିତ ହୋଇଥିବା ଜନ କେରୀଙ୍କ ନେତୃତ୍ୱରେ ପରିଚାଳିତ ହେଉଅଛି । ଏହି ଟିମ୍‌ର ଅଧିକାଂଶ ସଦସ୍ୟ ପୁରୁଣା ଜଳବାୟୁ ଯୋଦ୍ଧା ଭାବେ ପରିଗଣିତ ହୋଇଥାନ୍ତି ଏବଂ ତନ୍ମଧ୍ୟରୁ ଅଧିକାଂଶ ଆମେରିକାର ପୂର୍ବତନ ରାଷ୍ଟ୍ରପତି ବିଲ୍ କ୍ଲିଂଟନଙ୍କ ସମୟରୁ ମଧ୍ୟ କାର୍ଯ୍ୟକରି ଆସୁଛନ୍ତି ।

**ଆମେରିକାର ଅଦମ୍ୟ ପଦକ୍ଷେପ** :ଏହା ଅତ୍ୟନ୍ତ କୌତୂହଳର କଥା ଯେ ଆମେରିକା ନିଜର ସ୍ୱତଃପ୍ରବୃତ୍ତ ପ୍ରତିବଦ୍ଧତା ସହ କେବଳ ଜଳବାୟୁ ପରିବର୍ତନ ସଂକ୍ରାନ୍ତୀୟ ପ୍ୟାରିସ ରାଜିନାମାରେ ତତ୍କାଳୀନ ଆମେରିକା ରାଷ୍ଟ୍ରପତି ବାରାକ୍ ଓବାମାଙ୍କ ଦସ୍ତଖତର ସଫଳତା ପଛରେ ଲମ୍ବା ପାହୁଣ୍ଡ ପକାଇ ଚାଲୁନାହିଁ ବରଂ ଏହା ପୂର୍ବତନ ରାଷ୍ଟ୍ରପତି ଜର୍ଜ ଡବ୍ଲ୍ୟୁ ବୁଶ୍‌ଙ୍କ ସମୟର ଅଙ୍ଗୀକାରବଦ୍ଧତାକୁ ମଧ୍ୟ ଅତ୍ୟନ୍ତ ସମ୍ମାନର ସହ ପାଳନ କରୁଅଛି । ମେଜର ଇକୋନୋମିକ ଫୋରମ ବା ପ୍ରମୁଖ ଅର୍ଥନୈତିକ ମତର ପୁନଃ ଆବାହନ କରିବା ସହ ଜଳବାୟୁ କାର୍ଯ୍ୟକ୍ରମର ଅଙ୍ଗଂଆରମ୍ଭ ସ୍ୱରୂପ ଏପ୍ରିଲ ୨୨-୨୩,୨୦୨୧ରେ ବିଶ୍ୱର ୪୦ଟି ଅଗ୍ରଣୀ ରାଷ୍ଟ୍ରମାନଙ୍କର ନେତୃବୃନ୍ଦଙ୍କୁ ନେଇ ଜଳବାୟୁ ଶିଖର ସମ୍ମିଳନୀର ଭର୍ଚୁଆଲ ପ୍ଲାଟଫର୍ମରେ ଆୟୋଜନ କରିବା ଆମେରିକା ରାଷ୍ଟ୍ରପତିଙ୍କ ଜଳବାୟୁ ପ୍ରତିବଦ୍ଧତାକୁ ସ୍ୱତଃ ପ୍ରମାଣିତ କରିଥାଏ । 'ପ୍ରମୁଖ ଅର୍ଥନୈତିକ ମଂଚ' ଯାହାକି ମାର୍ଚ୍ଚ-୨୦୧୯ରେ ଶୁଭାରମ୍ଭ ହୋଇଥିଲା ତାହା ଆମେରିକାର ପୂର୍ବତନ ରାଷ୍ଟ୍ରପତି ଜର୍ଜ ଡବ୍ଲ୍ୟୁ ବୁଶଙ୍କ ଯୁଗରେ ହିଁ ଜନ୍ମ ନେଇଥିଲା ଯାହାର ମୁଖ୍ୟ ଆଭିମୁଖ୍ୟ ଥିଲା ଜଳବାୟୁକୁ ପ୍ରଦୂଷିତ କରୁଥିବା ମୁଖ୍ୟ ନିର୍ଗମନକାରୀ ରାଷ୍ଟ୍ରମାନଙ୍କୁ ଆଣି ଗୋଟିଏ ମଂଚରେ ଠିଆ କରାଇବା । ଜଳବାୟୁ ପରିବର୍ତନ ଜନିତ ସମସ୍ୟାର ସମାଧାନ ପାଇଁ ଆଗକୁ ପାଦଟିଏ ପକାଇବା କ୍ଷେତ୍ରରେ ଏହା ମଧ୍ୟ ପ୍ରବଳ ଉଦ୍ୟମ, ସଫଳତା ଓ ଦୃଢ ପ୍ରତିଜ୍ଞାର ରୂପରେଖ ନେଇଛି । ଭିନ୍ନ ଭିନ୍ନ ରାଷ୍ଟ୍ରର ଭିନ୍ନ ଭିନ୍ନ କର୍ତବ୍ୟବୋଧ ଏବଂ ଐତିହାସିକ ଦାୟିତ୍ୱବୋଧ ସଂପର୍କିତ ନୀତି ନିୟମକୁ ପ୍ରଣିଧାନ ନକରି ଜଳବାୟୁ ପରିବର୍ତନ ଜନିତ ସମସ୍ୟାର ସମାଧାନର ସୂତ୍ର ଖୋଜି ବାହାର କରିବାକୁ ପଡିବ କାରଣ ଏହା ହେଉଛି ଜଳବାୟୁ ସମ୍ବନ୍ଧୀୟ କଥୋପକଥନର କେବଳ ମାତ୍ର ପବିତ୍ର ନୀତିନିୟମ ଓ ବିଶ୍ୱ ବାୟୁମଣ୍ଡଳରେ ସବୁଜ ଗୃହ ବାଷ୍ପର ଦଶନ୍ଧି ଦଶନ୍ଧି ଧରି ରାଜତ୍ୱର ଭୟଙ୍କର ପରିଣାମ । ବିଶ୍ୱରେ ମୁଣ୍ଡଟେକି ଦୃଶ୍ୟମାନ ହେଉଥିବା ଅର୍ଥନୀତି ସଂପନ୍ନ ରାଷ୍ଟ୍ରମାନେ ନିଜକୁ ସବୁଜ ଗୃହ ବାଷ୍ପର ମୁଖ୍ୟ ବା ଗୁରୁତ୍ୱପୂର୍ଣ୍ଣ ଉତ୍ସର୍ଜନକାରୀ ଭାବେ ନାମିତ କରିବାକୁ ପ୍ରବଳ ଅନିଚ୍ଛା ପ୍ରକାଶ କରିବା କାରଣରୁ ଏପ୍ରିଲ -୨୦୨୧ର ଶିଖର ବୈଠକକୁ 'ମେଜର ଇକୋନୋମିକ ଫୋରମ' ପରିବର୍ତେ 'ମେଜର ଇକୋନୋମିକ ମିଟିଂ' ବୋଲି ପୁନଃ ନାମିତ କରାଗଲା । ଏହା ପଛରେ ପ୍ରମୁଖ କାରଣଟି ଥିଲା 'ଗ୍ରସ୍ ଡୋମେଷ୍ଟିକ ପ୍ରୋଡକ୍ଟ ବା ମୋଟ ଆଭ୍ୟନ୍ତରୀଣ ଉତ୍ପାଦ (ଜି.ଡି.ପି) ସହ 'ଗ୍ରିନ ହାଉସ ଗ୍ୟାସ୍' ବା ସବୁଜ ଗୃହ ବାଷ୍ପ (ଜି.ଏଚ.ଜି) ର ସ୍ପଷ୍ଟ ସଂଯୋଗକରଣ । ଯଦିଓ ଏହି ମିଟିଂର ଅର୍ଥ ବା ଉଦ୍ଦେଶ୍ୟ କାହାକୁ ଅଛପା ନଥିଲା ତେବେ ଏହାର ଶୀରୋନାମାର ପୁନଃ ନାମକରଣ ବିଶ୍ୱରେ ମୁଣ୍ଡଟେକି ଦୃଶ୍ୟମାନ ହେଉଥିବା ଅର୍ଥନୀତି ସଂପନ୍ନ ରାଷ୍ଟ୍ରମାନଙ୍କ ପାଇଁ ଏହା ଏକ ବଡ ଅନୁଭବ ଥିବା ଯେଉଁଠାରୁ କି ପଛକୁ ଫେରିଆସିବାର ଆଉ କୌଣସି ସମ୍ଭାବନା ନଥିଲା ।

**କଠୋର ବାର୍ତା, ସୀମା କର ଧାର୍ଯ୍ୟକରିବା-** ଏଥରକ ବିଶ୍ୱର ବିଭିନ୍ନ ରାଷ୍ଟ୍ରମାନଙ୍କୁ ସବୁଜ ଗୃହ ବାଷ୍ପର ନିର୍ଗମନକୁ ହ୍ରାସ କରିବା କ୍ଷେତ୍ରରେ ପ୍ରଣୋଦିତ, ପ୍ରଚୋଦିତ ଓ ଉତ୍ସାହିତ କରିବାର ଅର୍ଥ ସେମାନଙ୍କୁ ଆଗକୁ ଠେଲିଦେବା ସହ ସମାନ ହୋଇଯାଇଛି ଅର୍ଥାତ୍ ସେମାନଙ୍କୁ କୁହାଯାଇଛି ଯେ ୨୦୫୦ମସିହା ସୁଦ୍ଧା ସବୁଜ ଗୃହ ବାଷ୍ପର ନିର୍ଗମନକୁ 'ନେଟ ଜିରୋ' ସ୍ତରକୁ ଆଣିବାକୁ ପଡିବ ଏବଂ ତତ୍‌ସହ ଏହି ଅନ୍ତର୍ଦ୍ଦେଶୀୟ ଲକ୍ଷ୍ୟସ୍ଥଳ ହାସଲ କରିବା ପାଇଁ ସେମାନଙ୍କୁ ବିଶ୍ୱସନୀୟ ଯୋଜନା ମଧ୍ୟ ପ୍ରସ୍ତୁତ କରିବାକୁ ପଡିବ । ବାସ୍ତବରେ ଚୀନ ଯେ କି ୨୦୬୦ ମସିହା ସୁଦ୍ଧା 'ନେଟ ଜିରୋ' ସ୍ତରରେ ପହଂଚିବା ପାଇଁ ସ୍ୱତଃସିଦ୍ଧ ବୋଲି ଗ୍ରହଣ କରିନେଇଛି ତାକୁ କଠୋର ବାର୍ତା ମାଧ୍ୟମରେ ତାଗିଦ କରି କୁହାଯାଇଛି ଯେ ନା ୨୦୬୦ ମସିହା ସୁଦ୍ଧା ନୁହେଁ ବରଂ ତୁମକୁ ୨୦୫୦ ମସିହା ସୁଦ୍ଧା 'ନେଟ ଜିରୋ' ସ୍ତରରେ ନିଶ୍ଚିତ ରୂପେ ପହଂଚିବାକୁ ପଡିବ ।

ଆମେରିକାର ନୂଆ ପ୍ରଶାସନର ଇଙ୍ଗିତ ଅନୁଯାୟୀ ମିଳିତ ଜାତିସଂଘର ମହାସଚିବ ବିଭିନ୍ନ ରାଷ୍ଟ୍ରମାନଙ୍କ ସହ କଥା ହୋଇ ସେମାନେ ତୁରନ୍ତ ନିଜ ନିଜ ରାଷ୍ଟ୍ରରେ 'ଜାତୀୟ ଜଳବାୟୁ ଜରୁରୀ ଅବସ୍ଥା' ଘୋଷଣା କରିବାକୁ ଆହ୍ୱାନ ଦେଇଛନ୍ତି ଏବଂ ସମ୍ମିଳିତ ଭାବେ ସେମାନେ କିଭଳି ୨୦୫୦ ମସିହା ସୁଦ୍ଧା 'କାର୍ବନ- ନ୍ୟୁଟ୍ରାଲ ୱାର୍ଲ୍ଡ' ବା ଅଙ୍ଗାରକ ନିରପେକ୍ଷ ବିଶ୍ୱ ପ୍ରତିଷ୍ଠା କରିବେ ସେ ନେଇ ବିହିତ ପଦକ୍ଷେର ନେବାପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଆଜିର ଦିନରେ ବିଶ୍ୱ ଅଙ୍ଗାରକାମ୍ଳ ବାଷ୍ପ ନିର୍ଗମନର ପ୍ରାୟ ୬୫ ପ୍ରତିଶତକୁ ପ୍ରତିନିଧିତ୍ୱ କରୁଥିବା ରାଷ୍ଟ୍ରମାନେ ଏହି ପ୍ରସ୍ତାବକୁ ଗ୍ରହଣ କରିଛନ୍ତି । ପରନ୍ତୁ ମିଳିତ ଜାତିସଂଘର ମହାସଚିବ ୨୦୨୧ ମସିହା ସୁଦ୍ଧା ଏହି ଛବି ୯୦ ପ୍ରତିଶତରେ ପହଂ୍ଚବା ଆଶା ବ୍ୟକ୍ତ କରିଛନ୍ତି । ଏ ସମସ୍ତ ଯୋଜନା ଏବଂ ତାହାର ସଂପାଦନ ନିଃସନ୍ଦେହ ଭାବେ ଆନ୍ତର୍ଜାତିକ ସମୀକ୍ଷା, ପରୀକ୍ଷା, ସତ୍ୟତାର ନିର୍ଣ୍ଣୟ ଓ ପ୍ରତିପାଦନ ଉପରେ ନିର୍ଭର କରିଥାଏ । କୌଣସି ରାଷ୍ଟ୍ର ପକ୍ଷରେ ଏହାକୁ ଅସ୍ୱୀକାର କରିବା ଏକ ଲଜ୍ଜାଜନକ ବିଷୟ ଭାବେ ସାବ୍ୟସ୍ତ ହେବ ଏବଂ ସେହି ରାଷ୍ଟ୍ରର ନାଁ ବଦନାମ ହେବା ସ୍ୱତସିଦ୍ଧ । ଐତିହାସିକ ଦାୟିତ୍ୱବୋଧ ଏବଂ ବିଭେଦୀକରଣର ନିଶ୍ଚିତରୂପେ ଏହି କଥୋପକଥନରେ କୌଣସି ସ୍ଥାନ ନାହିଁ ଏବଂ ବିକାଶର ଧାରା ମଧ୍ୟ ଏହାଦ୍ୱାରା ପ୍ରଭାବିତ ହୁଏ ନାହିଁ । ବିଶାଳ ଗର୍ଭରେ ଜନସଂଖ୍ୟାକୁ ଧାରଣ କରିଥିବା ଏବଂ ଏକ ବୃହତମ ଅର୍ଥନୀତି ସମୃଦ୍ଧ ରାଷ୍ଟ୍ରର ମାନ୍ୟତା ଲାଭ କରିଥିବା ଭାରତବର୍ଷ ଏଭଳି କଥୋପକଥନର ଛକ ରାସ୍ତାରେ ଦଣ୍ଡାୟମାନ ହୋଇଯିବାର ସମ୍ଭାବନାକୁ ଏଡାଇ ଦିଆଯାଇ ପାରିବନି ଯଦିଓ ଏହାର ମୁଣ୍ଡପିଛା 'କାର୍ବନ ଫୁଟ ପ୍ରି' ବା ଅଙ୍ଗାରକ ପାଦ ଚିହ୍ନ ଅସାଧାରଣ ଭାବେ କ୍ଷୁଦ୍ର ଏବଂ ଅତ୍ୟାବଶ୍ୟକ ବିକାଶ ଅତ୍ୟନ୍ତ ବିଶାଳକାୟ । ଏହି ପ୍ରସ୍ତାବିତ ଗ୍ଲୋବାଲ ଲକ୍ଷ୍ୟସ୍ଥଳର ଆହ୍ୱାନ ସହିତ ୟୁରୋପୀୟ ୟୁନିଅର ଅଙ୍ଗାରକ ସୀମା କର ଲାଗୁ କରିବାର ସ୍ୱତନ୍ତ୍ର ସମ୍ଭାବନାକୁ ମଧ୍ୟ ଏଡାଇ ଦିଆଯାଇନପାରେ । ଯେଉଁ ସବୁ ରାଷ୍ଟ୍ର ମାତ୍ରାଧିକ ଅଙ୍ଗାରକ ନିର୍ଗମନ ପରିମାଣର ଟାର୍ଗେଟକୁ ହ୍ରାସ ନକରିବେ ଅବା ଏ ନେଇ ବିଶ୍ୱ ରାଜିନାମା ନହୋଇପାରିଲେ ତାହା ଏକତରଫା ଭାବେ କରିବେ ସେହି ସବୁ ରାଷ୍ଟ୍ରମାନଙ୍କ ଉପରେ ଏହି ଅଙ୍ଗାରକ ସୀମା କର ଲାଗୁ କରାଯିବ । ଆଜିର ସ୍ଥିତି ଅନୁଯାୟୀ ଆମେରିକା ପ୍ରଶାସନ ଏହି ଅଙ୍ଗାରକ ସୀମା କରକୁ ନେଇ କୌଣସି ନିର୍ଦ୍ଦିଷ୍ଟ ମନୋଭାବ ବା ମତ ପୋଷଣ କରୁନାହିଁ । ହେଲେ କାଲି ସକାଳେ ଯେ ଚକ ନ ଘୁରି ଯିବ ସେ ସମ୍ଭାବନାକୁ ମଧ୍ୟ କେହି ଏଡାଇ ଦେଇପାରିବେ ନାହିଁ । ଏଭଳି ଏକ ଦୃଶ୍ୟପଟରେ ବିଶ୍ୱବାଣିଜ୍ୟ ପ୍ରତିଷ୍ଠାନର ସାଂପ୍ରତିକ ନିୟମ ଅନୁଯାୟୀ ପରିବେଶ ଦୃଷ୍ଟିକୋଣରୁ ଟିକସ ଆଦାୟର କୌଣସି ବ୍ୟବସ୍ଥା ନଥିଲେ ମଧ୍ୟ ତହିଁରେ ପରିବର୍ତନ କରିବା ମଧ୍ୟ କିଛି ବଡ କଥା ନୁହେଁ ।

**ପେ-ଇନ୍ ଚିନ୍ତାଧାରା ଆଧାରିତ ପୁଞ୍ଜିର ସୃଷ୍ଟି** -ଜଳବାୟୁ ଆଲୋଚନାରେ ପୁଞ୍ଜିର ମୁଦ୍ଦା ବିଶେଷ କରି ପୁଞ୍ଜିର ଅଭାବ ଏକ ଚିରସ୍ଥାୟୀ କଥା । ଏ ପରିପ୍ରେକ୍ଷୀରେ ଭାରତୀୟ ରିଜର୍ଭ ବ୍ୟାଙ୍କର ପୂର୍ବତର ଗଭର୍ଣ୍ଣର ରଘୁରାମ ରାଜନ ନିକଟ ଅତୀତରେ ଭାରତବର୍ଷ ପାଇଁ ଏକ ପ୍ରସ୍ତାବ ଉପସ୍ଥାପନା କରିଛନ୍ତି । ତାଙ୍କ ପ୍ରସ୍ତାବ ଅନୁଯାୟୀ ବିଶ୍ୱର ପ୍ରତ୍ୟେକ ରାଷ୍ଟ୍ର ମୁଣ୍ଡ ପିଛା ହାରାହାରି ୫ଟନ ଅଂଗାରକ ଉତ୍ସର୍ଜନ ବ୍ୟତିରେକ ଆହୁରି ଅଧିକ ଅଂଗାରକ ଉତ୍ସର୍ଜନ କଲେ ସେମାନଙ୍କୁ ଏକ 'ଗ୍ଲୋବାଲ ଫଣ୍ଡ'କୁ ଅର୍ଥ ଦେବାକୁ ପଡିବ । ଏହା ନିଶ୍ଚିତରୂପେ କୋଇଲାର ବ୍ୟବହାରକୁ ହତୋତ୍ସାହ କରୁଥିଲାବେଳେ ଅଣପାରମ୍ପରିକ ଶକ୍ତି ଉତ୍ସକୁ ପ୍ରୋତ୍ସାହିତ କରିଥାଏ । ଯେଉଁସବୁ ରାଷ୍ଟ୍ରମାନେ ଅଂଗାରକ ଉତ୍ସର୍ଜନର ବୈଶ୍ୱିକ ହାରାହାରି ପରିମାଣ ଠାରୁ ଅଧିକ ଉତ୍ସର୍ଜନ କରିବେ ସେମାନଙ୍କୁ ଏହି 'ଗ୍ଲୋବାଲ ଫଣ୍ଡ'ରେ ଅର୍ଥ ଦେବାକୁ ପଡିବ ଆଉ ଯେଉଁ ରାଷ୍ଟ୍ରମାନେ ବୈଶ୍ୱିକ ହାରାହାରି ପରିମାଣ ଠାରୁ କମ ପରିମାଣର ଅଙ୍ଗାରକ ଉତ୍ସର୍ଜନ କରିବେ ସେମାନେ ଏହି ଫଣ୍ଡରୁ ଅର୍ଥ ପାଇବେ । ଭାରତବର୍ଷର ପୃଷ୍ଠଭୂମିକୁ ଅନୁଧ୍ୟାନ କଲେ ଆମେ ଜାଣିପାରିବା ଯେ ଏଭଳି ଏକ ପ୍ରସ୍ତାବ ଆକର୍ଷଣୀୟ ହୋଇପାରେ କାରଣ ଆଜିର ଦିନରେ ଭାରତବର୍ଷରେ ମୁଣ୍ଡପିଛା ଅଙ୍ଗାରକାମ୍ଳ ବାଷ୍ପର ଉତ୍ସର୍ଜନ ପରିମାଣ ମାତ୍ର ୨ଟନ ଅଟେ ଏବଂ ଅଣପାରମ୍ପରିକ ଶକ୍ତି ଉତ୍ସକୁ ପ୍ରୋତ୍ଛାହନ ଦେବାରେ ଭାରତବର୍ଷ ମଧ୍ୟ ବିଶ୍ୱରେ ଅସାଧାରଣ ରେକର୍ଡ ସୃଷ୍ଟି କରିଛି । ପରନ୍ତୁ ଭାରତବର୍ଷ ଭଳି ଏକ ପ୍ରମୁଖ ଅର୍ଥନୀତି ସମୃଦ୍ଧ ରାଷ୍ଟ୍ର ଏଭଳି 'ଗ୍ଲୋବାଲ ଫଣ୍ଡ'ରୁ ଲାଭବାନ ହେବା ଅବା କୌଣସି ରିହାତି ପାଇବା କ୍ଷେତ୍ରରେ ରାଜନୀତି ପ୍ରତିବନ୍ଧକ ସାଜିବନିତ ? ହେଲେ ଏଭଳି ସମ୍ଭାବନା କ୍ଷୀଣ ଲାଗୁଛି । ଜଳବାୟୁକୁ ନେଇ ରାଷ୍ଟ୍ର ରାଷ୍ଟ୍ର ମଧ୍ୟରେ ସମାଧାନମୂଳକ ଆଲୋଚନା ବା ମୀମାଂସା କେବଳ ପରିବେଶ ଏବଂ ମାନବ ସୁରକ୍ଷା ଏବଂ ଏପରିକି ଶକ୍ତି ଉତ୍ସକୁ ନେଇ ନୁହେଁ ପରନ୍ତୁ ଏହା 'ଗ୍ଲୋବାଲ ଗଭର୍ଣ୍ଣାନ୍ସ' ଉପରେ ମଧ୍ୟ ପର୍ଯ୍ୟବସିତ ଅଟେ ଯାହାକି ଏବେ ଠାରୁ ଅତ୍ୟନ୍ତ ବଳିଷ୍ଠ ଭାବରେ ଅଗ୍ରସର ହେବ ଯାହା ଫଳରେ କି ଭାରତବର୍ଷ ଅର୍ଥନୈତିକ ଓ ରାଜନୈତିକ କ୍ଷେତ୍ର ସହ ନିଜର ଯାତ୍ରାପଥକୁ ମଧ୍ୟ ଅତ୍ୟନ୍ତ ଯତ୍ନର ସହ କ୍ରମାଙ୍କନ କରିପାରିବ । ଜଳବାୟୁ ନ୍ୟାୟ ଭାରତବର୍ଷ ପାଇଁ ଅତ୍ୟାବଶ୍ୟକ ଓ ବାଧ୍ୟତାମୂଳକ ଅଟେ । ଏହା ମାଧ୍ୟମରେ ଭାରତବର୍ଷ ନିଜର ସବୁଜ ଓ ପ୍ରକୃତିଧର୍ମୀ ଅଙ୍ଗୀକାରବଦ୍ଧତାକୁ ସ୍ୱତଃସିଦ୍ଧ କରିପାରିବା ସଂଗେ ସଂଗେ ନିଜର ସର୍ବଦିଗବ୍ୟାପ୍ତ ବିକାଶ ଓ ବୈଶ୍ୱିକ ଉଚ୍ଚାଭିଳାଷକୁ ମଧ୍ୟ ଚରିତାର୍ଥ କରିପାରିବ ଏବଂ ନିଜ ପାଇଁ କାର୍ବନ ଏବଂ ପଲିସି ସ୍ପେଶ ଉପଲବ୍ଧ କରିପାରିବ । ଭାରତବର୍ଷର କୂଟନୈତିକ ଏବଂ ସମାଧାନମୂଳକ ଆଲୋଚନା ସଂକ୍ରାନ୍ତୀୟ ସମସ୍ତ ପ୍ରଚେଷ୍ଟା ଖୁବଶୀଘ୍ର ଉପସଂହାରରେ ଉପନୀତ ହେବା ଏକାନ୍ତ ଆବଶ୍ୟକ ।

ବରମୁଣ୍ଡା ହାଉସିଂ ବୋର୍ଡ, ଭୁବନେଶ୍ୱର

# 'ବିନା ଯୁଦ୍ଧେ ଦେବି ନାହିଁ ସୂଚ୍ୟଗ୍ର ମେଦିନୀ'

**ଅନ୍ତର୍ଯାମୀ ପଟ୍ଟନାୟକ**

ତା ୦୩.୦୪.୨୦୨୧ରିଖରେ ଛତିଶଗଡ଼ ରାଜ୍ୟର ବିଜାପୁର ଜିଲ୍ଲା ଅନ୍ତର୍ଗତ ଟେକୁଲଗୁଡମର ପାହାଡ଼ରୁ ସୁରକ୍ଷାକର୍ମୀଙ୍କ ଉପରେ ନକ୍ସାଲଙ୍କ ଆକ୍ରମଣ ଆରମ୍ଭ ହୋଇ ପାହାଡ଼ ତଳ ଅଂଚଳରେ ଶେଷ ହୋଇଥିଲା, ଯେଉଁଥିରେ ବାଇଶଜଣ ଅର୍ଦ୍ଧ-ସାମରିକ ବାହିନୀ ସୁରକ୍ଷା କର୍ମୀ ଶହୀଦ ହୋଇଥିଲେ । ଅବଶ୍ୟ, କେନ୍ଦ୍ର ସରକାରଙ୍କ ତଥ୍ୟ ଅନୁସାରେ ଯୁଦ୍ଧ ବା ଅନ୍ୟ କୌଣସି ମୁକାବିଲାରେ ମୃତ ସାମରିକ ବା ଆଣ-ସାମରିକ ବାହିନୀର ଯବାନବାନଙ୍କୁ 'ଶହୀଦ ଉପାଧି'ରେ ଭୂଷିତ କରାଯିବାର ସରକାରୀ ନିୟମ ନାହିଁ ।ସୃଷ୍ଟି ଆରମ୍ଭରୁ 'ଜମି ପାଇଁ ନାଟ' ଚାଲିଆସିଛି । କିଏ, 'ବିନା ଯୁଦ୍ଧେ ଦେବି ନାହିଁ ସୂଚ୍ୟଗ୍ର ମେଦିନୀ' କହିଲା ବେଳକୁ ଆଉ କେହି କହୁଛନ୍ତି 'ଆମେ ଅଲବତ ନେବୁ' । ଓଡ଼ିଶା ସାହିତ୍ୟ ଜଗତର ଅନ୍ୟତମ ଉଜ୍ଜ୍ୱଳ ନକ୍ଷତ୍ର ଶ୍ରୀ କାଳନ୍ଦୀ ଚରଣ ପାଣିଗ୍ରାହୀଙ୍କ ଅମର କୃତି 'ମାଟିର ମଣିଷ'ର ବରଜୁ ସିନା ଗପରେ ନିଜ ସାନଭାଇ 'ଛକଡ଼ି' ପାଇଁ ସବୁ ଛାଡ଼ି ଦେଇ ପଳାଇଥିଲେ, କିନ୍ତୁ ବାସ୍ତବିକ ଜୀବନରେ ସେପରି ହୁଏ ନାହିଁ । 'ଆମେ ଚାଷୀ, ମୂଲିଆ, ଶ୍ରମିକ ଓ ଗରିବଙ୍କ ପାଇଁ ସଂଘର୍ଷରତ' ବୋଲି ଦାବି କରୁଥିବା ବାମପନ୍ଥୀମାନେ ୧୯୪୬ ମସିହାରୁ ୧୯୫୧ ମସିହା ଯାଏ ଛଅବର୍ଷ କାଳ ସେତେବେଳେ ମାଡ୍ରାସ ପ୍ରେସିଡେନ୍ସି ଅଧୀନରେ ଥିବା ତେଲେଙ୍ଗାନା ଓ ବିଦାର ଜିଲ୍ଲାରେ 'ଜମି ଚଷୁଛନ୍ତି ଯିଏ-ଜମିର ମାଲିକ ହେବେ ସିଏ' ଦାବିରେ ଆନ୍ଦୋଳନ କରିଥିଲେ । ଏହା ପରେ ବିନୋବାଜୀ 'ଭୂଦାନ ଆନ୍ଦୋଳନ' ଆରମ୍ଭ କରିଥିଲେ । ପଶ୍ଚିମବଙ୍ଗ ପ୍ରଦେଶର ଦାର୍ଜିଲିଂ ଜିଲ୍ଲାର ସିଲିଗୁଡ଼ି ସବ-ଡ଼ିଭିଜନ ଅନ୍ତର୍ଗତ ନକ୍ସଲବାରୀ ପଂଚାୟତର ବେଙ୍ଗାଇ-ଜୋତ ଗାଁରେ ତା ୨୫.୦୫.୧୯୬୭ରିଖରେ 'ଫସଲ ଉପରେ ଆମର ଅଧିକାର' କହୁଥିବା ଚାଷୀଙ୍କ ଉପରକୁ ପୋଲିସ ଗୁଳି ଚଳାଇବାରୁ ୯ଜଣ ଚାଷୀ ଓ ଦୁଇଜଣ ପିଲାଙ୍କର ମୃତ୍ୟୁ ହୋଇଥିଲା, ଯେଉଁଥିରୁ ଉଗ୍ର ବାମପନ୍ଥୀମାନେ ଆରମ୍ଭ କରିଥିଲେ 'ନକ୍ସଲବାରୀ ଆନ୍ଦୋଳନ' । ସେଇ ବାମପନ୍ଥୀମାନଙ୍କ ଭିତରୁ କିଛି ପଶ୍ଚିମବଙ୍ଗର ଶାସନରେ ଥିବାବେଳେ, ପୂର୍ବ-ମେଦିନାପୁର ଜିଲ୍ଲାର ନନ୍ଦିଗ୍ରାମ ଚାଷୀମାନେ 'ଶିଳ୍ପ ପାଇଁ ଜମି ଦେବେ ନାହିଁ' ବୋଲି ଜିଦ ଧରନ୍ତେ, ତା ୧୪.୦୩.୨୦୦୭ରିଖରେ, ସେହି ବାମପନ୍ଥୀ ସରକାରଙ୍କ ପୋଲିସ ଗୁଳିରେ ଚଉଦ ଜଣ ମରିଥିଲେ ଓ ଶହେ ଜଣ ନିଖୋଜ ହୋଇଥିଲେ । ସେହି ଜମିକୁ ଇଣ୍ଡୋନେସିଆର 'ସଲିମ ଶିଳ୍ପସଂସ୍ଥା'କୁ ଦିଆଯିବାର ଥିଲା, ଯେଉଁ ଶିଳ୍ପସଂସ୍ଥାର ପୂର୍ବତନ ମାଲିକ ଇଣ୍ଡୋନେସିଆରେ ଲକ୍ଷ ଲକ୍ଷ କମ୍ୟୁନିଷ୍ଟଙ୍କ ହତ୍ୟାର ଆୟୁଧ ଥିଲେ ।କିଛିବର୍ଷ ତଳେ ଏବେ ଭୀମା-କୋରେଗାଓଁ ଘଟଣାରେ ଆରୋପି ଭାରଭାର ରାଓ ଓଡ଼ିଶା ପ୍ରାନ୍ତର ଭୁବନେଶ୍ୱରର 'ରାଷ୍ଟ୍ରଭାଷା ପ୍ରଚାର ସମିତି ପଡ଼ିଆ'ରେ ଅନୁଷ୍ଠିତ ଏକ ସଭାରେ ଯୋଗ ଦେଇଥିଲେ । ତା' ପୂର୍ବରୁ ଏକ ଅନୁଶୀଳନରୁ ଜଣାପଡ଼ିଥିଲା ଯେ 'ତତ୍କାଳୀନ ବ୍ୟବସ୍ଥାରେ ମ୍ରିୟମାଣ ହୋଇ ବହୁ ସହରୀ ସ୍ୱାର୍ଥପର ଲୋକେ ବି ନକ୍ସଲ ଆନ୍ଦୋଳନ ପ୍ରତି ସମବେଦନା ରଖିଥିଲେ ଯାହା ନକ୍ସଲମାନଙ୍କ ଅଯଥା ହିଂସା ଯୋଗୁ ପୁଣି ମିଳେଇ ଯାଇଥିଲା' । ସେଇ ବାବଦରେ ତାଙ୍କୁ ଜଣେ ପଚାରନ୍ତେ ସେ କିଛି ଉତର ଦେଇନଥିଲେ । ପୋଲିସମାନେ ରାଜନୈତିକ ଚାପର ବଶବର୍ତୀ ହୋଇ ସାଧାରଣ ଜନତାଙ୍କୁ ନ୍ୟାୟ ପ୍ରଦାନ କରୁନଥିବାର ବାସ୍ତବିକତାରେ ମ୍ରିୟମାଣ ହୋଇ ପ୍ରକାଶ ସିଂ ନାମକ ଜଣେ ଅବସରପ୍ରାପ୍ତ ଆଇପିଏସ୍ ଅଧିକାରୀ ସୁପ୍ରିମକୋର୍ଟରେ 'ପୋଲିସ ସଂସ୍କାର' ପାଇଁ ଏକ ଜନସ୍ୱାର୍ଥ ମାମଲା ଦାଏର କରିଥିଲେ । ତା ୨୨.୧୨.୨୦୦୬ରିଖରେ ସୁପ୍ରିମକୋର୍ଟଙ୍କ ତରଫରୁ ଏକ ସାତଦଫା ନିୟମାବଳୀ ପ୍ରସ୍ତୁତ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା, ଯାହା ଗତ ପନ୍ଦର ବର୍ଷ ଧରି ବନ୍ଦ ଲଫାପରେ ରହିଛି । ଅବଶ୍ୟ ତାହା କାର୍ଯ୍ୟକାରୀ ହୋଇଥିଲେ ଯେ ଅବସ୍ଥାରେ ବିଶେଷ କିଛି ପରିବର୍ତନ ହୋଇଥାନ୍ତା ଓ ବିନା ନିର୍ଦ୍ଦେଶରେ ବି କରି ହୁଅନ୍ତା ନାହିଁ, ତାହା ଅଲଗା କଥା ।ସେଇ ପ୍ରକାଶ ସିଂହଙ୍କ ସହ ଏକ ସାକ୍ଷାତକାର Times of India ନାମକ ଏକ ସର୍ବଭାରତୀୟ ଅଂଗ୍ରେଜୀ ଭାଷାର ସମ୍ବାଦପତ୍ରର ତା ୪.୧୨.୨୦୧୮ରିଖର ସଂସ୍କରଣରେ ପ୍ରକାଶିତ ହୋଇଥିଲା । ସେହି ସାକ୍ଷାତକାରରେ, ତାଙ୍କ ପ୍ରତି 'ସରକାରଙ୍କ ବିଫଳତା ନକ୍ସଲବାଦର ଜନ୍ମଦାତା କି, ଜନ୍ମ ନେବାର ସୂଚନା କି' ରୂପକ ପ୍ରଶ୍ନର ଉତରରେ ସେ କହିଥିଲେ 'ଏପରି ମତାମତ ସମ୍ପୂର୍ଣ୍ଣ ରୂପେ ସ୍ପୃହଣୀୟ ନୁହେଁ, କିନ୍ତୁ ଏହା ବି ସତ୍ୟ ଯେ ଶାସକ ଓ ପ୍ରଶାସକମାନେ ସଠିକ ଭାବରେ କାମ କରୁନଥିବାରୁ ଏହାର ସୃଷ୍ଟି ହୋଇଛି । ରାଜନୈତିକ ଗୁଣ୍ଡା, ଜବରଦସ୍ତ ଚାନ୍ଦା ଆଦାୟକାରୀ ଓ ଲୁଟେରା ଶକ୍ତିମାନେ ଏହି ଆନ୍ଦୋଳନରେ ପଶିଯାଇଛନ୍ତି । ତଥାପି ବି, ବର୍ତମାନର ଗଣତାନ୍ତ୍ରିକ ପ୍ରକ୍ରିୟାରେ ଭରସା ରଖୁନଥିବା କିଛି ସମର୍ପିତ ଲୋକଙ୍କ ଦ୍ୱାରା ଏହି ଆନ୍ଦୋଳନ ଚାଲିଛି । ସରକାର 'ସହରୀ ନକ୍ସଲ'ଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଥିବା ବେଳେ ସହରର ଅନ୍ୟାନ୍ୟ ଦୁଷ୍ଟବ୍ରଣଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନ ହେବା ପରିତାପର ବିଷୟ । ସେହି ସହରୀ ଦୁଷ୍ଟବ୍ରଣମାନଙ୍କ ଭିତରେ ଅଛନ୍ତି ଜଙ୍ଗଲୀପଶୁଙ୍କ ଭଳି ବ୍ୟବହାର କରୁଥିବା (rapacious) ରାଜନେତା ଯିଏ କି ଦେଶର ରକ୍ତକୁ ଶୋଷୁଛନ୍ତି, ଦୁର୍ନୀତିଗ୍ରସ୍ତ ପ୍ରଶାସନିକ ଅଧିକାରୀ (Bureaucrats) ଯେଉଁମାନେ ନିଜ ପାଇଁ ଅମାପ ସମ୍ପତି ସୃଷ୍ଟି କରୁଛନ୍ତି ଏବଂ ଦୁର୍ନୀତିଗ୍ରସ୍ତ ପୋଲିସ ବ୍ୟକ୍ତିସମୂହ ଯେଉଁମାନଙ୍କର ଅପରାଧୀମାନଙ୍କ ସହ ଯୋଗସୂତ୍ର ରହିଛି । ଏମାନେ ମଧ୍ୟ ଅର୍ବାନ ନକ୍ସଲଙ୍କ ଭଳି ଗଣତନ୍ତ୍ର ପ୍ରତି ବିପଦ' । 'ସୂଚ୍ୟଗ୍ର ମେଦିନୀ' ପାଇଁ ଲଢେଇର କ'ଣ ସତରେ ଅନ୍ତ ଅଛି ?

# ବିପ୍ଳବ ବହ୍ନିର ଅନନ୍ୟ ନାମ ମାଳତୀ

**ହିମାଂଶୁ ଶେଖର ଆଚାର୍ଯ୍ୟ**

କେବଳ ଉତ୍କଳ ନୁହେଁ, ସମଗ୍ର ଭାରତର ମହୀୟସୀ ନାରୀ ମାନଙ୍କ ମଧ୍ୟରେ ମାଳତୀ ଚୌଧୁରୀ ଅଗ୍ରଗଣ୍ୟା । ତାଙ୍କ ଜୀବନ ସଂଘାତ-ସଂଘର୍ଷର ନିରବିଚ୍ଛିନ୍ନ ପ୍ରବାହ । ଜୀବନର ପ୍ରତ୍ୟେକ ମୁହୂର୍ତକୁ ସେ ଦେଶ ଓ ଦଶର ସେବାରେ ନିୟୋଜିତ କରିଛନ୍ତି । ଜଣେ ବିପ୍ଳବିଣୀ ଓ ଜନନାୟିକା ଭାବେ ସେ ଯେଉଁ ସଫଳତାଓ ସୁଖ୍ୟାତି ଅର୍ଜନ କରିଯାଇଛନ୍ତି ତାର ପଟାନ୍ତର ନାହିଁ । ଅଣଖିଆର ଭୋକିଲା ଚାଷୀର ପିଣ୍ଡାତଳ ହେଉ କି ପିକେଟିଂରେ ଆହତ ବାନର ସେନାର ପାପୁଲିରେ ମମତାର ମଲମ ବୋଲିହେଉ, ନୂଆଖାଲିର ବିଧ୍ୱସ୍ତ ମାନବିକତାର ମନୋବଳ ପ୍ରତିଷ୍ଠା ହେଉ କି ଦରିଦ୍ର-ଭୋକିଲାକୁ ଆହା କରିବାରେ ହେଉ ବା ବନ ଜଙ୍ଗଲ ପାହାଡ ଭିତରେ ଥିବା ଆଦିବାସୀଙ୍କ ଶୁଖିଲା ମୁହଁରେ ହସ ଫୁଟାଇବାରେ ହେଉ, ଜୀବନସାରା ସେବା ହେଉଛି ତାଙ୍କ ଜୀବନର ବ୍ରତ । ଏହି କିମ୍ବଦନ୍ତୀ ମହିଳା ୧୯୦୪ ମସିହା ଜୁଲାଇ ୨୬ ତାରିଖରେ କଲିକତା ସହରରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ପିତା ଥିଲେ ସେତେବେଳର ପାଟନା ହାଇକୋର୍ଟର ସୁନାମଧନ୍ୟ ବାରିଷ୍ଟର କୁମୁଦନାଥ ସେନ୍ । ପରବର୍ତୀ ପର୍ଯ୍ୟାୟରେ ସେ ହେଲେ ଜଗତସିଂହପୁର ଖେରସ ଗ୍ରାମର ଚୌଧୁରୀ ପରିବାରର କୁଳବଧୂ ଓ ମହାନ ଦେଶଭକ୍ତ ଓ ରାଷ୍ଟ୍ରନୀତିଜ୍ଞ ନବକୃଷ୍ଣ ଚୌଧୁରୀଙ୍କ ଧର୍ମପତ୍ନୀ । ବାଲ୍ୟକାଳରୁ ବିଶ୍ୱକବି ରବୀନ୍ଦ୍ରନାଥ ଠାକୁର, ବାପୁ ମହାତ୍ମା ଓ ସନ୍ଥ ବିନୋବାଙ୍କ ପ୍ରତ୍ୟକ୍ଷ ସଂସ୍ପର୍ଶରେ ଆସି ସେମାନଙ୍କ ତ୍ୟାଗ ଓ ଆଦର୍ଶରେ ନିଜକୁ ଗଢି ନେଇଥିଲେ । ସେହିପରି ପରେ ବଡ଼ ଯା' ରମାଦେବୀ, ଦେଢଶୁର ଗୋପବନ୍ଧୁ ଚୌଧୁରୀ, ସ୍ୱାମୀ ନବକୃଷ୍ଣ ଚୌଧୁରୀଙ୍କ ଆଦର୍ଶ ତାଙ୍କୁ ଜଣେ ସଫଳ ନାରୀନେତ୍ରୀ ହେବାରେ ଯଥେଷ୍ଟ ସହାୟକ ହୋଇଥିଲା । ପ୍ରଦୀପର ସଳିତା ଭଳି ତିଳ ତିଳ ନିଜେ ଜଳି ସ୍ୱାଧୀନତା ଆନ୍ଦୋଳନ,ପ୍ରଜାମଣ୍ଡଳ ଆନ୍ଦୋଳନ,ସମାଜବାଦୀ ଆନ୍ଦୋଳନ ଆଉ ନାଗରିକ ସୁରକ୍ଷାରେ ତାଙ୍କ ଅବଦାନ ଭୁଲିହେବନି ।

୧୯୨୭ ମସିହା ଜୁଲାଇ ୨୭ ତାରିଖରେ ବଙ୍ଗୀୟ ବ୍ରାହ୍ମକନ୍ୟା ମାଳତୀ ନବକୃଷ୍ଣ ଚୌଧୁରୀଙ୍କୁ ବିବାହ କଲାପରେ ତାଙ୍କର ଜୀବନର ଗତିପଥ ବଦଳି ଯାଇଥିଲା । ଏହାପରେ ସେ ମାଳତୀ ସେନ୍‌ରୁ ମାଳତୀ ଚୌଧୁରୀ ହୋଇ ଏକ ମହାନ ବିପ୍ଳବିଣୀ ମହିଳା ରୂପେ ଆତ୍ମପ୍ରକାଶ କରିଥିଲେ । ଦାମ୍ପତ୍ୟ ସୁଖକୁ ପଛରେ ପକାଇ ମାଳତୀ ଚୌଧୁରୀ ଜମିଦାର ଉଆସ ଛାଡି ତରିକୁନ୍ଦ ଠାରେ ଥିବା କୃଷି ଫାର୍ମରେ ଯାଇ ରହିଲେ । କଲିକତାର ସୁନାମଧନ୍ୟ ବାରିଷ୍ଟରଙ୍କ ଝିଅ ମାଳତୀଙ୍କ ପାଇଁ ନା ସେଠାରେ ଥିଲା ଗାଧୁଆଘର ନା ପାଇଖାନା । ଆଦର୍ଶ ପତ୍ନୀ ଥିଲେ ସେ । ସେଠାରେ ସ୍ୱାମୀ ନବକୃଷ୍ଣଙ୍କ ସହ ମିଶି ଚଳିବାରେ ମାଳତୀ ଦେବୀଙ୍କର କୌଣସି ଆପ□ ନଥିଲା । ଏହି କୃଷି ଆଶ୍ରମରେ ମାଳତୀ ଦେବୀ ସ୍ୱାମୀଙ୍କ ସହ ମିଶି କୃଷିକାର୍ଯ୍ୟ ଆରମ୍ଭ କରିଥିଲେ । ଏଥସହିତ ନୈଶ୍ୟ ବିଦ୍ୟାଳୟ ସ୍ଥାପନ, ଅସ୍ପୃଶ୍ୟତା ନିବାରଣ ଓ ଯୁବ ସଂଗଠନ ଆଦି କାର୍ଯ୍ୟକ୍ରମରେ ନିଜକୁ ସାମିଲ୍ କରିଥିଲେ ସେ । ସ୍ୱାମୀ ସ୍ତ୍ରୀ ଉଭୟେ କିଛିଦିନ ଏହି ଫାର୍ମରେ ରହିବା ପରେ ତରିକୁନ୍ଦ କୃଷିଫାର୍ମକୁ କର୍ମୀସଂଘକୁ ଦାନ କରିଦେଇଥିଲେ । ମାଳତୀ ଦେବୀ ନିଜର ସମସ୍ତ ସୁନା ଗହଣାକୁ ସଂଘ ହାତରେ ଅର୍ପଣ କରିଦେଇଥିଲେ । ଏଥିରୁ ମିଳିଥିବା ଟଙ୍କାରେ କଂଗ୍ରେସ ସମାଜବାଦୀ କର୍ମୀସଂଘର ମୁଖପତ୍ର 'ସାରଥୀ' ପତ୍ରିକା ପ୍ରକାଶିତ ହୋଇଥିଲା । ୧୯୩୪ରେ ଏହି ସଂଘ ସର୍ବ ଭାରତୀୟ କଂଗ୍ରେସ ଦଳରେ ମିଶିଯାଇଥିଲା ।

୧୯୩୦ ମସିହା ମାର୍ଚ୍ଚ ୧୨ ତାରିଖରେ ମହାତ୍ମାଗାନ୍ଧୀ ଲବଣ ସତ୍ୟାଗ୍ରହ ଡାକରା ଦେଲେ । ଓଡ଼ିଶାର ଇଂଚୁଡି ଓ କୁଜଙ୍ଗରେ ଏହି ଲବଣ ଆଇନ ଭଙ୍ଗକରି ମାଳତୀ ଚୌଧୁରୀ ଜେଲ୍ ଗଲେ । ଏହାପରେ ବିଦେଶୀ ଦ୍ରବ୍ୟ ବର୍ଜନ, ନିଶା ନିବାରଣ ଓ ଗାଁ ଗାଁ ବୁଲି ସତ୍ୟାଗ୍ରହ କାର୍ଯ୍ୟ କରିବା ଯୋଗୁ ସେ ବନ୍ଦୀ ହୋଇ ପୁଣି ଛ' ମାସ ପାଇଁ ଶିଶୁକନ୍ୟା ଉ□ରା ସହ ଭାଗଲପୁର ସେଂଟ୍ରାଲ୍ ଜେଲ୍‌ରେ ରହିଲେ । ୧୯୩୧ ମସିହା ଗାନ୍ଧୀ-ଇରୱିନ୍ ଚୁକ୍ତିରେ ମାଳତୀ ଦେବୀ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ପୁନଶ୍ଚ ୧୯୩୨ରେ ଗିରଫ ହୋଇ ଶିଶୁପୁତ୍ର ବିନାୟକ ସହ ହଜାରିବାଗ୍ ଜେଲ୍‌ରେ ରହିଥିଲେ । ୧୯୪୨ ମସିହା ଭାରତଛାଡ଼ ଆନ୍ଦୋଳନରେ ଯୋଗଦେବାରୁ ବ୍ରିଟିଶ୍ ସରକାର ତାଙ୍କୁ ଅଟକବନ୍ଦୀ କରି ରଖିଥିଲେ । ୧୯୪୨ରେ ଜେଲ୍‌ରୁ ମୁକ୍ତି ପାଇବା ପରେ ଦୁସ୍ଥ, ଦରିଦ୍ର, ଆଦିବାସୀ ଓ ଅନାଥ ଶିଶୁଙ୍କ ସେବା କରିବା ପାଇଁ ମାଳତୀ ଚୌଧୁରୀ ଅନୁଗୁଳ ଠାରେ ଆରମ୍ଭ କରିଥିଲେ ବାଜିରାଉତ ଛାତ୍ରାବାସ । ବାଜିରାଉତଙ୍କ ସ୍ମୃତିରେ ଆରମ୍ଭ ଏହି ଛାତ୍ରାବାସରେ ସେବା ଓ ତ୍ୟାଗର ମୂର୍ତିମନ୍ତ ପ୍ରତୀକ ଥିଲେ ସେ । ନବବାବୁ ଓ ମାଳତୀ ଦେବୀ ଏହି ଛାତ୍ରାବାସର ବାପାମା' ସଦୃଶ ଥିଲେ । ଏହି ଛାତ୍ରାବାସରେ ସେ ଦୁହେଁ ବାପି ଓ ନୁମା ନାମରେ ପରିଚିତ ଥିଲେ । ଦେଶ ସ୍ୱାଧୀନ ହେବାପରେ ମଧ୍ୟ ସେ ଆଦିବାସୀ ସେବା, ନାରୀ ଜାଗରଣ, କର୍ମୀ ତାଲିମ୍ ଆଦି କାର୍ଯ୍ୟକ୍ରମ କରିବା ସଙ୍ଗେ ସଙ୍ଗେ ଅନ୍ୟାୟ ଓ ଅନୀତି ବିରୋଧରେ ଜୀବନପଣ କରି ଲଢୁଥିଲେ । ନବକୃଷ୍ଣ ଚୌଧୁରୀ ମୁଖ୍ୟମନ୍ତ୍ରୀ ଥିବା ସମୟରେ ବି ମାଳତୀ ଦେବୀ ନିଜର କର୍ମକ୍ଷେତ୍ର ବାଜିରାଉତ ଛାତ୍ରାବାସ ସହିତ ପ୍ରତ୍ୟକ୍ଷ ଭାବେ ଜଡିତ ହୋଇ ରହିଥିଲେ । ଆଦିବାସୀଙ୍କ ମଧ୍ୟରୁ ଅଜ୍ଞାନ ଓ ଦାରିଦ୍ର୍ୟ ଦୂର କରିବା ପାଇଁ ଏବଂ ସେମାନଙ୍କ ଉପରେ ଚାଲିଥିବା ଅତ୍ୟାଚାର ଓ ଶୋଷଣକୁ ବନ୍ଦ କରିବା ପାଇଁ ସେ ଉତ୍କଳ ନବଜୀବନ ମଣ୍ଡଳ ଗଢିଥିଲେ ।

ଜଣେ ବିପ୍ଳବିଣୀ ଭାବେ ଦେଶର ସ୍ୱାଧୀନତା ଆନ୍ଦୋଳନରେ ଅଂଶଗ୍ରହଣ କରିବା ସହିତ ସମାଜରୁ ଦୁର୍ନୀତି, ଅନ୍ଧବିଶ୍ୱାସ ଓ କୁସଂସ୍କାର ଦୂର କରିବାରେ ମାଳତୀ ଦେବୀଙ୍କ ଦୃଢତା ତାଙ୍କୁ ଓଡ଼ିଶା ଇତିହାସରେ ସ୍ୱତନ୍ତ୍ର ସ୍ଥାନ ଦେଇଛି। ଖଟିଖିଆ ମଣିଷ, ଦରିଦ୍ର ଚାଷୀ ଓ ମଜଦୁର ହୃଦୟରେ ପ୍ରାଣ ସଂଚାର କରିବା ଥିଲା ତାଙ୍କ ଜୀବନର ବ୍ରତ । ଅର୍ଦ୍ଧଶତାବ୍ଦୀରୁ ଊର୍ଦ୍ଧ୍ୱ କାଳଧରି ମାନବ ସେବାରେ ନିଜକୁ ସେ ଉତ୍ସର୍ଗୀକୃତ କରିଛନ୍ତି । ସ୍ନେହ, ଆଦର ଓ ସେବାଯତ୍ନ ଯୋଗୁଁ ତାଙ୍କୁ ୧୯୮୭ରେ ଜାତୀୟ ପୁରସ୍କାର ମିଳିଥିଲା । ମହିଳା, ଶିଶୁକଲ୍ୟାଣ ଓ ଉନ୍ନୟନ କ୍ଷେତ୍ରରେ ତାଙ୍କର ଉଲ୍ଲେଖନୀୟ ଅବଦାନ ପାଇଁ ୧୯୮୮ରେ ତାଙ୍କୁ ଯମୁନାଲାଲ ବଜାଜ୍ ପୁରସ୍କାର ପ୍ରଦାନ କରାଯାଇଥିଲା । ଏସବୁ ଅର୍ଥକୁ ସେ ମାଳତୀ ଦେବୀ - ନବକୃଷ୍ଣ ଟ୍ରଷ୍ଟ ଗଠନରେ ବିନିଯୋଗ କରିଥିଲେ । ୧୯୯୫ରେ ଉତ୍କଳ ସମ୍ମାନ ଓ ୧୯୯୮ରେ ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟର ସର୍ବୋଚ୍ଚ ସମ୍ମାନ 'ଦେଶୀକୋତମ' ଉପାଧିରେ ତାଙ୍କୁ ଭୂଷିତ କରାଯାଇଥିଲା । ୧୯୯୮ ମସିହା ମାର୍ଚ୍ଚ ୧୫ ତାରିଖରେ ଏହି ମହୀୟସୀ ମହିଳା ଶେଷ ନିଶ୍ୱାସ ତ୍ୟାଗ କରିଥିଲେ ବାଜିରାଉତ ଛାତ୍ରାବାସରେ । କିନ୍ତୁ ସେ ଜୀଇଁ ରହିଛନ୍ତି ଆମ ମାନସ ପଟରେ ଚିରଦିନ ପାଇଁ । ସତରେ ତାଙ୍କ ତ୍ୟାଗର ତୁଳନା ନାହିଁ ।



# ବିଷାକ୍ତ ବେଙ୍ଗର ଦାମ୍ ଦେଢ଼ ଲକ୍ଷ ଟଙ୍କା

ଦୁନିଆର ସବୁଠାରୁ ବିଷାକ୍ତ ବେଙ୍ଗକୁ ନେଇ ଏବେ ଚର୍ଚ୍ଚା ଜୋରଧରିଛି। ଏହି ବିଷାକ୍ତ ବେଙ୍ଗର ବିଷ ଏକାଥରକେ ୧୦ଜଣ ଲୋକଙ୍କ ଜୀବନ ନେଇପାରେ ବୋଲି ଜଣାପଡ଼ିଛି। ଏହି ପ୍ରଜାତିର ବେଙ୍ଗ ଅନ୍ତର୍ଜାତୀୟ କଳା ବଜାରରେ ୨୦୦୦ ଡଲାର ଅର୍ଥାତ୍ ଭାରତୀୟ ମୁଦ୍ରାରେ ଦେଢ଼ଲକ୍ଷ ଟଙ୍କାରେ ବିକ୍ରି ହୋଇଥାଏ। ଏହି ପ୍ରଜାତିର ବେଙ୍ଗର ନାମ 'ପଏଜନ୍ ଡାର୍ଟ ଫ୍ରଗ୍'। ଏହା ଲୁପ୍ତପ୍ରାୟ। ଏହି ପ୍ରଜାତିର ବେଙ୍ଗ ସାଧାରଣତଃ ଦେଖିବାକୁ ହଳଦିଆ କିମ୍ବା କଳା ରଙ୍ଗର ହୋଇଥାନ୍ତି। ମାତ୍ର ଏହି ବେଙ୍ଗ ବିଭିନ୍ନ ରଙ୍ଗର ହୋଇଥାନ୍ତି। ଏହାର ଲମ୍ବ ୧.୫ ସେଂଟିମିଟରରୁ ୬ ମିଟର ପର୍ଯ୍ୟନ୍ତ ହୋଇଥାଏ। ସେହିପରି ଓଜନ ୨୮ରୁ ୩୦ ଗ୍ରାମ୍ ମଧ୍ୟରେ ରହିଥାଏ। ଏହି ପ୍ରଜାତିର ବେଙ୍ଗମାନେ ନିଜ ଅଣ୍ଡାର ଧ୍ୟାନ ନିଜେ ରଖିଥାଆନ୍ତି। ନିଜ ଅଣ୍ଡାକୁ ଏମାନେ କୌଣସି ଓଦାଳିଆ ସ୍ଥାନ କିମ୍ବା ଶୁଖିଲାପତ୍ର ଭିତରେ ଯତ୍ନ ସହକାରେ ଲୁଚାଇ ରଖନ୍ତି। 'ପଏଜନ ଡାର୍ଟ ଫ୍ରଗ୍'ର ବିଷ ସବୁଠାରୁ ମାରାତ୍ମକ। ବିଶେଷ ଭାବେ ଏହି ବେଙ୍ଗ ବୋରଲିବିୟା, କୋଷ୍ଟରିକା, ବ୍ରାଜିଲ, କଲମ୍ବିଆ, ଭେନଜୁଏଲା, ପେରୁ, ଗୁଆନା, ପାନାମା ଆଦି ଦେଶରେ ଜଙ୍ଗଲରେ ଦେଖିବାକୁ ମିଳିଥାଏ। 'ପଏଜନ ଡାର୍ଟ ଫ୍ରଗ୍' ପ୍ରଜାତିର ୪୨୪ଟି ଛୁଆ ବେଙ୍ଗକୁ ନିକଟରେ ବଗୋଟାର ଅଲ୍-ଡୋରାଡୋ ଅନ୍ତର୍ଜାତୀୟ ବିମାନବନ୍ଦରରୁ ଜଣେ ଯାତ୍ରୀଙ୍କ ବ୍ୟାଗ୍‌ରୁ ଜବତ କରାଯାଇଥିଲା। ଏଥିମଧ୍ୟରୁ ପ୍ରତ୍ୟେକ ବେଙ୍ଗର ମୂଲ୍ୟ ୧.୫୦ ଲକ୍ଷ ଟଙ୍କା ଥିବା ଅନୁମାନ କରାଯାଇଥିଲା। ଏଥିମଧ୍ୟରୁ କିଛି ମଲା ବେଙ୍ଗ ଥିବାବେଳେ ବିଷ ବହୁତ ମାରାତ୍ମକ ଥିଲା।



# ପିଲାଦିନର ଅଭ୍ୟାସ ଛାଡ଼ି ହେଉନି: ଦୀପିକା

ପୂର୍ବରୁ ବଲିଉଡ୍‌ର ଚର୍ଚ୍ଚିତ ଯୋଡ଼ି ଦୀପିକା ପାଦୁକୋନ ଓ ରଣବୀର ସିଂହଙ୍କ ସମ୍ପର୍କରେ ଆମେ ଗୁଡାଏ କଥା ଜାଣିଛେ। ସୋସିଆଲ୍ ମିଡିଆ ଜରିଆରେ ହେଉ କିମ୍ବା କୌଣସି ସାକ୍ଷାତ୍‌କାରରେ ହେଉ, ଉଭୟ ବୃତିଗତ ଓ ବ୍ୟକ୍ତିଗତ ଜୀବନ ପ୍ରଶଂସକଙ୍କ ସହ ବାଂଟିବାକୁ ପସନ୍ଦ କରିଥାନ୍ତି ଏହି ଯୋଡ଼ି। ଦୀପିକା ନିକଟରେ ତାଙ୍କର ଏକ ସାକ୍ଷାତ୍‌କାରରେ କାଳରେ ନିଜ ସମ୍ପର୍କିତ ଏକ ବ୍ୟକ୍ତିଗତ କଥାର ଖୁଲାସା କରିଛନ୍ତି। ସେ କୁହନ୍ତି କି, ନିଜ ଘରର କାମ କରିବା ପାଇଁ ସେ ଅନ୍ୟ ଉପରେ ନିର୍ଭର କରନ୍ତି ନାହିଁ। ଏହା ତାଙ୍କର ପିଲାଦିନର ଅଭ୍ୟାସ। ଘରର କାମ ପାଇଁ ସେ କାହାକୁ ଅପେକ୍ଷା ନ କରି ନିଜେ କରିପକାନ୍ତି। ଦୀପିକା ଆହୁରି ବି କହିଛନ୍ତି କି ଏପରିକି ରଣବୀର ଅନେକଥର ତାଙ୍କୁ ଏପରି କରିବାକୁ ବାରଣ କରିଛନ୍ତି। ସେ କାହିଁକି ଘର କାମରେ ଅନ୍ୟର ସାହାଯ୍ୟ ନଲୋଡ଼ି ନିଜେ ସବୁ କରି ପକାଉଛନ୍ତି ବୋଲି ପ୍ରଶ୍ନ କରିଛନ୍ତି। ମାତ୍ର ଦୀପିକାଙ୍କ କହିବା କଥା ହେଲା, ଏପରି ସେ ଜାଣିକରି କରନ୍ତି ନାହିଁ। ହୁଏତ ଏହା ତାଙ୍କର ଅଭ୍ୟାସ। ସେ କହିଛନ୍ତି କି, ପିଲାଦିନରୁ ତାଙ୍କୁ ଏପରି ଶିକ୍ଷା ଦିଆଯାଇଛି ଯେ, ନିଜ ଘର କାମ ନିଜେ କରିବା ଉଚିତ୍। ନିଜ ଘର କାମ ପାଇଁ ଅନ୍ୟ ଉପରେ ନିର୍ଭର କରିବା ଅନୁଚିତ୍। ପିଲାଦିନର ତାଙ୍କର ଏହି ଶିକ୍ଷା ତାଙ୍କୁ ଆଜି ଯାଏ କାମ କରିବାକୁ ବାଧ୍ୟକରେ ବୋଲି ଦୀପିକା ପ୍ରକାଶ କରିଛନ୍ତି।



# ପ୍ରଦୂଷଣକୁ ନେଇ ଜୀବନଶୈଳୀ ବିଶେଷଜ୍ଞ ଓ ଲୁକ୍ କାଉଟିନୋଙ୍କ ଉଦ୍‌ବେଗ

ବାୟୁ ପ୍ରଦୂଷଣର ସ୍ତର ବୃଦ୍ଧି ହେବାସହ ତାପମାତ୍ରା ମଧ୍ୟ କମିଯାଇଥାଏ। ବାସ୍ତବରେ ପାଣିପାଗ ବାୟୁର ଗୁଣକୁ ମଧ୍ୟ ବହୁତ୍ ପ୍ରଭାବିତ କରିଥାଏ। ଯେଉଁଥିପାଇଁ ଲୋକଙ୍କୁ ନିଶ୍ୱାସ ନେବାରେ ଅସୁବିଧା ହୋଇଥାଏ। ପ୍ରଦୂଷିତ ବାୟୁରେ ନିଶ୍ୱାସ ନେବା ଦ୍ୱାରା ଆଜ୍‌ମା, ବ୍ରୋଙ୍କାଇଟିସ୍, ନିମୋନିଆ ଏବଂ କ୍ରନିକ୍ ଫୁସ୍‌ଫୁସ୍ ରୋଗ ଭଳି ଅନେକ

## ଇନ୍‌ଷ୍ଟାଗ୍ରାମ୍‌ରେ ସେୟାର କଲେ ବିଶେଷ ଚା'



ସମସ୍ୟା ଦେଖାଦେଇଥାଏ। ଏହି ଭଳି ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସମସ୍ୟାରୁ ରକ୍ଷା ପାଇବା ପାଇଁ ଫୁସ୍‌ଫୁସ୍‌କୁ ଧୂଳି କଣିକାଠାରୁ ରକ୍ଷା କରିବା ଅତ୍ୟନ୍ତ କଷ୍ଟକର ହୋଇଥାଏ। ପ୍ରଦୂଷଣର ସ୍ତର ବୃଦ୍ଧି ନେଇ ଜୀବନଶୈଳୀ ବିଶେଷଜ୍ଞ ଏବଂ ୱେଲ୍‌ନେସ କୋଚ୍ ଲୁକ୍ କାଉଟିନୋ ଉଦ୍‌ବେଗ ପ୍ରକାଶ କରି ଏଥିରୁ ରକ୍ଷା ପାଇବା ପାଇଁ ନିଜ ଇନ୍‌ଷ୍ଟାଗ୍ରାମ୍ ପେଜ୍‌ରେ ଏକ ଘରୋଇ ଉପଚାର ସେୟାର କରିଛନ୍ତି। ଏହି ଘରୋଇ ଉପଚାର ଫୁସ୍‌ଫୁସ୍‌କୁ ସଫା ରଖିବାରେ ଅତ୍ୟନ୍ତ ପ୍ରଭାବଶାଳୀ ପ୍ରମାଣିତ ହୋଇପାରେ। ଲୁକ୍ ନିଜ ପୋଷ୍ଟରେ ଏକ ବିଶେଷ ପ୍ରକାରର ଚା' ବିଷୟରେ ଉଲ୍ଲେଖ କରିଛନ୍ତି, ଯାହା ଫୁସ୍‌ଫୁସ୍‌କୁ ସଫା ରଖିବାରେ ସାହାଯ୍ୟ କରିଥାଏ ଏବଂ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବାରେ ସାହାଯ୍ୟ କରିଥାଏ। ଏହି ବିଶେଷ ଚା' କେମିତି ପ୍ରସ୍ତୁତ କରିବେ ଜାଣନ୍ତୁ।

ଏହି ଚା' ପ୍ରାକୃତିକ ଜଡିବୁଟି ଏବଂ ମସଲାରେ ପ୍ରସ୍ତୁତ କରାଯାଏ ଯାହା ସାଧାରଣତଃ ପ୍ରତ୍ୟେକଙ୍କ ଘରେ ଉପଲବ୍ଧ ଏବଂ ଏହାର ଔଷଧୀୟ ଗୁଣ ମଧ୍ୟ ରହିଛି। ଏହି ଚା' ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବାରେ ସାହାଯ୍ୟ କରିଥାଏ। ବର୍ତ୍ତମାନ ପରିସ୍ଥିତିରେ କରୋନା ମୁକାବିଲା ପାଇଁ ଏବଂ ସଂକ୍ରମଣରୁ ସୁରକ୍ଷିତ ରହିବା ପାଇଁ ଏହିଭଳି ଔଷଧୀୟ ଗୁଣ ବିଶିଷ୍ଟ ପାନୀୟ ଏବଂ ରୋଗ ପ୍ରତିରୋଧକ ବିଶେଷ ଗୁରୁତ୍ୱପୂର୍ଣ୍ଣ।

ଜାଣନ୍ତୁ ପ୍ରସ୍ତୁତି ପ୍ରଣାଳୀ

ଏହି ଚା' ପ୍ରସ୍ତୁତ କରିବାକୁ ଆପଣଙ୍କୁ ଆବଶ୍ୟକ ୧ ଚାମଚ କୋରା ଅଦା, ୧ ଛୋଟ ଚାମଚ ଡାଲଚିନି, ଅଧା ଚାମଚ ତୁଳସୀ ପତ୍ର, ୧ ଚାମଚ ଜୁଆଣି, ୩ଟି ଗୋଲମରିଚ, ୨ଟି ଅଳେଇଚ, ୧/୪ ଚାମଚ ପାନମଧୁରୀ, ୧/୪ ଚାମଚ ଜିରା ଏହିସବୁ ସାମଗ୍ରୀକୁ ଏକ ପ୍ୟାନେଲ୍ ପକାଇ ଗୋଟିଏ ଗ୍ଲାସ ପାଣି ଢ଼ାଳନ୍ତୁ। ଏହାକୁ ୧୦ ମିନିଟ୍ ଫୁଟାନ୍ତୁ। ଏହାପରେ ତାକୁ ଏକ କପ୍‌ରେ ଛାଣି ଦିଅନ୍ତୁ। ସ୍ୱାଦ ପାଇଁ ଏଥିରେ ଆପଣ ମହୁ କିମ୍ବା ଗୁଡ ମଧ୍ୟ ମିଶାଇ ପାରିବେ। ନିୟମିତ କଫି ପିଇବା ଛାଡି ପ୍ରତିରୋଧକ କ୍ଷମତା ବଢ଼ାଇବାକୁ ଏବଂ ଫୁସ୍‌ଫୁସ୍ ସଫା ରଖିବାକୁ ସକାଳୁ ଏହି ହର୍ବାଲ ଚା' ସେବନ କରନ୍ତୁ। ଦିନକୁ ଅନେକଥର ଏହି ଚା ସେବନ କରିବା ଦରକାର ନାହିଁ। ଏହାର ଫାଇଦା ଉଠାଇବା ପାଇଁ ସକାଳୁ ସେବନ କରନ୍ତୁ।

ଅନେକ ପ୍ରକାର ମସଲାର ମିଶ୍ରଣରେ ଏହି ଚା' ପ୍ରସ୍ତୁତ ହେଉଥିବାରୁ ଏହା ଶରୀରକୁ ଗରମ କରିଥାଏ। ଶରୀର ଗରମ ହେବା ସ୍ୱାସ୍ଥ୍ୟ ପାଇଁ ହାନିକାରକ। ସେଥିପାଇଁ ଦିନ ସାରା ପ୍ରଚୁର ପାଣି ପିଅନ୍ତୁ। ସାଧାରଣତଃ ଶୀତଦିନେ ଲୋକେ କମ୍ ପାଣି ପିଇଥାନ୍ତି। ସେଥିପାଇଁ ପାଣିଯୁକ୍ତଫଳ ଓ ପନିପରିବା ସେବନ କରନ୍ତୁ। ଯଦି ଆପଣ କୌଣସି ପୁରୁଣା ସ୍ୱାସ୍ଥ୍ୟ ସମସ୍ୟାରେ ପୀଡିତ ତା ହେଲେ ଏହି ଚା ସେବନ କରିବା ପୂର୍ବରୁ ନିଜ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ।



# ବିଶ୍ୱର ସବୁଠୁ ଦୁର୍ଗନ୍ଧଯୁକ୍ତ ରାସାୟନିକ ପଦାର୍ଥ

କୌଣସି ସାର୍ବଜନୀନ ଶୌଚାଳୟ ଦିନ ଦିନ ଧରି ସଫା ନ ହେଲେ ଭୀଷଣ ଦୁର୍ଗନ୍ଧ ବାହାରେ। ମାଂସର ଅବଶେଷ ଲମ୍ବା ସମୟ ଧରି କୌଣସି ବନ୍ଦ ଡବାରେ ରହିଲେ ମଧ୍ୟ ନାକଫଟା ଗନ୍ଧ ହୁଏ। ନାଳ ସଫା ନ ହେଲେ ବି ଦୁର୍ଗନ୍ଧ ହୁଏ। ତେବେ ଏସବୁ ଦୁର୍ଗନ୍ଧ ମଣିଷ ପାଇଁ ଏତେଟା କ୍ଷତିକାରକ ନୁହେଁ। ଏବେ ଜାଣନ୍ତୁ ସବୁଠାରୁ ଦୁର୍ଗନ୍ଧଯୁକ୍ତ ତରଳ ରାସାୟନିକ ପଦାର୍ଥ ସମ୍ପର୍କରେ। ଏହାର ନାମ ଥିଓଏସିଟୋନ୍। ଏହାର ଦୁର୍ଗନ୍ଧ ସଂସ୍ପର୍ଶରେ ଆସିଲେ ମଣିଷ ପକ୍ଷେ ବାନ୍ତି କରିବା କିଛି ଗୋଟିଏ ବଡ଼ କଥା ନୁହେଁ। ଅଧିକ ସମୟ ଏହାର ଗନ୍ଧ ନାକରେ ବାଜିଲେ ପ୍ରାଣ ବି ଛାଡ଼ିଯାଇପାରେ। ୧୮୮୯ରେ ଜର୍ମାନୀର ଏକ କାରଖାନାରେ ଦୁର୍ଘଟଣାବଶତଃ ଏହା ଆପେ ସୃଷ୍ଟି ହୋଇଥିଲା ଏବଂ ଏହାର ଦୁର୍ଗନ୍ଧ ଖେଳାଇହେବାରୁ ସାରା ଫ୍ରେବର୍ଗ ସହରର ବାସିନ୍ଦା ତ୍ରାହି ତ୍ରାହି ଡାକଛାଡିଥିଲେ। ଏଥିରୁ ଗୋଟିଏ ବୁନ୍ଦା କୌଣସି କାରଣରୁ ତଳେ ପଡ଼ିଗଲେ, ବନ୍ଦ ଅଟ୍ଟାଳିକାରେ ଦୁର୍ଗନ୍ଧ ଶହେ ମିଟର ଦୂରତା ପର୍ଯ୍ୟନ୍ତ ବ୍ୟାପିଯାଇପାରେ। ବିଯୁକ୍ତ ୨୦ ଡିଗ୍ରୀ ତାପମାତ୍ରା ପର୍ଯ୍ୟନ୍ତ ଥିଓଏସିଟୋନ୍ ତରଳ ରହେ। ତାପମାତ୍ରା ବଢ଼ିଲେ କଠିନ ପାଲଟିଯାଏ। ଏହା ମଣିଷର କୌଣସି କାମରେ ଲାଗେ ନାହିଁ।

# 'ବେଲ୍‌ବଟମ୍'

ହିନ୍ଦୀ ସିନେମାର ମିଷ୍ଟର ଖିଲାଡ଼ି ଅକ୍ଷୟ କୁମାରଙ୍କ 'ବେଲ୍‌ବଟମ୍'କୁ ଓଟିଟି ପ୍ଲାଟ୍‌ଫର୍ମରେ ରିଲିଜ୍ କରାଇବା ପାଇଁ ନିର୍ମାତା ଜ୍ୟାକି ଭଗନାନୀ ଓ ବାସୁ ଭଗନାନୀ ଚାହୁଁଛନ୍ତି। ଏ ନେଇ ବି ଟାଉନ୍‌ରୁ ସୂଚନା ଆସୁଛି। ଚଳିତବର୍ଷ ଏପ୍ରିଲ୍ ୨ରେ ମୁକ୍ତିଲାଭ କରିଥିବା ଏହି ଚଳଚ୍ଚିତ୍ରକୁ ଓଟିଟି ପ୍ଲାଟଫର୍ମରେ ରିଲିଜ୍ କରାଇବା ପାଇଁ ଚର୍ଚ୍ଚା ଧରିବା ପରେ ଅକ୍ଷୟଙ୍କ ପ୍ରଶଂସକମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖିବାକୁ ମିଳିଛି। କାରଣ ପୂର୍ବରୁ ଅକ୍ଷୟଙ୍କ ଅଭିନୀତ 'ଲକ୍ଷ୍ମୀ' ଅନ୍‌ଲାଇନ୍‌ରେ ରିଲିଜ୍ ହେବା ପରେ ପ୍ରଥମ ଦିନ ଏହାକୁ ବହୁ ଲୋକଙ୍କ ଦ୍ୱାରା ଆଦୃତ ହୋଇଥିଲା। ମାତ୍ର ଦ୍ୱିତୀୟ ଦିନରୁ ଚଳଚ୍ଚିତ୍ର ଫ୍ଲପ୍ ବୋଲି କହି ଲୋକେ ଆଉ ଦେଖିନଥିଲେ। ସେହିଭଳି ଅକ୍ଷୟଙ୍କ ଦ୍ୱିତୀୟ ଚଳଚ୍ଚିତ୍ର 'ଦୁର୍ଗାମତୀ'କୁ ଲୋକେ ଦେଖିବା ଦୂରର କଥା ସିନେ ସମୀକ୍ଷକମାନେ ଏହାର ସମୀକ୍ଷା ମଧ୍ୟ କରିନଥିଲେ।



## ନେହେରୁ ଯୁବକ ସଂଘ ତରଫ ରୁ ବ୍ଲକ ସ୍ତରୀୟ କ୍ରୀଡା ପ୍ରତିଯୋଗିତା ଆୟୋଜିତ



ପାଟଣା ୭/୧ (ନି.ପ୍ର): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ନେହେରୁ ଯୁବକ ସଂଘ ତରଫରୁ ପାଟଣା ଷ୍ଟାଡିୟମ ଠାରେ ବିର୍ଶା ମୁଣ୍ଡା ହୋ ସମାଜ ସହଯୋଗରେ କ୍ରୀଡା ପ୍ରତିଯୋଗିତା ଆୟୋଜିତ ହୋଇଛି। କାର୍ଯ୍ୟକ୍ରମ କୁ ମୁଖ୍ୟ ଅତିଥି ଭାବେ ବିର୍ଶା ମୁଣ୍ଡା ହୋ ସମାଜ ଉପଦେଷ୍ଟା ଅଭିରାମ ମୁଣ୍ଡା ଯୋଗଦାନ କରି କ୍ରୀଡା ପ୍ରତିଯୋଗୀତା କୁ ଉଦଘାଟନ କରିଥିଲେ। ଆୟୋଜିତ କ୍ରୀଡା ପ୍ରତିଯୋଗିତାରେ ସମ୍ମାନିତ ଅତିଥି ଭାବେ ରାମ ଚନ୍ଦ୍ର ମୁଣ୍ଡା, ବିଜୁ ମୁଣ୍ଡା ଉପସ୍ଥିତ ଥିଲେ। ନେହେରୁ ଯୁବକ ସଂଘ ତରଫ ରୁ ପୁରୁଷ ଓ ମହିଳା ଫୁଟବଲ, ଭଲିବଲ, କବାଡି, ଦୌଡ଼, ଲମ୍ବଡିଆଁ, ଉଚ୍ଚ ଡିଆଁ ଭଳି ପ୍ରତିଯୋଗିତା ହୋଇଥିବା ବେଳେ ପାଟଣା ବ୍ଲକ ର ବିଭିନ୍ନ ପଞ୍ଚାୟତ ରୁ ଆଦିବାସୀ ପୁରୁଷ ମହିଳା ଖେଳାଳି ମାନେ ଅଂଶ ଗ୍ରହଣ କରିଛନ୍ତି । ପ୍ରଥମ ଦିନ ପୁରୁଷ ବିଭାଗ ରେ ଭଲିବଲ ପ୍ରତିଯୋଗିତାରେ ବଡ଼ପାଟଣା ପଞ୍ଚାୟତ ଓ ପଲାଶଘାଟି ପଞ୍ଚାୟତ ଓ କୁମୁଲାବାହାଲି ମଧ୍ୟରେ ହୋଇଥିଲା । ଏଥିରେ ବଡ଼ପାଟଣା ପଞ୍ଚାୟତ ବଡ଼ପାଟଣା ଦଳ ବିଜେତା ହୋଇଛି। ସେହିପରି ଫୁଟବଲ ବିଭାଗରେ କେନ୍ଦେଇପଶି ପଞ୍ଚାୟତ ଓ କଣ୍ଟିଆପଡା ପଞ୍ଚାୟତ ସହିତ ଫୁଟବଲ ପ୍ରତିଯୋଗିତା ହୋଇ ଛି । ଏଥିରେ କଣ୍ଟିଆପଡା ପଞ୍ଚାୟତର ମହିଁଷାମୁଣ୍ଡି ଦଳ ବିଜେତା ହୋଇଛନ୍ତି । ଏହି ପ୍ରତିଯୋଗିତା କୁ ବିଜୟ କୁମାର ହେମ୍ବ୍ରମ, ସୌମ୍ୟରଞ୍ଜନ ଦାଶ ଓ ରିଙ୍କୁ ସେଠୀ ରେଫରି ଭାବେ ପରିଚାଳନା କରିଥିଲେ । ଏହି ପ୍ରତିଯୋଗିତା ଦୁଇ ଦିନଧରି ଚାଲିବ ବୋଲି ପାଟଣା ବ୍ଲକ ନେହେରୁ ଯୁବକ ସଂଘ ସଭାପତି ସୁଦର୍ଶନ ମୁଣ୍ଡା ସୂଚନା ଦେଇଛନ୍ତି।

## ସଫଳ ଚାଷୀ ସୁଦର୍ଶନ ମହାନ୍ତ ଙ୍କୁ କୃଷି ଓଡିଶା ସମ୍ମାନ

ପାଟଣା ୭/୧ (ନି.ପ୍ର): ପାଟଣା ବ୍ଲକ ଟାଙ୍ଗରପଡା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଭୀମାପଡା ଗ୍ରାମର ଅଗ୍ରଣୀ ଚାଷୀ ସୁଦର୍ଶନ ମହାନ୍ତଙ୍କୁ ଓଡିଶା ସରକାରଙ୍କ ତରଫରୁ କୃଷି ଓଡିଶା ସମ୍ମାନ-୨୦୨୫ ରେ ସମ୍ମାନୀତ କରାଯାଇଅଛି। ଭୁବନେଶ୍ୱର ସ୍ଥିତ ବିଜୁ ପଟ୍ଟନାୟକ ଷ୍ଟାଡିୟମ ଠାରେ ଅନୁଷ୍ଠିତ ଏକ ବିରାଟ ସମାବେଶରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗ , ଓଡିଶା ସରକାରଙ୍କ ପ୍ରମୁଖ ଶାସନ ସଚିବ ଅରବିନ୍ଦ ପାଢୀ ଙ୍କ ଉପସ୍ଥିତିରେ ବିଭାଗୀୟ ମନ୍ତ୍ରୀ ତଥା ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଶ୍ରୀଯୁକ୍ତ ମହାନ୍ତଙ୍କୁ ମୃତ୍ତିକା ସଂରକ୍ଷଣ ଓ ଜଳବିଭାଜିକା କ୍ଷେତ୍ରରେ ଉତ୍କର୍ଷତା ପାଇଁ ମାନପତ୍ର, ଟ୍ରଫି, ଉପଢୌକନ ଓ ନଗଦ ୧୦,୦୦୦ ଟଙ୍କା ଦେଇ ସମ୍ବର୍ଦ୍ଧିତ କରିଥିଲେ। ପାରମ୍ପରିକ ପଦ୍ଧତିରେ ପିଲାଟିଦିନୁ କୃଷି କାର୍ଯ୍ୟ କରିଆସୁଥିବା ସୁଦର୍ଶନ ଜୈବିକ ପଦ୍ଧତିରେ ଚାଷ କରି ସ୍ଥାନୀୟ ଅଞ୍ଚଳରେ ସୁନାମ ଅର୍ଜନ କରିଛନ୍ତି। ସୁଦର୍ଶନ ଙ୍କ ଏହି ସଫଳତା ସ୍ଥାନୀୟ ଚାଷୀ ମାନଙ୍କୁ ଉତ୍ସାହିତ କରିବ ବୋଲି ଟାଙ୍ଗରପଡା ଗ୍ରା.ପ. ର ସରପଞ୍ଚ ଅନିରୁଦ୍ଧ ନାଏକ ମତବ୍ୟକ୍ତ କରିବା ସହ ପ୍ରସଂଶା କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସମିତି ସଭ୍ୟ ଭାଗବତ ନାଏକ, ପୂର୍ବତନ ସରପଞ୍ଚ ଦିଲ୍ଲୀପ କୁମାର ନାଏକ, ସମାଜସେବୀ ବିକାଶ କୁମାର ପୃଷ୍ଟି ପ୍ରମୁଖ ଶ୍ରୀ ମହାନ୍ତଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

# ଅତାବିରା ଶିକ୍ଷକ ପ୍ରିମିୟର ଲିଗ୍ ଅନୁଷ୍ଠିତ

ଅତାବିରା ୭/୧ (ନି.ପ୍ର): ଅତାବିରା ବ୍ଲକ ଅନ୍ତର୍ଗତ କୁଲୁଣ୍ଡା ଖେଳ ପଡ଼ିଆରେ ।'ଷଷ୍ଠ ଅତାବିରା ଶିକ୍ଷକ କ୍ରିକେଟ ପ୍ରିମିୟର୍ ଲିଗ୍'ଅଅନୁଷ୍ଠିତ ହୋଇଯାଇଛି । ଏହି ଟୁର୍ଣ୍ଣାମେଣ୍ଟର ଉଦଘାଟନୀ ସମାରୋହରେ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ବରଗଡ଼ର ପୂର୍ବତନ ଅଧ୍ୟକ୍ଷ ଶ୍ରୀ ଅକ୍ଷୟ କୁମାର ବାରିକ , ଅତାବିରା ପ୍ରାଥମିକ ଶିକ୍ଷକ ସଂଘର ପୂର୍ବତନ ସଭାପତି ତଥା ଅବସରପ୍ରାପ୍ତ ଶିକ୍ଷକ ଶ୍ରୀ ନିଶିକାନ୍ତ ପଣ୍ଡା ଓ ଶିକ୍ଷକ କ୍ରିକେଟ ପ୍ରିମିୟର୍ ଲିଗ୍ ର ସଭାପତି ଶ୍ରୀ ମନୋଜ କୁମାର ପ୍ରଧାନ ଯୋଗଦାନ କରିଥିଲେ ଓ ଏହି ଟୁର୍ଣ୍ଣାମେଣ୍ଟକୁ ଉଦଘାଟନ କରିଥିଲେ। ଏଥିରେ ଚୋରୋଟି ଦଳ ରଶ୍ମୀ ରାଇଡର୍ସ, ଲଳିତ ଷ୍ଟ୍ରାଇକର୍ସ, ନିମାଇଁ ୱାରିଅର୍ସ ଓ ବଳରାମ ବ୍ଲାଷ୍ଟର୍ସ ଛଅଟି ଲିଗ୍ ମ୍ୟାଚ ଖେଳିଥିଲେ । ସପ୍ତମ ତଥା ଫାଇନାଲ ମ୍ୟାଚରେ ଲଳିତ ଷ୍ଟ୍ରାଇକର୍ସର ଅଧିନାୟକ ଶ୍ରୀ ରାଜିବ ଭୁଏ ଟସ୍ ଜିଣି ବ୍ୟାଟିଙ୍ଗ ପାଇଁ ନିଷ୍ପତି ନେଇ ନିର୍ଦ୍ଧାରିତ ୪ ଓଭରରେ ୬ୱିକେଟ୍ ବିନିମୟରେ ମାତ୍ର ୩୧ ରନ୍ ସଂଗ୍ରହ କରିବାରେ ସମର୍ଥ ହୋଇପାରିଥିଲେ ଯାହାକି ଅଧିନାୟକ ଶ୍ରୀ କୃତାର୍ଥ ଚନ୍ଦ୍ର ଭୁଏଙ୍କ ରଶ୍ମୀ ରାଇଡର୍ସ ୯ ୱିକେଟରେ ମାତ୍ର ୨.୧ ଓଭରରେ ସହଜ ବିଜୟ ହାସଲ କରି ଚଳିତ ବର୍ଷର ଚମ୍ପିୟାନ ହୋଇଥିଲେ ।ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ଶ୍ରୀ କାର୍ତ୍ତିକ ବାଗ ଓ ସମ୍ମାନୀତ ଅତିଥି ଅତାବିରା ବ୍ଲକ ସ୍ପୋଟିସ୍ମ ସଂଘର ସଭାପତି ଶ୍ରୀ ସୁଦୀପ୍ତ ସାହୁ ଯୋଗଦାନ କରି ୱିନର୍ ଓ ରନର୍ ଦଳକୁ ଟ୍ରଫି ପ୍ରଦାନ କରିଥିଲେ । ଫାଇନାଲ ମ୍ୟାଚରେ ସୁନ୍ଦର ପ୍ରଦର୍ଶନ ଯୋଗୁଁ ଶ୍ରୀ ଛବିଳ ପ୍ରଧାନ ଅମ୍ୟାନ ଅଫ୍ ଦି ମ୍ୟାଚଅ ଓ ଟୁର୍ଣ୍ଣାମେଣ୍ଟରେ ଉଚ୍ଚ କୋଟୀର ପ୍ରଦର୍ଶନ ଯୋଗୁଁ ଶ୍ରୀ ହେମନ୍ତ ଷଣ୍ଢଙ୍କୁ ଅମ୍ୟାନ ଅଫ୍ ଦି ସିରିଜ। ଭାବରେ ପୁରସ୍କୃତ କରାଯାଇଥିଲା । ଆଜିକାର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ବଳରାମ ବ୍ଲାଷ୍ଟର୍ସର ଅଧିନାୟକ ଶ୍ରୀ ନନ୍ଦୀଘୋଷ ଭୁଏ । ନିମାଇଁ



ୱାରିଅର୍ସର ଅଧିନାୟକ ଦାୟିତ୍ୱ ତୁଲାଇଥିଲେ ଶ୍ରୀ ରମେଶ ଭୁଏ । ଏହି ଟୁର୍ଣ୍ଣାମେଣ୍ଟ ଆୟୋଜନରେ ସକ୍ରିୟ ସହଯୋଗ ତଥା, ଅମ୍ପାୟରିଙ୍ଗ,ସ୍କୋରିସ୍ପ,ବାଉଣ୍ଡ୍ରି ବଏ ଇତ୍ୟାଦି କାର୍ଯ୍ୟରେ ସହଯୋଗ କରିଥିଲେ ଅକୁଲୁଣ୍ଡା ସ୍ପୋଟିସ୍ମ କ୍ଲବଅ ର ସମସ୍ତ ସଦସ୍ୟ । ଏହି କାର୍ଯ୍ୟକ୍ରମରେ ଶିକ୍ଷକ ଶିବ ପଣ୍ଡା, ତ୍ରିଲୋଚନ ଖମାରୀ, ଅନୁତାପ ପଶାୟତ, ଜଗମୋହନ ଭୁଏ, ଧରମ ନାଏକ, ମୁକେଶ ଭୋସାଗର ଆଦି ସକ୍ରିୟ ଅଂଶଗ୍ରହଣ କରି ସଫଳ କରେଇଥିଲେ । ଚୋରୋଟି ଦଳର ଫ୍ରାଞ୍ଚାଇଜ ଶ୍ରୀ ରଶ୍ମୀ ରଞ୍ଜନ ସାହୁ, ଶ୍ରୀ ଲଳିତ ଭୁଏ, ଶ୍ରୀ ନିମାଇଁ ଚରଣ ସାହୁ ଓ ଶ୍ରୀ ବଳରାମ ମେହେରଙ୍କୁ ମାନପତ୍ର ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ରଶ୍ମୀ ରାଇଡର୍ସ ଦଳ ପକ୍ଷରୁ କୃତାର୍ଥ ଚନ୍ଦ୍ର ଭୁଏ, ମହେନ୍ଦ୍ର ପ୍ରଧାନ, ଛବିଳ ପ୍ରଧାନ, ହେମନ୍ତ ଷଣ୍ଢ,ରାଜକିଶୋର ବରିହା, ଲକ୍ଷ୍ମୀ ବାଗ, ମୁକେଶ ଭୋସାଗର,ପିତାମ୍ବର ସୁନା, ତ୍ରିଲୋଚନ ସେଟ୍,ସୁବାଷ ମହାନନ୍ଦ, ସୁଶୀଲ କୁମାର ସେଟ୍, ଶିବ ପଣ୍ଡା ,ମଣ୍ଡଳ ବୁଡେକ ଆଦି ଖେଳାଳି ଅଂଶଗ୍ରହଣ କରି ନିଜ ଦଳକୁ ଚମ୍ପିୟାନ କରାଇଥିଲେ । ପରିଶେଷରେ ଜୟଦେବ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ ।

## ଅବସରପ୍ରାପ୍ତ ବରିଷ୍ଠ ନାଗରିକଙ୍କ ଦ୍ୱିତୀୟ ବାର୍ଷିକ ମିଳନ

ମୟୂରଭଞ୍ଜ ୭/୧ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ଜାମଦା ବ୍ଲକ ପାକଣାପାଟ୍ ଠାରେ ଅବସର ପ୍ରାପ୍ତ ବରିଷ୍ଠ ନାଗରିକଙ୍କ ଦ୍ୱିତୀୟ ବାର୍ଷିକ ବନ୍ଧୁ ମିଳନ ମୁସ୍ତଫା ସାର୍ ଙ୍କ ପୌରହିତ୍ୟରେ ସମ୍ପାଦକ ସନ୍ତୋଷ କୁମାର ନନ୍ଦ ବନ୍ଧୁମିଳନ କାର୍ଯ୍ୟକ୍ରମକୁ ଆଗେଇନେଇଥିଲେ ଏବଂ ବିଗତ ମାସର ବିବରଣୀ ପଠନ କରିଥିଲେ ।ମୁଖ୍ୟଅତିଥି ଶୁକୁଳି ବ୍ଲକ ସଭାପତି କାହ୍ନୁଚରଣ ଗିରି ଯୋଗ ଦେଇ ସଂଗଠନକୁ ଦୃଢ଼ କରିବାକୁ ଆହ୍ୱାନ ଦେଇଥିଲେ ।କ୍ଷେତ୍ର ମୋହନ ମହାନ୍ତ,ନାରାୟଣ ମାଝୀ,ଅର୍ଜୁନ ଗଡ଼ସରା,ରମେଶ ବେହେରା,କାହ୍ନୁ ଚରଣ ଗୋପ,ମୁରଲୀ ଧର ବଳ,ଭାଗିରଥୀ ମହାକୁଡ଼ ପ୍ରମୁଖ ବରିଷ୍ଠ ନାଗରିକଗଣ ଉପସ୍ଥିତ ଥିଲେ ।ମୁସ୍ତଫା ସାର୍ ଧନ୍ୟବାଦ ଅର୍ପଣ ପୂର୍ବକ ସଭା ସାଙ୍ଗ କରିଥିଲେ ।



## କେନାଲ ପାଣି କୁ ନେଇ ଚାଷୀ ଦ୍ୱନ୍ଦରେ, ମଇ ମାସ ଯାଏ ପାଣି ଦେବାକୁ ଦାବି

ପାଟଣା୭/୧ (ନି.ପ୍ର): ରାଜ୍ୟ ସରକାର ଧାନ ର ଏମ ଏସ୍ ପି ସାଙ୍ଗକୁ ଅତିରିକ୍ତ ୮ ଶହ ଟଙ୍କା ବୋନସ ଦେବା ପରେ ଏବେ ଜଳସେଚନ ସୁବିଧା ଥିବା ଅଞ୍ଚଳରେ ଚାଷୀ ମାନେ ରବି ଋତୁରେ ମଧ୍ୟ ଧାନ ଚାଷ ପାଇଁ ଆଗ୍ରହୀ ଅଛନ୍ତି। ମାତ୍ର ଲାଇଟ କ୍ରପ ବା ସୂର୍ଯ୍ୟମୁଖୀ ,ସୋରିଷ ଆଦି ତୈଳବିଜ ଜାତୀୟ ଚାଷ ପାଇଁ କାନଝରୀ କେନାଲ ର ଡାହାଣ ପଟ କେନାଲ ରେ ଚଳିତ ବର୍ଷ ଗତ ୨୮ ଡିସେମ୍ବର ରୁ ପାଣି ଛଡ଼ା ଯାଇଛି । ଯାହା ଫଳରେ ତୋରାଣୀପୋଖରୀ , କାଠବାରି ,ସରାସ ପଶି ,ଭୋଳବେଡା ଆଦି ପଞ୍ଚାୟତ ଯେଉଁ ଚାଷୀ ସୂର୍ଯ୍ୟମୁଖୀ ସୋରିଷ କରିଛନ୍ତି ସେମାନେ ତ ପାଣି ପାଉଛନ୍ତି କିନ୍ତୁ ବହୁ ପାଣି ଖାଲି ବିଲରେ ମାଡି ନଷ୍ଟ ହେଉଛି। ଲୋକେ ରବି ଋତୁରେ ଧାନଚାଷ ପାଇଁ ଆଗ୍ରହୀ ଥିଲେ ମଧ୍ୟ ପାଣି କେବେ ଯାଏ ଦିଆଯିବ ତାହା ଜଳସେଚନ ବିଭାଗ ସ୍ପଷ୍ଟ କରିନାହିଁ। ଲାଇଟ କ୍ରପ ବାଦ ଖାଲି ପଡିଥିବା ବିଲରେ ପାଣି ଜମି ସନ୍ତ ସନ୍ତିଆ ଓ ଅସ୍ୱାସ୍ଥ୍ୟକର ପରିବେଶ ମଧ୍ୟ ସୃଷ୍ଟି ହେଉଛି ।ବର୍ଷେ ବାମ ପଟ କେନାଲ ରେ ପାଣି ଛଡ଼ାଯାଉଥିବା ବେଳେ ବର୍ଷେ ଡାହାଣ ପଟ କେନାଲ ରେ ପାଣି ଛଡ଼ାଯାଉଛି ।ଭଚଳିତ ବର୍ଷ ଡାହାଣ ପଟ କେନାଲ ରେ ପାଣି ଛଡା ଯାଉଥିବାରୁ ଏହାକୁ ମଇ ମାସ ପର୍ଯ୍ୟନ୍ତ ଦିଆଯିବା ଓ କୃଷି ବିଭାଗ ଅଞ୍ଚଳରେ ଚାଷୀ ମାନଙ୍କୁ ଧାନଚାଷ ପାଇଁ ସୁଯୋଗ ଦେବାକୁ ଏହି ସବୁ ପଞ୍ଚାୟତ ବାସୀ ଦାବି କରିଛନ୍ତି ।ଏପରିକି ରାଜ୍ୟରେ ରବି ଋତୁ ରେ ଧାନ ଚାଷ ପାଇଁ ମଣ୍ଡି ବ୍ୟବସ୍ଥା ଥିବାବେଳେ ରବି ଋତୁରେ ଉତ୍ପାଦିତ ଧାନ ଫସଲ ଖରିଦ ପାଇଁ ଢେଙ୍କିକୋଟ , ପିପିଲିଆ ରେ ମଣ୍ଡି ବ୍ୟବସ୍ଥା କରାଯିବାକୁ ଏହି ସବୁ ପଞ୍ଚାୟତ ବାସୀଙ୍କ ଦ୍ୱାରା ଦାବି ହୋଇଛି ।

## କ.ନୂଆଗାଁରେ ନୂତନ ଥାନା ଅଧିକାରୀଙ୍କ ଯୋଗଦାନ

ବାଲିଗୁଡା ୭/୧ (ନି.ପ୍ର): କନ୍ଧମାଳ ଜିଲ୍ଲା ବାଲିଗୁଡା ଉପଖଣ୍ଡ ଅନ୍ତର୍ଗତ କ.ନୂଆଗାଁ ବ୍ଲକର ନୂତନ ଥାନା ଅଧିକାରୀ ଭାବେ ଅଶୋକ କୁମାର ହାଂସଦା କାର୍ଯ୍ୟରେ ଯୋଗ ଦେଇ ନିଜ ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ପୂର୍ବରୁ ଦାରିଙ୍ଗବାଡି ଥାନାରେ କାର୍ଯ୍ୟ କରି ବେଶ ସୁନାମ ଅର୍ଜନ କରିଥିଲେ। ଏଠାରେ ସେ ଯୋଗ ଦେବା ପରେ ସମଗ୍ର ବ୍ଲକ ଅଞ୍ଚଳରେ ଶାନ୍ତି ଶୃଙ୍ଖଳା ରକ୍ଷା ଦିଗରେ ଗୁରୁତ୍ୱ ଦେବେ ବୋଲି କହିଛନ୍ତି। ନୂତନ ଥାନା ଅଧିକାରୀ ଯୋଗ ଦେବା ପରେ ସେକେଣ୍ଡ ଅଫିସର ଅଶୋକ କୁମାର ତ୍ରିପାଠୀ,ଏସଆଇ ଦମୟନ୍ତୀ ବେହେରା ଓ ଏଏସଆଇ ସୁରେନ୍ଦ୍ର ରାଜହଂସ, ଉମାଶଙ୍କର ପେଡେଣ୍ଟିଙ୍କ ସମେତ ସମସ୍ତ ଥାନା କର୍ମଚାରୀ ମାନେ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ପୂର୍ବରୁ ଥିବା କ.ନୂଆଗାଁ ଥାନା ଅଧିକାରୀ ପି.ସ୍ୱରୂପ କ୍ରିଷନ ଫୁଲବାଣୀ ଟାଉନ ଥାନାକୁ ବଦଳି ହୋଇ ଥିବା ଜଣାପଡିଛି।

## ଲକ୍ଷ୍ମନାରାୟଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଛାତ୍ରୀଙ୍କୁ ଆତ୍ମରକ୍ଷା ପ୍ରଶିକ୍ଷଣ

ପାଟଣା ୭/୧ (ନି.ପ୍ର): ଘଟଗାଁ ବ୍ଲକ ଅନ୍ତର୍ଗତ ପିପିଳିଆ ସ୍ଥିତ ଲକ୍ଷ୍ମୀ ନାରାୟଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ଧନ୍ଦାମୂଳକ ବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ଛାତ୍ରୀମାନଙ୍କ ନିମନ୍ତେ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଯୋଜନା ଶିବିରର ଉଦଘାଟନ ଉତ୍ସବ ଅଧ୍ୟକ୍ଷ ନିରାକାର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ପ୍ରଶିକ୍ଷଣ ଶିବିରରେ ମୋଟ୍ ୨୬୧ ଜଣ ଛାତ୍ରୀ ତାଲିମ ଗ୍ରହଣ କରିବେ ବୋଲି ଉକ୍ତ ଦାୟିତ୍ୱରେ ଥିବା କାର୍ଯକ୍ରମ ଅଧିକାରୀ ପ୍ରାଧାପିକା ଅନୁସ୍ମିତା ପାଣିଗ୍ରାହୀ ପ୍ରକାଶ କରିଛନ୍ତି। ମୁଖ୍ୟ ଅତିଥି ରୂପେ ଓଡ଼ିଆ ପ୍ରାଧାପକ ଅଲେଖ ପ୍ରସାଦ ସାହୁ ଯୋଗ ଦେଇ ସରକାରଙ୍କର ଏହି କାର୍ଯ୍ୟକ୍ରମ ଛାତ୍ରୀମାନଙ୍କ ପାଇଁ ବେଶ୍ ଉପାଦେୟ ବୋଲି ପ୍ରକାଶ କରିଥିଲେ। ପ୍ରଶିକ୍ଷିକା ରୁବିନା ପରିଡ଼ା ଓ ନିରୂପମା ସ୍ୱାଇଁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଦୀର୍ଘ ଆଠଦିନ ବ୍ୟାପି ଛାତ୍ରୀମାନେ ପ୍ରଶିକ୍ଷଣ ନେବେ। ଆଜିର କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଅଧାପକ, ଅଧାପିକା ଓ କର୍ମଚାରୀ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

# ତୋଫାଲି ନାଏକ ମୃତ୍ୟୁ ଘଟଣାର ନିରପେକ୍ଷ ତଦନ୍ତ କରି ଦୋଷୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବିରେ ଅଲ୍ ଓଡ଼ିଶା ସିଡୁଲ୍ଡ କାଷ୍ଟ ଫେଡରେସନ ର ପ୍ରେସ୍ ମିଟ




ଭବାନୀପାଟଣା ତା,୭/୧/୨୫(ଜଗନ୍ନାଥ ଏକ୍ସପ୍ରେସ୍ ) କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ମା ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ବାଣିଜ୍ୟ ବିଭାଗ ପ୍ରଥମ ବର୍ଷ ର ଛାତ୍ରୀ ତୋଫାଲି ନାଏକ ଇନ୍ଦ୍ରାବତୀ ଛାତ୍ରୀ ନିବାସ ଠାରେ ଗତ ଡିସେମ୍ବର ୧୯ ତାରିଖ ଦିନ ସନ୍ଦେହଜନକ ମୃତ୍ୟୁ ହୋଇଯାଇଥିଲା। ଏସଂକ୍ରାନ୍ତରେ ଅଲ ଓଡିଶା ସିଡୁଲ କାଷ୍ଟ ଫେଡରେସନ ପକ୍ଷରୁ ସ୍ଥାନୀୟ ଓରିଅନ ହୋଟେଲ ଠାରେ ଏକ ପ୍ରେସ ମିଟ ଅନୁଷ୍ଠିତ ହୋଇଥିଲା ।ଏଥିରେ ସେମାନେ ପ୍ରକାଶ କରିଥିଲେ ଯେ ପରିବାର ଲୋକଙ୍କ ଅଭିଯୋଗ ଏବଂ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ କହିବା କଥା ସହ ପାରିପାର୍ଶ୍ୱିକ ସ୍ଥିତି କୁ ଅନୁଧ୍ୟାନ କଲେ ଯାହା ଜଣା ପଡୁଥିଲା ଏହା ହତ୍ୟାକାଣ୍ଡ ହୋଇ ଥାଇପାରେ କିମ୍ବା ଏକ ମୋବାଇଲ ଚୋରି ଘଟଣା କୁ ନେଇ ହଷ୍ଟେଲ ଭିତରେ ସର୍ବ ସମ୍ମୁଖରେ ଅତ୍ୟନ୍ତ ଅପମାନ କରିଥିବା ଦୃଷ୍ଟିରୁ ନାବାଳିକା ଝିଅ ମୃତ୍ୟୁ ର ବାଟ ବାଛି ନେଇ ଥାଇପାରେ ବୋଲି ଭାବୁଥିବା ସଂଗଠନର ସଭାପତି ଧନଞ୍ଜୟ ଦୀପ ଗଣମାଧ୍ୟମ ସମ୍ମୁଖରେ ପ୍ରକାଶ କରିଥିଲେ। ଜାନୁଆରୀ ୪, ତରିଖ ଦିନ ଝିଅ ର ପରିବାର ପୋଲିସର ଉପସ୍ଥିତରେ ହଷ୍ଟେଲ ରୁ ଝିଅର ବ୍ୟବହାର କରୁଥିବା ସବୁ ଜିନିଷ ପତ୍ର ଘରକୁ ଆଣିଲେ ଝିଅ ର ମୋବାଇଲ କଭର ଭିତରେ ଏକ ଲେଖା ବାହାରିଲା ସେଥିରେ ସେ ଝିଅ ତାର ସାନ ଭଉଣୀ କୁ ଲେଖିଛି ମୋତେ ଦୁଇଟି ଝିଅ ମାରି ଦେବା କୁ ପ୍ଲାନ୍ କରୁଛନ୍ତି ବୋଲି ଏଣୁ ଏହି ଠାରୁ ପ୍ରମାଣିତ ହେଉଛି ଯେ ଝିଅ କୁ ମାରି ଦିଆଯାଇଛି । ହେଲେ ମୃତ୍ୟୁର ଆଜ କୁ ୧୮ ଦିନ ହେଲା ପରେ ବି ମୃତ୍ୟୁର ରହସ୍ୟ ପୋଲିସ ଉନ୍ମୋଚନ କରି ପରିନ ଥିବା ଚିନ୍ତାର ବିଷୟ ।,ଝିଅ କୁ ମାରି ଦିଆଯାଇ ଥାଉ କିମ୍ବା ମରିବା ପାଇଁ ଉସକାଯାଇଥାଉ ଯାହା ହେଲେ ବି ଦୋଷ ଅପରାଧ ଅଟେ ।, ଏହି ଘଟଣାରେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ମଧ୍ୟ ହଷ୍ଟେଲର ଅଧକ୍ଷ ଓଡେନ ର କାର୍ଯ୍ୟରେ ଅବହେଳା ଯୋଗୁଁ ଗୋଟିଏ ଝିଅ ର ଜୀବନ ଗଲା କିନ୍ତୁ ତାଙ୍କ ଉପରେ ଆଜି ପର୍ଯ୍ୟନ୍ତ ଶୃଙ୍ଖଳାଗତ କାର୍ଯ୍ୟନୁଷ୍ଠାନ ଗ୍ରହଣ ନ କରିବା ଏହି ବିଷୟ କୁ ଆହୁରି ଅଧିକ ସନ୍ଦେହ ଘେରକୁ ନେଇ ଯାଉଛି ।ଏଣୁ ଅଲ୍ ଓଡ଼ିଶା ସିଡୁଲ୍ଡ କାଷ୍ଟ ଫେଡରେସନ ତରଫରୁ କଳାହାଣ୍ଡି ପୋଲିସ ପ୍ରଶାସନ ମୁଖ୍ୟ ଆରକ୍ଷୀ ଅଧିକ୍ଷକ, ଗୃହ ମନ୍ତ୍ରୀ ଓଡିଶାର ମୁଖ୍ୟମନ୍ତ୍ରୀ ଏହି ଘଟଣା ଉପରେ ହସ୍ତକ୍ଷେପ କରି ଦୋଷୀ ମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଅନୁରୋଧ କରିବା ସହ ଦାବୀ କରୁଛୁ ।,ଉଚିତ୍ ନ୍ୟାୟ ନ ମିଳିଲେ ରାଜ ରାସ୍ତା କୁ ଓହ୍ଲାଇବାକୁ ବାଧ ହେବୁ ବୋଲି ସଂଘ ପକ୍ଷରୁ,ଉକ୍ତ ପ୍ରେସ୍ ମିଟ୍ ଦୃଢ ନିଷ୍ପତି ନିଆଯାଇଥିବା ସେ କହିଛନ୍ତି ।ଏହି କାର୍ଯ୍ୟକ୍ରମ ରେ ସଂଗଠନର ସଭାପତି ଧନଞ୍ଜୟ ଦୀପ,ଉପଦେଷ୍ଟା ଶତ୍ରୁଘ୍ନ ନାଏକ,ଧନଞ୍ଜୟ ଖମାରି,ଭଗବାନ ନାଏକ,,ରୋହିତ ଛତ୍ରୀଆ, ସୁନ୍ଦର ଲାଲ କୁମାର, ସତ୍ୟନାରାୟଣ ବୈଶଙ୍କ ସମେତ ବିଭିନ୍ନ ଗଣମାଧ୍ୟମ ପ୍ରତିନିଧିମାନେ ଉପସ୍ଥିତ ରହି ଥିଲେ।

## ଶିଶୁ ମନ୍ଦିରରେ ବାର୍ଷିକ ଉତ୍ସବ ପାଳନ

କଣାସ ୭/୧ (ନି.ପ୍ର): ପୁରୀ ଜିଲ୍ଲା କଣାସ ବ୍ଲକ ବିଦ୍ୟା ଭାରତୀ ଶିକ୍ଷା ବିକାଶ ସମିତି ଦ୍ୱାରା ପରିଚାଳିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ୨୯ତମ ବାର୍ଷିକ ଉତ୍ସବ ରବିବାର ଦିନ ଦିନ ଅନୁଷ୍ଠିତ ହୋଇଯାଇଛି । ଏହି ବାର୍ଷିକ ଉତ୍ସବରେ ପୁରୀ ମୁଖ୍ୟ ଅତିଥି ଭାବେ ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର,ଥାନା ଅଧିକାରୀ ପ୍ରଦୀପ କୁମାର ଜୁଝାରସିଂହ କଣାସ ସରପଂଚ ଭଗବାନ ସୁବୁଦ୍ଧି , ଶି.ବି.ସ ପୂର୍ବ ସମ୍ଭାଗ ଭୁବନେଶ୍ୱରର ସଭାପତି କୁଳମଣି ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ ।ଅତିଥିମାନଙ୍କୁ ଶିଶୁ ମନ୍ଦିର ଶିକ୍ଷୟତ୍ରୀ ଓ ଛାତ୍ର ଛାତ୍ରୀମାନେ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଏହି ଅବସରରେ ବିଧାୟକ ଓମ୍ ପ୍ରକାଶ ମିଶ୍ର ସରସ୍ୱତୀ ବିଦ୍ୟାମନ୍ଦିରର ଛାତ୍ରୀ ମାନଙ୍କ ଦ୍ୱାରା କରାଯାଇଥିବା କଳାକୃତିକୁ ଦେଖିବା ସହ ପରିସରରେ 'ଗୋଟିଏ ଗଛ ମା'ଙ୍କ ନାମରେ' ଯୋଜନାରେ ବୃକ୍ଷ ରୋପଣ କରିଥିଲେ। ବିଦ୍ୟାଳୟର ପରିଚାଳନା ସଭାପତି ସୁବୋଧ ଦାସ ଅଧକ୍ଷତା କରିଥିଲେ । ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ସଂପାଦକ ହାଡିବନ୍ଧୁ ଚମ୍ପତି ଓ ପ୍ରଧାନ ଆଚାର୍ଯ୍ୟ ସଂଜୟ କୁମାର ସେଠୀ ପରିଚାଳନା କରିଥିଲେ। କୃତି ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ ।ଅଭିଭାବକ ଓ ସ୍ଥାନୀୟ ଲୋକମାନେ ଉପସ୍ଥିତ ରହି ଛାତ୍ର ଛାତ୍ରୀମାନଙ୍କ ବିଭିନ୍ନ କଳା ପ୍ରଦର୍ଶନ ଉପଭୋଗ କରିଥିଲେ ।



## ଭୀମକୁଣ୍ଡ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆତ୍ମସୁରକ୍ଷା ତାଲିମ୍ ଶିବିର ଉଦଘାଟିତ

ପାଟଣା ୭/୧ (ନି.ପ୍ର): ପାଟଣା ବ୍ଲକ ଅନ୍ତର୍ଗତ ଡୁମୁରିଆ ସ୍ଥିତ ଭୀମକୁଣ୍ଡ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ରୀ ମାନଙ୍କୁ ଆତ୍ମସୁରକ୍ଷା ତାଲିମ୍ ଶିବିର ଆଜି ଉଦଘାଟିତ ହୋଇଛି ।ବିଦ୍ୟାଳୟର ଅଧକ୍ଷ କୃଷ୍ଣ ଚନ୍ଦ୍ର ପଣ୍ଡାଙ୍କ ସଭାପତିତ୍ୱରେ ଉଦଘାଟନ ପର୍ବ ଅନୁଷ୍ଠିତ ହୋଇଯାଇଛି। ନୋଡାଲ ଅଧିକାରୀ ସମରେନ୍ଦ୍ର ମହାନ୍ତଙ୍କ ସଂଯୋଜନାରେ ଆୟୋଜିତ ଶିବିରରେ ଏକାଦଶ ଶ୍ରେଣୀରେ ଅଧୟନରତ ମୋଟ ୧୦୮ଜଣ ଛାତ୍ରୀ ଆତ୍ମରକ୍ଷା କୌଶଳ ତାଲିମ୍ ନେଉଛନ୍ତି। ପ୍ରଶିକ୍ଷିକା ଲକ୍ଷ୍ମୀପ୍ରିୟା ପତି ତାଲିମ୍ ପ୍ରଦାନ କରୁଥିବା ବେଳେ ଏହି ଶିବିର ଆସନ୍ତା ଜାନୁଆରୀ ୧୭ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଅଧକ୍ଷ ଶ୍ରୀ ପଣ୍ଡା ସୂଚନା ଦେଇଛନ୍ତି ।

## ମୁଖ୍ୟମନ୍ତ୍ରୀଙ୍କୁ ଜନ୍ମ ଦିନରେ ଶୁଭେଚ୍ଛା ଜଣାଇଲେ ବିଧାୟକ

କଣାସ ୭/୧ (ନି.ପ୍ର): ଓଡ଼ିଶାର ଜନପ୍ରିୟ ମୁଖ୍ୟମନ୍ତ୍ରୀ ଓଡ଼ିଆ ଅସ୍ମିତାର ରକ୍ଷକ ତଥା ସାଢ଼େ ଚାରି କୋଟି ଓଡିଆଙ୍କର ମୁଖ୍ୟ ସେବକ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ମୋହନ ଚରଣ ମାଝୀଙ୍କୁ ଜନ୍ମ ଦିନରେ ନେତା,ମନ୍ତ୍ରୀ,ବିଧାୟକ ଓ ସାଧାରଣ ଜନତା ଶୁଭେଚ୍ଛା ଜଣାଇଥିବା ବେଳେ ସତ୍ୟବାଦୀ ବିଧାୟକ ମାନ୍ୟବର ଓମ୍ ପ୍ରକାଶ ମିଶ୍ର ତାଙ୍କ ଜନ୍ମଦିନରେ ପହଞ୍ଚି ପୁଷ୍ପଗୁଚ୍ଛ ଉତ୍ତରୀୟ ପ୍ରଦାନ କରି ଅନେକ ଅନେକ ଶୁଭେଚ୍ଛା ଓ ଶୁଭକାମନା ଜଣାଇଛନ୍ତି । ତତ୍ ସହିତ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦ ମୁଖ୍ୟମନ୍ତ୍ରୀଙ୍କ ଉପରେ ସଦାସର୍ବଦା ରହିଥାଉ ଓ ସୁସ୍ଥ ଓ ନିରୋଗ ରହିବା ସହ ଦୀର୍ଘାୟୁ ହୁଅନ୍ତୁ ବୋଲି ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରିଥିବା ବିଧାୟକ ଓମ୍ ପ୍ରକାଶ ମିଶ୍ର କହିଛନ୍ତି।

# ବାଲିଗୁଡାରେ ଘନ କୁହୁଡ଼ି ସହ ପୁଣି ଫେରିଛି ଶୀତ : ଯାନବାହାନ ଚଳାଚଳ ରେ ବାଧା ଉପୁଜୁଛି



ବାଲିଗୁଡା ୭/୧ (ନି.ପ୍ର): କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ଅଞ୍ଚଳରେ ମେଘୁଆ ପାଗ ପରେ ପୁଣି କୁହୁଡ଼ି ସାଙ୍ଗକୁ ଫେରିଲା ଶୀତ ଲହରୀ। ଲଘୁଚାପ ବର୍ଷା ପରେ ଖସୁଛି ପାରଦ ବଢୁଛି ଶୀତ । ଘନ କୁହୁଡ଼ି ସହ ପୁଣି ଫେରିଛି ଶୀତ, ଦିନ ଦଶଟା ଯାଏଁ କମୁନି କୁହୁଡି। ବାଲିଗୁଡା ତଥା ଏହାର ଆଖପାଖ କୋଟଗଡ଼,ଦାରିଙ୍ଗବାଡି, କ.ନୁଆଗାଁ,ବେଲଘର, ତୁମୁଡ଼ିବନ୍ଧ, ରାଇକିଆ, ଟିକାବାଲି, ଚକାପାଦ ଜି ଉଦୟଗିରି ଅଞ୍ଚଳର ବିଭିନ୍ନ ଉପାନ୍ତ ଅଞ୍ଚରେ ବଢ଼ିଲାଣି ଶୀତ । ଶୀତୁଆ ସକାଳରେ ଚା' ଦୋକାନରେ ଲୋକଙ୍କ ଭିଡ଼ ମଧ୍ୟ ଦେଖିବାକୁ ମିଳୁଛି । ଘନ କୁହୁଡିରେ ଆଚ୍ଛାଦିତ ହୋଇଛି ସମଗ୍ର ଅଞ୍ଚଳ । ଅସହ୍ୟ ଜାଡ଼ରେ ଲୋକେ ଘରୁ ପଦାକୁ ବାହାରି ପାରୁନାହାନ୍ତି । ସଞ୍ଜ ନଇଁଲେ ଉପାନ୍ତ ଅଞ୍ଚଳରେ ତାପମାତ୍ରା ହ୍ରାସ ପାଉଛି । ଦିନ ଦଶଟା ଯାଏଁ ଘନକୁହୁଡ଼ିର ଚାଦର ତଳେ ଘୋଡ଼େଇ ହୋଇ ରହୁଥିବାରୁ ଶୀତ ଦାଉରୁ ରକ୍ଷାପାଇବା ପାଇଁ ଲୋକେ ଅଧରାତିରୁ ନିଆଁ ଜାଳି ନିଆଁର ଆଶ୍ରୟ ନେଉଛନ୍ତି । ରାସ୍ତା ରେ କୁହୁଡ଼ି ପାଇଁ ଯାନବାହାନ ଚଳାଚଳରେ ବାଧା ସୃଷ୍ଟି ହେଉଛି। ଯାନବାହାନ ସବୁ ଲାଇଟ୍ ଜାଳି ଯାତାୟତ କରୁଛନ୍ତି । ଶୀତରୁ ବର୍ତ୍ତିବା ପାଇଁ ଲୋକେ ଗରମ ଗରମ ଜିନିଷ ଖାଇବାକୁ ପସନ୍ଦ କରୁଛନ୍ତି। ସେପଟେ ଶୀତର ମଜା ଉଠାଇବା ପାଇଁ ଓଡ଼ିଶାର କାଶ୍ମୀର ଦାରିଙ୍ଗବାଡ଼ି, ବେଲଘର ଲୁଦୁ ଜଳପ୍ରପାତ,ସାପ ନଳା,ମଣ୍ଡାସୁର ଭଳି ବିଭିନ୍ନ ଅଞ୍ଚଳର ପ୍ରାକୃତିକ ବିଭବ ଅତି ନିକଟରୁ ଦେଖିବାକୁ ପର୍ଯ୍ୟଟକଙ୍କ ନୂତନ ବର୍ଷ ଆରମ୍ଭରୁ ସୁଅ ଛୁଟିଲାଣି । ଶୀତ ଯୋଗୁଁ ଗରିବ ଓ ଶ୍ରମଜୀବି କର୍ମ କ୍ଷେତ୍ରକୁ ଯାଇ ପାରୁ ନାହାନ୍ତି, ସେପଟେ ନିଜକୁ ଫିଟ୍ ରଖିବା ପାଇଁ ସବୁ ବର୍ଗର ଲୋକେ ସକାଳୁ ସକାଳୁ ମର୍ଣ୍ଣିଂ ୱାକ୍, ଯୋଗ, ବ୍ୟାୟାମ କରିବା ପାଇଁ ଜିମ୍, ପାର୍କ, ରାସ୍ତା ଓ ଷ୍ଟାଡିୟମରେ ଭିଡ଼ ଜମାଉଥିବା ଦେଖିବାକୁ ମିଳୁଛି । ଶୀତ ଆସିବା କ୍ଷଣି ଦେଖାଯାଇଛି ତୁଷାରର ଧଳା ଆସ୍ତରଣ। ବର୍ଷା ଛାଡିବା ଆକାଶ ମେଘ ମୁକ୍ତ ହୋଇ ନୀଳ ଆକାଶରେ ପରିଣତ ହେବା ସହ ଆକାଶରେ ମଝିରେ ମଝିରେ ମେଘ ଖଣ୍ଡ ସବୁଜ ପରିବେଶ କୁ ଆହୁରି ଆକର୍ଷିତ କରୁଛି। ରାସ୍ତାକଡ଼ ଝରଣାର ଦୃଶ୍ୟ ସବୁଜିମା ବୃକ୍ଷରାଜି ବିରାଟ ପାହାଡ଼ ପର୍ବତ ରାସ୍ତାରେ ଯାତାୟାତ କରୁଥିବା ଯାତ୍ରୀଙ୍କୁ ବେଶ ଆନନ୍ଦ ଦେଉଥିବା ଦେଖିବାକୁ ମିଳିଛି। ରାସ୍ତାରେ ଯାତାୟାତ କଲାବେଳେ ଲୋଭନୀୟ ମନୋରମ ଦୃଶ୍ୟ ଦେଖି ଯାତ୍ରୀମାନେ କିଛି ସମୟ ଅଟକି ଯାଇ ପ୍ରକୃତିର ମଜା ଉଠେଇବା ସହ ନିଜ ନିଜ ମୋବାଇଲରେ କିଛି ଫୋଟ ଉତ୍ତୋଳନ କରି ବେଶ ଆନନ୍ଦିତ ହେଉଛନ୍ତି। ଗତ କିଛିଦିନ ହେଲା ପାଗ ଶୁଖିଲା ରହିବା ସହ ସକାଳ ଓ ସଂଧ୍ୟା ସମୟରେ ପ୍ରବଳ ଶୀତ ଅନୁଭୂତି ହେଉଛି । ମଧ୍ୟରାତ୍ରିରୁ ଭୋର ମଧ୍ୟରେ ଅଧିକା ଶୀତ ପଡିବା ସହ ସକାଳର କୁହୁଡି ଶୀତକୁ ଦ୍ୱିଗୁଣିତ କରୁଛି । ବର୍ତ୍ତମାନ ବର୍ଷା ଛାଡିବା ପରେ ପର୍ଯ୍ୟଟନର ଋତୁ ଆରମ୍ଭ ହୋଇ ଯାଇଛି । କନ୍ଧମାଳ ଜିଲ୍ଲାର ପର୍ଯ୍ୟଟନ କ୍ଷେତ୍ର ବାହାର ଜିଲ୍ଲା ଏବଂ ବାହାର ରାଜ୍ୟର ପର୍ଯ୍ୟଟକ ମାନଙ୍କୁ ସ୍ୱାଗତ କରିବା ପାଇଁ ପୁରା ପ୍ରସ୍ତୁତ ହୋଇ ରହିଛି।

# କୁମ୍ଭୀର କାନ୍ଦଣା କାନ୍ଦୁଛି ବିଜେଡି

## ଦରଦାମ୍ ବୃଦ୍ଧି ପାଇଁ ବିଜେଡି ନିଜେ ଦାୟୀ ବୋଲି ଭୁଲିଯାଉଛି : ଗୋଲକ ମହାପାତ୍ର

ଭୁବନେଶ୍ୱର ,୭/୧ (ନି.ପ୍ର): ମାନନୀୟ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ମାଝୀଙ୍କ ସରକାରକୁ କେବଳ ୬ ମାସ ବିତିଛି । ଗତ ୨୪ ବର୍ଷ ଧରି ବିଜେଡି ସରକାର ଯାହା କରି ପାର ନ ଥିଲା ମୋହନ ସରକାର ମାତ୍ର ଅଳ୍ପ ଦିନ ମଧ୍ୟରେ ତାହା କରି ଦେଖାଇପାରିଛି । ମୋହନ ସରକାରଙ୍କ ସଫଳତା ଦେଖି ବିଜେଡିର ଚିନ୍ତା ବଢ଼ିଯାଇଛି । ଲୋକଙ୍କ ପାଇଁ ବିଜେପି ସରକାର ଏଭଳି ପ୍ରଗତି କରି ଚାଲିଲେ ବିଜେଡିର ସତା ଲୋପ ପାଇଯିବ ଭୟରେ ଏବେ ସେମାନେ ପ୍ରଳାପ କରୁଛନ୍ତି । ଦରଦାମ ବୃଦ୍ଧି ପାଇଁ ସେମାନେ ନିଜେ ଦାୟୀ ବୋଲି ଭୁଲିଯାଇଛନ୍ତି । ନିଜ ଦଳକୁ ବଂଚାଇବା ପାଇଁ ଓ ଚର୍ଚ୍ଚାରେ ରହିବା ପାଇଁ ଏବେ ସେମାନେ ରାସ୍ତାକୁ ଓହ୍ଲାଇଛନ୍ତି । ଗଣତାନ୍ତ୍ରିକ ପ୍ରକ୍ରିୟା ଆନ୍ଦୋଳନ କରିବାର ଅଧିକାର ସମସ୍ତଙ୍କ ରହିଛି । ମାତ୍ର ପ୍ରବାସୀ ଭାରତୀୟଙ୍କୁ ଯେତେବେଳେ ପୁରା ଓଡ଼ିଶା ସ୍ୱାଗତ କରିବାକୁ ଅପେକ୍ଷା କରିଛି । ସେତେବେଳେ ସାରା ବିଶ୍ୱରେ ଓଡ଼ିଶାର ଛବି ମଳିନ କରିବାକୁ ବିଜେଡି ହୀନ ପ୍ରୟାସ କରୁଛି । ଏହାକୁ ବିଜେପି ନିନ୍ଦା କରୁଛି ବୋଲି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ଉପସଭାପି ସଭାପତି ଶ୍ରୀ ଗୋଲଖ ମହାପାତ୍ର କହିଛନ୍ତି । ଶ୍ରୀ ମହାପାତ୍ର କହିଛନ୍ତି ଯେ, ତତ୍କାଳୀନ ସରକାର ୨୦୧୩ରେ ଚାଷୀଙ୍କୁ ୧୦୦ ଟଙ୍କା ବୋନସ ଦେବା ପାଇଁ କହି ଠକି ଦେଇଥିଲା । ମାତ୍ର ବିଜେପି ରାଜ୍ୟରେ ଏକାକୀ ସରକାର ଗଠନ କରିବା ପରେ ନିର୍ବାଚନରେ ଦେଇଥିବା ପ୍ରତିଶ୍ରୁତି ପୂରଣ କରିଛି । କେନ୍ଦ୍ର ସରକାର ଧାନର କୁଇଂଟାଲ ପିଛା ସହାୟକ ମୂଲ୍ୟ ବୃଦ୍ଧି କରିଥିବାବେଳେ ରାଜ୍ୟ ସରାକର ତା'ଉପରେ ୮୦୦ ଟଙ୍କା ବୋନସ ଦେଇଛନ୍ତି । ଫଳରେ ରାଜ୍ୟରେ ଚାଷୀ ଏବେ ୩୧୦୦ଟଙ୍କାରେ ଧାନ ବିକ୍ରି କରୁଛନ୍ତି । ଏହାଦ୍ୱାରା ସେମାନଙ୍କ ଆର୍ଥିକ ଓ ସାମାଜିକ ବିକାଶ ଘଟିଛି । ମହିଳାମାନଙ୍କ ପାଇଁ ବିଜେଡି ସବୁବେଳେ କୁମ୍ଭୀର କାନ୍ଦଣା କାନ୍ଦୁଥିଲା । ମାତ୍ର ବିଜେପି ସରକାର ଆସିବା ପରେ ସୁଭଦ୍ରା ଯୋଜନାରେ ବର୍ଷକୁ ୨ ଥର ୫ହଜାର ଟଙ୍କା ହିସାବରେ ୧୦ ହଜାର ଏବଂ ମୋଟ୍ ?ରେ ୫ ବର୍ଷରେ ୫୦ ହଜାର ଟଙ୍କା ୧କୋଟି ମହିଳାଙ୍କୁ ଦେବା ପାଇଁ ପ୍ରକ୍ରିୟା ଆରମ୍ଭ କରିଦେଇଛି । ମାଧୋ ସିଂ ହାତ ଖର୍ଚ୍ଚ ଯୋଜନାରେ ଶିକ୍ଷାରେ ଉନ୍ନତି ପାଇଁ ବିଦାର୍ଥୀମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି । ଗତ ୬ ମାସ ମଧ୍ୟରେ ଏଭଳି ଅନେକ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ମୋହନ ସରକାର ଓଡ଼ିଶାବାସୀଙ୍କ ଆସ୍ଥାଭାଜନ ହୋଇପାରିଛି । ଏହି ସମୟ ମଧ୍ୟରେ ଭାରତର ଯଶସ୍ୱୀ ପ୍ରଧାନମନ୍ତ୍ରୀ ଓଡ଼ିଶାକୁ ବାରମ୍ବାର ଆସିବା, ଏଠାରେ ନୌସେନା ଦିବସ ପାଳନ କରାଯିବା ଏବଂ ସେଥିରେ ରାଷ୍ଟ୍ରପତିଙ୍କ ଯୋଗଦେବା, ପୋଲିସ ମହାନିର୍ଦ୍ଦେଶକ ସମ୍ମିଳନୀ ଆୟୋଜନ କରାଯାଇଛି । ଏବେ ଯଶସ୍ୱୀ ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ରାଜ୍ୟରେ ପ୍ରବାସୀ ଭାରତୀୟ ଦିବସ ପାଳନ ହେବାକୁ ଯାଉଛି । ୧୬୦ଟି ଦେଶର ପ୍ରବାସୀ ଭାରତୀୟ ଏହି କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଓଡ଼ିଶା ଆସୁଛନ୍ତି । ଏନେଇ ସାରା ବିଶ୍ୱର ନଜର ଏବେ ଓଡ଼ିଶା ଉପରେ ରହିଛି । ଏହା ଆମ ସମସ୍ତଙ୍କ ପାଇଁ ଗୌରବର ବିଷୟ । ଏହାଦ୍ୱାରା ଓଡ଼ିଶାରେ ପର୍ଯ୍ୟଟନ ସମେତ ଆର୍ଥିକ ଅଭିବୃଦ୍ଧି ଘଟିବ । ଓଡ଼ିଶା ଏଭଳି ବିକାଶକୁ ଦେଖି ବିଜେଡି ଅସହିଷ୍ଣୁ ହୋଇଯାଇଛି । ମୋହନ ସରକାରଙ୍କ ନେତୃତ୍ୱରେ ଓଡ଼ିଶାର ଯେଭଳି ବିକାଶ କରୁଛି ଏବଂ ସରକାର ଯେଭଳି ଲୋକଙ୍କ ପାଖରେ ପହଂଚି ସେମାନଙ୍କ ସହ ଛିଡ଼ା ହେଉଛନ୍ତି ତାହାକୁ ବିଜେଡି ସହ୍ୟ କରିପାରୁନାହିଁ । ନିଜ ଶାସନ ସମୟରେ ବିଜେଡି ଉତରାଧିକାରୀ ସୂତ୍ରରେ ଓଡ଼ିଶାକୁ ଦରବୃଦ୍ଧି ଦେଇଯାଇଛନ୍ତି । ଏବେ ସେହି ଦୋଷ ବିଜେପି ସରକାର ଉପରକୁ ଠେଲି ଦେଉଛନ୍ତି । ବିଜେଡି ସରକାର ସମୟରେ ଆଳୁ ଓ ପିଆଜ ମିଶନ ଫେଲ ହୋଇଥିବାବେଳେ ଅଣ୍ଡା ଓ ମାଛ ଆଦି ରାଜ୍ୟରେ ଉତ୍ପାଦନ କରି ନ ପାରି ଆନ୍ଧ୍ରରୁ ଅଣାଯାଉଥିଲା । ଏପରିକି ପରିବା ମଧ୍ୟ ରଖି ନ ପାରି ବାହାରୁ ଆମଦାନୀ କରାଯାଉଥିଲା । ସବୁଠାରୁ ଲଜ୍ଜାଜନକ ବିଷୟ ହେଉଛି ବିଜେଡି ଉତରାଧିକାରୀ ସୂତ୍ରରେ ଯାହା ଦେଇଛି ସେଥିପାଇଁ ଏବେ ଆନ୍ଦୋଳନ କରୁଛି । ଏଥିପାଇଁ ଆନ୍ଦୋଳନ କରିବା ପୂର୍ବରୁ ବିଜେଡି ନିଜକୁ ପ୍ରଶ୍ନ କରିବା ଦରକାର ଯେ, ଦୀର୍ଘବର୍ଷ ଧରି ଶାସନ କରିବା ପରେ ଓଡ଼ିଶାରେ ଦରଦାମ ବୃଦ୍ଧି ହେଲା କାହିଁକି ? ଓଡ଼ିଶାବାସୀଙ୍କ ପ୍ରତି ସେମାନେ ଯେଉଁଭଳି ଉପେକ୍ଷା କରିଛନ୍ତି ସେଥିରୁ ବର୍ତିବା ପାଇଁ ବିଜେଡି ଏଭଳି ହୀନ ପ୍ରୟାସ କରୁଛି । କିନ୍ତୁ ଆଗାମୀ ଦିନରେ ଦାରଦାମ ବୃଦ୍ଧିରୁ ଓଡ଼ିଶାବାସୀଙ୍କୁ ମୁକୁଳାଇବା ପାଇଁ ବିଜେପି ସରକାର ଲମ୍ବା ଯୋଜନା କରି ପ୍ରକ୍ରିୟା ଆରମ୍ଭ କରିସାରିଛି । ଏଥିରେ ଯେପରି କୌଣସି ତ୍ରୁଟି ବିଚ୍ୟୁତି ନ ରହିବ ସେଥିପାଇଁ ବ୍ୟବସ୍ଥା କରାଯାଇଛି ବୋଲି ଶ୍ରୀ ମହାପାତ୍ର କହିଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ଉପସଭାପତି ବିରଂଚି ତ୍ରିପାଠୀ, ରାଜ୍ୟ ଗଣମାଧ୍ୟମ ସଂଯୋଜକ ସୁଜିତ ଦାସ, ରାଜ୍ୟ ମୁଖପାତ୍ର ଉର୍ମିଳା ମହାପାତ୍ର, ରାଜ୍ୟ ମୁଖପାତ୍ର ତେଜେଶ୍ୱର ପରିଡ଼ା, ରାଜ୍ୟ ଓବିସି ମୋର୍ଚ୍ଚା ସଭାପତି ସୁରଥ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ ।




## ବାଲୁଗାଁ ମୁଖ୍ୟରାସ୍ତା ଉଭୟ ପାର୍ଶ୍ୱରୁ ବେଆଇନ ଉଚ୍ଛେଦ



ବାଲୁଗାଁ ୭/୧ (ନି.ପ୍ର): ୫ନଂ ଜାତୀୟ ରାଜପଥ ବାଲୁଗାଁ ସହରର ମୁଖ୍ୟ ରାସ୍ତା ସମ୍ପ୍ରସାରଣ ନେଇ ଉଭୟ ପାର୍ଶ୍ୱରେ ଥିବା ବେଆଇନ ନିର୍ମାଣ ଉଚ୍ଛେଦ ପ୍ରକ୍ରିୟା ରବିବାର ଦିନ ଆରମ୍ଭ ହୋଇଛି ।ଖବର ମୁତାବକ ବାଲୁଗାଁ ସହରର ମୁଖ୍ୟ ରାସ୍ତା ଗୋବର୍ଦ୍ଧନପୁର ଠାରୁ ଗବପଦର ମୌଜା ପର୍ଯ୍ୟନ୍ତ ଦୀର୍ଘ ୪ କିମି ରାସ୍ତା ୪ ଲେନ ବିଶିଷ୍ଟ ସମ୍ପ୍ରସାରଣ ନିମନ୍ତେ ରାସ୍ତା ଓ ଗୃହ ନିର୍ମାଣ ବିଭାଗ ପକ୍ଷରୁ କାର୍ଯ୍ୟାଦେଶ ପାଇଁ ନିର୍ଦ୍ଦେଶ ରହିଥିଲା ।ଏନେଇ ସ୍ଥାନୀୟ ପ୍ରଶାସନ ପକ୍ଷରୁ ସରକାରୀ ଜାଗା ଚିହ୍ନଟ କରି ଅବରୋଧକାରୀଙ୍କୁ ସୂଚିତ କରାଯିବାସହ ସ୍ଥାନୀୟ ପ୍ରଶାସନ ପକ୍ଷରୁ ଅକ୍ଟୋବର ୪ ରେ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇଥିଲା ।ମାତ୍ର କିଛି ଅନିର୍ବାଯ୍ୟ କାରଣ ଯୋଗୁଁ ଉଚ୍ଛେଦ ପ୍ରକ୍ରିୟା ସ୍ଥଗିତ ରହିଥିଲା ।ଯାହାକି ସ୍ଥାନୀୟ ପ୍ରଶାସନ ପକ୍ଷରୁ ଗତ ସେପଟ୍ମେର ମାସ ଠାରୁ ଅନେକ ଥର ବିଭିନ୍ନ ସ୍ଥାନରେ ଜାଗା ଚିହ୍ନଟ କରାଯାଇଥିବା ବେଳେ ବାସ୍ତବରେ କେତେ ଜାଗା ଉଚ୍ଛେଦ ହେବ ତାହା ସ୍ଥାୟୀ ଓ ଅସ୍ଥାୟୀ ଜବରଦଖଲ କାରୀ ଅଗୋଚରରେ ରହିଥିଲେ ।ତେବେ ନୂତନ ବର୍ଷ ପ୍ରାରମ୍ଭରୁ ଚିଲିକା ତହସିଲଦାର କାହ୍ନୁ ଚରଣ ଘଡେଇ ଜବରଦଖଲକାରୀଙ୍କୁ ଉଚ୍ଛେଦ ପାଇଁ ନୋଟିସ ଜାରି କରିଥିଲେ ।ଯାହାକି ଆଜି ପୂର୍ବାହ୍ନରେ ଚିଲିକା ତହସିଲଦାର ଶ୍ରୀ ଘଡେଇଙ୍କ ନିର୍ଦ୍ଦେଶ କ୍ରମେ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ କରାଯାଇଛି ।ଅତିରିକ୍ତ ତହସିଲଦାର ବିଷ୍ଣୁପ୍ରିୟା ବେହେରା,ବାଲୁଗାଁ ରାଜସ୍ୱ ଅଧିକାରୀ ନିକୁଞ୍ଜ ପ୍ରଧାନ,ଅମିନ,ତହସିଲ କର୍ମଚାରୀ, ଏକ ପ୍ଲାଟୁନ ଫୋର୍ସ ଓ ସ୍ଥାନୀୟ ପୋଲିସ ପ୍ରଶାସନ ଉପସ୍ଥିତିରେ ଉଚ୍ଛେଦ ପ୍ରକ୍ରିୟା କରାଯାଇଥିଲା ।ଏହି ପ୍ରକ୍ରିୟା ବାଲୁଗାଁ ସହରରେ ସମ୍ପୂର୍ଣ୍ଣ ଅବରୋଧ ମୁକ୍ତ କରିବା ପର୍ଯ୍ୟନ୍ତ ଜାରି ରହିବ ବୋଲି ତହସିଲଦାର ଶ୍ରୀ ଘଡେଇ କହିଛନ୍ତି ।

## ଆଧ୍ୟାତ୍ମିକ ପତ୍ରିକା 'ଦିବ୍ୟାଲୋକ ସନ୍ଧାନେ'ର ୨୪ ତମ ସ୍ୱନକ୍ଷତ୍ର ଉତ୍ସବ ଓ ସମ୍ବର୍ଧନା ସଭା

କଟକ ୭/୧ (ନି.ପ୍ର): ଦୀର୍ଘ ୨୪ ବର୍ଷ ଧରି ପ୍ରକାଶିତ ହୋଇ ଆସୁଥିବା ଧର୍ମ, ତତ୍ତ୍ୱ,ଜ୍ୟୋତିଷ,ସମ୍ବାଦ ଓ ସଂସ୍କାର ମୂଳକ ଆଧ୍ୟାତ୍ମିକ ପତ୍ରିକା 'ଦିବ୍ୟାଲୋକ ସନ୍ଧକ୍ଷନେ'ର ୨୪ ତମ ସ୍ୱନକ୍ଷତ୍ର କଟକ ସଦର ଥାନା ଅନ୍ତର୍ଗତ ନଛିପୁର ଶ୍ରୀ କେଦାରେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇ ଯାଇଛି । ପତ୍ରିକାର ସମ୍ପାଦକ ଶ୍ରୀ ସନ୍ନ୍ୟାସୀଜୀ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଆତ୍ମଜ୍ଞାନୀ ସନ୍ଥ ସ୍ୱାମୀ ଅଦୈତକ୍ଷନନ୍ଦ ସରସ୍ୱତୀ ଉଦଘାଟକ,ମହର୍ଷି ସନ୍ଦୀପନି ବେଦ ବିଦ୍ୟା ପ୍ରତିଷ୍ଠାନ,ମଧ୍ୟପ୍ରଦେଶର ଉପାଧ୍ୟକ୍ଷ୍ୟ ତଥା ରାଜେନ୍ଦ୍ରପ୍ରସାଦ କୃଷି ବିଶ୍ୱବିଦ୍ୟାଳୟ,ବିହାରର କୁଳାଧିପତି ପ୍ରଫେସର (ଡଃ) ପ୍ରଫୁଲ୍ଲ କୁମାର ମିଶ୍ର ମୁଖ୍ୟ ଅତିଥି, ବିଶିଷ୍ଟ ବାଗ୍ମୀ ଡାକ୍ତର କୃଷ୍ଣ କେଶବ ଷଡ଼ଙ୍ଗୀ ମୁଖ୍ୟ ବକ୍ତା,ଡ଼କ୍ଟର ଶରତ କୁମାର ବିଶ୍ୱାଳ,ପ୍ରାର୍ଥନା ଚ୍ୟାନେଲ ନିର୍ଦ୍ଦେଶକ ଶପଥ କୁମାର ମହାପାତ୍ର, ପ୍ରଯୋଜକ ଅଭିନନ୍ଦନ ଦାସ, ବାବାଜୀ ବିଶ୍ୱନାଥ ଦାସ,ବ୍ରହ୍ମଚାରୀ ବିଶ୍ୱେଶ ଚୈତନ୍ୟ,ସନ୍ଥ କୃଷ୍ଣ ଦାସ, ସ୍ୱାମୀ ଭବାନୀଶଙ୍କର ସ୍ୱରୂପ,ସ୍ୱାମୀ ଜିଜ୍ଞାସା ନନ୍ଦ ମହାରାଜ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ସମସ୍ତଙ୍କ ଭିତରେ ଦିବ୍ୟ ଆଲୋକ ଅଛି ଏବଂ ତାକୁ ଖୋଜିବା ପ୍ରତ୍ୟେକ ମଣିଷର ପରମ ଧର୍ମ ବୋଲି ମତ ଦେଇଥିଲେ। ଉକ୍ତ ଉତ୍ସବରେ ଅନୁଷ୍ଠାନର ସର୍ବୋଚ୍ଚ ସମ୍ମାନ ବିଶିଷ୍ଟ ଚଳଚିତ୍ର ନିର୍ଦ୍ଦେଶକ ସବ୍ୟସାଚୀ ମହାପାତ୍ରଙ୍କୁ ଶିରପକ୍ଷ, ମାନପତ୍ର,ଉତ୍ତରୀୟ, ଓ ପୁଷ୍ପଗୁଚ୍ଛ ପ୍ରଦାନ କରି 'ଦିବ୍ୟାଲୋକ ସନ୍ଧାନେ ରତ୍ନ ସମ୍ମାନ'ରେ ସମ୍ମାନିତ କରାଯାଉଥିଲା । ଅନ୍ୟ ଅଷ୍ଟ ରତ୍ନ ମାନଙ୍କ ମଧ୍ୟରେ ପାଲକ୍ଷକାର ଡଃ ଶିଶିର କୁମାର ପାଢ଼ୀଙ୍କୁ 'ଗାୟକ ରତ୍ନ', ଉପେନ୍ଦ୍ର ମହଲାଙ୍କୁ 'ସାମ୍ବାଦିକ ରତ୍ନ',କଟକ କମିଶନରେଟ ପୋଲିସ ର ଜୋନ -୧ ଏ ସି ପି ଅରୁଣ କୁମାର ସ୍ୱାଇଁଙ୍କୁ ' ପୋଲିସ ସେବା ରତ୍ନ ', ଅଶୋକ ପଟ୍ଟନାୟକଙ୍କୁ 'ନିର୍ଦ୍ଦେଶକ/ ପ୍ରଯୋଜକ ରତ୍ନ 'ଦଧିଚି ଶିକ୍ଷକ୍ଷନୁଷ୍ଠାନ ସମୂହର ଅଧ୍ୟକ୍ଷ ଡଃ ମନୋଜ କୁମାର ଦାଶଙ୍କୁ ' ଶିକ୍ଷା ରତ୍ନ', ଭୁବନେଶ୍ୱରୀ କ୍ଲବ,ବ୍ରାହ୍ମଣସାଇଲୋଙ୍କୁ ' ସାମାଜିକ ସେବା ରତ୍ନ',ପଣ୍ଡିତ ପ୍ରମୋଦ କୁମାର ପଣ୍ଡାଙ୍କୁ 'ପ୍ରବକ୍ତା ରତ୍ନ',ଏବଂ ନିରତକ୍ଷରର ନିର୍ଦ୍ଦେଶକ ଡଃ ପତିତପାବନ ମହାନ୍ତିଙ୍କୁ ' 'ଚିକିତ୍ସକ ରତ୍ନ' ସମ୍ମାନରେ ସମ୍ମାନିତ କରାଯିବା ସହିତ ଦିବ୍ୟାଲୋକ ସନ୍ଧାନେ ପତ୍ରିକାରେ ନିୟମିତ ଲେଖୁଥିବା ଅଲେଖ ମିଶ୍ର,ଦୁର୍ଗାପ୍ରସାଦ ଆଚାର୍ଯ୍ୟ, ଗୋପାଳ ମିଶ୍ର,ଅନନ୍ତ ଗୋପାଳ ପଣ୍ଡା ଏବଂ ଅର୍ଜୁନୀ ଚରଣ ବେହେରାଙ୍କୁ 'ଦିବ୍ୟାଲୋକ ସନ୍ଧକ୍ଷନେ ଲେଖକ ସମ୍ମାନ'ରେ ସମ୍ବର୍ଦ୍ଧିତ କରାଯାଇଥିଲା । ସ୍ୱାମୀ ତ୍ରିଲୋକେଶ୍ୱର ଭାରତୀ ସ୍ୱାଗତ ଭାଷଣ,ସାମ୍ବାଦିକ ରାଜେନ୍ଦ୍ର ପ୍ରସାଦ ମହାପାତ୍ର ଅତିଥି ପରିଚୟ,ଏବଂ ସାମ୍ବାଦିକ ପ୍ରତାପ କେଶରୀ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ପଣ୍ଡିତ ତ୍ରିନାଥ ମହାପାତ୍ର ଓ ସାଥି ହନୁମାନ ଚାଳିଶା ଓ ପାରାୟଣ କରିଥିବା ବେଳେ ପଣ୍ଡିତ ପ୍ରମୋଦ କୁମାର ପଣ୍ଡା ଶ୍ରୀମଦ ଭାଗବତ ଉପରେ ପ୍ରବଚନ ପ୍ରଦାନ କରିଥିଲେ। ଏହି ଅବସରରେ ପତ୍ରିକାର ଜାନୁଆରୀ ସଂଖ୍ୟାକୁ ଅତିଥି ମାନେ ଲୋକାର୍ପଣ କରିଥିଲେ। କାର୍ଯ୍ୟକ୍ରମ ରେ ୩୦ ଜଣଙ୍କୁ ଗ୍ରାମ ପ୍ରେମୀ ସମ୍ମାନ ପ୍ରଦାନ କରାଯିବା ସହିତ ଗଣମାଧ୍ୟମ କର୍ମୀ,ତଥା ଅଂଚଳର ବିଶିଷ୍ଟ ବ୍ୟକ୍ତିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ପରିଚାଳନା ସମ୍ପାଦକ ଇଂ.ବିପ୍ଲବ ଦାସ,ସାମ୍ବାଦିକ ରମେଶଚନ୍ଦ୍ର ପ୍ରଧାନ,ସାମ୍ବାଦିକ କାନନ ବିହାରୀ ନାୟକ,ସାମ୍ବାଦିକ ବିଭୁତି ତରାଇ, ଇଂ.ସେବକ ଶ୍ରୀକାନ୍ତ,ହୃଦାନନ୍ଦ ବେହେରା, ଦିଲୁ ମଲ୍ଲିକ, ଇଂ. ରାମଚନ୍ଦ୍ର ବେହେରା,ପ୍ରକାଶ ଚନ୍ଦ୍ର ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ।

## କୃଷକ ପରାମର୍ଶ କେନ୍ଦ୍ରରେ ପଡିଛି ତାଲା
### ଅଫିସର ପୁରା ଢ଼ିଲା , ଚାଷୀ ମାନେ ଗୁଲଗୁଲା



ମ. ରାମପୁର୭/୧ (ନି.ପ୍ର): ମ. ରାମପୁର ବ୍ଲକ ଅଧିନସ୍ତ ବମକ ଗ୍ରାମ ପଂଚାୟତ ରେ କୃଷକ ପରାମର୍ଶ କେନ୍ଦ୍ର ଠାରେ ପଡିଛି ତାଲା, ହେଲେ କୃଷି ଅଧିକାରୀ ପାଇଁ ନିର୍ମାଣ ହୋଇଥିଲେ ମଧ୍ୟ କୌଣସି ପ୍ରକାର ସୁବିଧା ସହଯୋଗ ମିଳିପାରୁନି କିନ୍ତୁ ଚାଷୀ ମାନଙ୍କ ପାଇଁ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରି କୋଠା ନିର୍ମାଣ କରିଛନ୍ତି କିନ୍ତୁ ଅଫିସର ଦେଖା ନାହିଁ ବର୍ତମାନ ପାଇଁ ମୁଗ ଚାଷ କରି ଛନ୍ତି କିନ୍ତୁ ଲଗାତାର ଝିପି ଝିପି ବର୍ଷା ରେ ସବୁ ନଷ୍ଟ ହୋଇଯାଇଛି ତାହା କୃଷି ଅଧିକାରୀ କିମ୍ବା ବ୍ଲକ କୃଷି ଅଧିକାରୀ ଦେଖା ମିଳୁ ନାହିଁ !ଚାଷୀମାନେ କେଉଁ ସମୟରେ କେଉଁ ମେଡ଼ିସିନ ଦେବା କଥା ବ୍ଲକ କୃଷି ଅଧିକାରୀ ଅଫିସ ରେ ମଧ୍ୟ ଦେଖା ନାହିଁ !ଏପଟେ ମୁଗ ଚାଷ ନଷ୍ଟ ହୋଇ ପଡ଼ିଥିବା ବେଳେ ଚଷୀ ହତାଶ ହୋଇ ପଡି ଛନ୍ତି ତେଣୁ ଜିଲ୍ଲା କୃଷି ଅଧିକାରୀ ଦୃଷ୍ଟି ଦେବା ପାଇଁ ଚାଷୀ ଙ୍କ ଦାବୀ ରହିଛି !

## ୧୯୮୨ ମସିହା ର ଗୌରବମୟ ମହାପୂର୍ତ୍ତୀ ଦିବସ ପାଳିତ

ନିମାପଡା ୭/୧ (ନି.ପ୍ର): ବନ୍ଧୁତ ଆଗରେ ହାର ମାନିଛି ବୟସ, ବନ୍ଧୁତା ୩ ଅକ୍ଷର କୁ ନେଇ ଗୋଟେ ଶବ୍ଦ କିନ୍ତୁ ଏହି ଶବ୍ଦ ଭିତରେ ରହିଛି ଅନେକ ଭଲପାଇବା, ସ୍ନେହ ଓ ଅନ୍ତରଙ୍ଗତା, ଯାହାକୁ ଆଜି ପ୍ରତିପାଦନ କରିଛନ୍ତି ଅସ୍ତରଙ୍ଗ ସରକାରୀ ଉଚ୍ଚ ବିଦ୍ୟାଳୟ ର ୧୯୮୨ ମସିହା ର ପୁରାତନ ଛାତ୍ରଛାତ୍ରୀ । ଅସ୍ତରଙ୍ଗ ଉଚ୍ଚ ବିଦ୍ୟାଳୟ ପରିସରରେ ଏହି ଆଲୁମିନି ଆସୋସିଏସନ ତରଫରୁ ଆଜି ଗୌରବମୟ ପୂର୍ତ୍ତୀ ଦିବସ ପାଳନ କରାଯିବା ସହ ଗୋଟେ ସ୍ନେହ ଓ ମମତା ର ପରିବେଶ ସୃଷ୍ଟି କରିଛି । ଏହି କାର୍ଯ୍ୟକ୍ରମ ରେ ପୁରାତନ ୭୦ ରୁ ଉର୍ଦ୍ଧ ଛାତ୍ରଛାତ୍ରୀ ସେମାନଙ୍କ ପରିବାର ସହ ଯୋଗ ଦେଇଛନ୍ତି, ଏହି କାର୍ଯ୍ୟକ୍ରମ ରେ ଅତିଥି ରୂପେ ପୂର୍ବତନ ଶିକ୍ଷକ ପ୍ରମୋଦ ନାୟକ, ପଣ୍ଡିତ କାଳନ୍ଦୀ ଛାଟୋଇ, କାହ୍ନୁଚରଣ ବିଶ୍ୱାଳ, ରବୀନ୍ଦ୍ର ପ୍ରଧାନ ଓ ଶ୍ୟାମାକାନ୍ତ ମିଶ୍ର ଉପସ୍ଥିତ ରହି ପ୍ରଦୀପ ପ୍ରଜ୍ୱଳନ କରି ସଭାକାର୍ଯ୍ୟ ଅନୁଷ୍ଠାନିକ ଭାବେ ପରିଚାଳିତ କରିଥିଲେ, ବନ୍ଧୁତା ଓ ପ୍ରେମ ଆଉ ବନ୍ଧୁତା କୁ ନେଇ ସ୍ୱତନ୍ତ୍ର ପରିବେଶ ଦୁନିଆ ର ଏକ ନିଷ୍ଠାପର ସମ୍ପର୍କ ର ବାସ୍ତବିକ ସତ୍ୟ ବୋଲି ଉପସ୍ଥିତ ଅତିଥି ବୃନ୍ଦ ସେମାନଙ୍କ ଅଭିଭାଷଣ ରେ ମତାମତ ଦେଇଥିଲେ, ବର୍ତ୍ତମାନ ଉଚ୍ଚବିଦ୍ୟାଳୟ ର ପ୍ରଧାନଶିକ୍ଷକ ସୁଶାନ୍ତ କୁମାର ପରିଡା ଏହି କାର୍ଯ୍ୟକ୍ରମ ରେ ମୁଖ୍ୟ ପୁରୋଧା ଭାବେ ସଭାପତିତ୍ୱ କରିଥିଲେ,ଧନ୍ୟବାଦ ଅର୍ପଣ କରି ସୁର୍ଯ୍ୟ କାନ୍ତ ଦାସ.ଆଗାମୀ ଦିନରେ ଏହି ଆଲୁମିନି ସଙ୍ଘ ଏକ ସମାଜକଲ୍ୟାଣ ଅନୁଷ୍ଠାନ ଭାବେ ନିଜ ଅଞ୍ଚଳ ରେ ଦୁଖୀ ଦରିଦ୍ର ଙ୍କ ସେବା କରିବାକୁ ନିଷ୍ପତି ନେଇଛି, ତା ସହିତ ଏମାନଙ୍କ ସମୟ ର ଦିବଂଗତ ଶିକ୍ଷକ ଶିକ୍ଷୟତ୍ରୀ ଓ ବନ୍ଧୁ ବାନ୍ଧବୀ ମାନଙ୍କ ପାଇଁ ସ୍ମୃତିଚାରଣ କରିବା ସହ ଦୀର୍ଘ ବର୍ଷ ପରେ ଅଥବା ବୟସ ର ଅପରାହ୍ନ ରେ ନିଜ ନିଜ ପିଲା ଦିନ ର ସାଙ୍ଗ ସାଥି ସମ୍ପର୍କ ର ଭାବ ଆଦାନପ୍ରଦାନ କରାଯାଇଛି ଆଉ ଏହିଭଳି ବନ୍ଧୁତ୍ୱ କୁ ଏକ ଶ୍ରେଷ୍ଠ ବନ୍ଧୁତ୍ୱ ଦିବସ ବୋଲି ଉପସ୍ଥିତ ଅତିଥି ମାନେ ଘୋଷଣା କରିଥିଲେ।

## ଗୁରୁକୂଳ କଲେଜରେ ବାଳିକା ଆତ୍ମରକ୍ଷା ତାଲିମ ଶିବିର

ଦଶରଥପୁର ୭/୧ (ନି.ପ୍ର): ଦଶରଥପୁର ବ୍ଲକ୍ ଅନ୍ତର୍ଗତ ଗୁରୁକୁଳ କରୁଣାକର ବେଦ ସଂସ୍କୃତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଦଶରଥପୁର ପକ୍ଷରୁ ବାଳିକା ଆତ୍ମରକ୍ଷା ତାଲିମ୍ ଶିବିର ଆଜି ଅଧ୍ୟକ୍ଷ ରତିକାନ୍ତ ପତିଙ୍କ ସଭାପତିତ୍ୱରେ ଉଦ୍ଘାଟିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ ସଭାରେ ଦଶରଥପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଇତିହାସ ବିଭାଗ ଅଧ୍ୟାପକ କୈଳାସ ଚନ୍ଦ୍ର ସେନାପତି ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ଅନ୍ୟାନ୍ୟ ଅତିଥି ଭାବେ ଅଧ୍ୟାପକ ପ୍ରଦୀପ୍ତ କୁମାର ଦାସ, ଅଧ୍ୟାପିକା ପ୍ରୀତିଛନ୍ଦା ମଲ୍ଲିକ, ଡ଼କ୍ଟର ସୁଶାନ୍ତ କୁମାର ତ୍ରିପାଠୀ, ପଣ୍ଡିତ ରାମହରି ନାୟକ, ନାଟ୍ୟକାର ସୁବାସ ଚନ୍ଦ୍ର ବେହେରା ଯୋଗଦେଇ ଉକ୍ତ ତାଲିମ୍ ଶିବିରର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ।ଏହି ଶିବିରଟି ଆସନ୍ତା ଜାନୁଆରୀ ୧୬ ତାରିଖରେ ଉଦଯାପିତ ହେବ ବୋଲି ସୂଚନା ମିଳିଛି। ପ୍ରଫୁଲ୍ଲ କୁମାର ରାଉତ, ଅଶୋକ କୁମାର ଦାସ ଏବଂ ଅନୁଷ୍ଠାନର ଛାତ୍ରଛାତ୍ରୀ ମାନେ ଏହି କାର୍ଯ୍ୟକ୍ରମରେ ସକ୍ରିୟ ସହଯୋଗ କରିଥିଲେ। ପ୍ରଶିକ୍ଷିକା କାଜଲ ବେହେରା ବାଳିକା ମାନଙ୍କୁ ଆତ୍ମରକ୍ଷା କୌଶଳ ଶିଖାଇ ଥିଲେ।ଶିବିର ସଂଯୋଜକ ଅଧ୍ୟାପକ ଉପେନ୍ଦ୍ର କୁମାର ମଲ୍ଲିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସଂଶୋଧିତ ନୂଆ ଭୋଟର ତାଲିକା ଉନ୍ମୋଚନ ଉତ୍ସବ

ଚିକିଟୀ ୭/୧ (ନି.ପ୍ର): ନିର୍ବାଚନ କମିଶନର ଓଡିଶାଙ୍କ ନିର୍ଦ୍ଦେଶକ୍ରମେ ବ୍ରହ୍ମପୁର ଉପଜିଲ୍ଲାପାଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରସ୍ତୁତ ସଂଶୋଧିତ ନୂଆ ଭୋଟର ତାଲିକା ୨୦୨୫ କୁ ଆଜି ସମସ୍ତ ବି ଏଲ ଓ ନିଜ ନିଜ ବୁଥ ସ୍ତରରେ ଲୋକଙ୍କ ଗହଣରେ ଉନ୍ମୋଚନ କରିଛନ୍ତି । ସେହିପରି ଚିକିଟୀ ଏନ ଏ ସି ଅନ୍ତର୍ଗତ ବୁଥ ନଂ ୭୦,୭୧,୭୨ ଏବଂ ୭୩ ଠାରେ ଏ ଇ ଆର ଓ ଚିକିଟୀ ନାରାୟଣ ସୋରେନ, ଏନ ଏ ସି ସୁପରଭାଇଜର ରଞ୍ଜନ କୁମାର ବ୍ରହ୍ମା, ଗୋଷ୍ଠୀ ଶିକ୍ଷାଅଧିକାରୀ ବସନ୍ତ କୁମାର ପଣ୍ଡା, ବି ଆର ସି ସି ନିଗମାନନ୍ଦ ପଣ୍ଡା, ଅତିରିକ୍ତ ଶିକ୍ଷାଅଧିକାରୀ ସିମାଞ୍ଚଳ ପଣ୍ଡା, ତ୍ରିନାଥ ମଲିକ ଉପସ୍ଥିତ ରହି ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଏହାର ଶୁଭ ଲୋକାର୍ପଣ କରିଛନ୍ତି । ଏଥିରେ ସି ଆର ସି ସି ମିନତି କୁମାରୀ ପାଠୀ, ଧର୍ମରାଜ ବେହେରା, ସୁଜିତ କୁମାର ପାଢୀ, ଆମର କୁମାର ସାହୁଙ୍କ ସମେତ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ, ସ୍ଥାନୀୟ ଜନସାଧାରଣ ଯୋଡିହୋଇ ରହିଥିବା ଉତ୍ସବ ମୁଖରିତ ପରିବେଶ ଦେଖିବାକୁ ମିଳିଛି । ଚିକିଟୀ ଏନ ଏ ସି ର ଦଶଟିଯାକ ବୁଥରେ ସୁପରଭାଇଜର ରଞ୍ଜନ କୁମାର ବ୍ରହ୍ମାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ ବି ଏଲ ଓ ଅବିକଳ କାର୍ଯ୍ୟକ୍ରମ କରି ନୂତନ ଭୋଟର ତାଲିକା ଲୋକଙ୍କ ଗହଣରେ ଲୋକଙ୍କ ପାଇଁ ଲୋକାର୍ପଣ କରାଇଛନ୍ତି । ନିର୍ବାଚନ କମିଶନର ଓଡ଼ିଶାଙ୍କ ଉକ୍ତ କାର୍ଯ୍ୟକ୍ରମକୁ ଅଞ୍ଚଳବାସୀ ଏବଂ ନଗରିକଗଣ ବେଶ୍ ପ୍ରସଂଶା କରିଛନ୍ତି ।

## ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ର ଷଡତ୍ରିଂଶତ୍ ବାର୍ଷିକ ଉତ୍ସବ



ବାଲିଗୁଡା ୭/୧ (ନି.ପ୍ର): କନ୍ଧମାଳ ଜିଲ୍ଲା ବାଲିଗୁଡା ସ୍ଥିତ ସରସତୀ ଶିଶୁ ବିଦ୍ୟା ମନ୍ଦିରର ଷଡତ୍ରିଂଶତ୍ ବାର୍ଷିକୋତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ସଭାପତି ସୁଧାଂଶୁ ମୋହନ ପତିଙ୍କ ସଭାପତିତ୍ୱରେ ଓଡ଼ିଶା ସରକାରଙ୍କ ପ୍ରଶାସକ ସ୍ଥାନୀୟ ତହସିଲଦାର ଦୀପ୍ତି ପ୍ରକାଶ ବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶିଶୁ ମନ୍ଦିର ଏକ ଉତ୍କୃଷ୍ଟ ମଣିଷ ତିଆରି କାରଖାନା ବୋଲି କହିବା ସହ ଏଥିରେ ବହୁ ଛାତ୍ର ଛାତ୍ରୀ ପାଠ ପଢି ବିଭିନ୍ନ ସ୍ଥାନରେ କାର୍ଯ୍ୟ କରୁଛନ୍ତି, ଯାହା ଆଜି ଅନୁଷ୍ଠାନର ପ୍ରଂଶସା କୁ ଦ୍ୱିଗୁଣିତ କରୁଛି । ଏହି ଅନୁଷ୍ଠାନ ର ଉତ୍ତୋରତ୍ତର କାମନା କରିବା ସହ କିଭଳି ଆଗକୁ ବଢିବ ସେ ଦିଗରେ ସମସ୍ତଙ୍କ ସହାୟତା ଆବଶ୍ୟକ ରହିଛି ବୋଲି କହିଥିଲେ । ମୁଖ୍ୟବକ୍ତା ଭାବେ ଦକ୍ଷିଣପୂର୍ବ ସମ୍ଭାଗ ମୁଖ୍ୟ ରୀତା ରାଣୀ ମିଶ୍ର, ସମ୍ମାନିତ ଅତିଥି ଭାବେ ଜିଲ୍ଲା ଭାଜପା ସଭାପତି ଜଗନ୍ନାଥ ସାହୁ, ସାଂସଦ ପ୍ରତିନିଧି ରଞ୍ଜିତ ସାହୁ ,ଆଦିକନ୍ଦ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ । ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର କଳା କୁନି କଳାକାର ମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ କରଯାଇଥିଲା । ନିମନ୍ତ୍ରିତ ଅତିଥି ମାନଙ୍କୁ ସ୍ୱାଗତ କରାଯିବା ପରେ ସମିତିର ପରମ୍ପରା ଅନୁସାରେ ବନ୍ଦନା ପ୍ରାର୍ଥନା ପରେ ଅତିଥି ଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ କରଯାଇଥିଲା ।ପ୍ରଧାନାଚାର୍ଯ୍ୟ ଅତିଥି ପରିଚୟ ଓ ବିଦ୍ୟାଳୟ ପରିଚାଳନା କମିଟି ସଂପାଦକ ତୀର୍ଥବାସୀ ଘଡ଼ାଇ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଅନୁଷ୍ଠାନର ବାର୍ଷିକ ମୁଖପତ୍ର "କାନନ କଳିକା" ଉନ୍ମୋଚିତ ହୋଇଥିଲା। ପରିଚାଳନା କମିଟି ଉପ ସଭାପତି ଅଧ୍ୟାପକ ଦଣ୍ଡପାଣି ଭୂୟାଁ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ଅତିଥି ମାନେ ପୁରସ୍କୃତ ବିତରଣ କରାଯିବା ପରେ ଶିଶୁ ପ୍ରତିଭା ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

## ସଡକ ସୁରକ୍ଷା ସଚେନତା ଆଲୋଚନା ଚକ୍ର ଏବଂ ଛାତ୍ରୀମାନଙ୍କ ଆତ୍ମସୁରକ୍ଷା କୌଶଳ ତାଲିମ୍ ଶିବିର ଆୟୋଜିତ

ବେଲଗୁଣ୍ଠା ୭/୧ (ନି.ପ୍ର): କ୍ଷତ୍ରିୟବରପୁର ସ୍ଥିତ ଆଞ୍ଚଳିକ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଯୁବ ରେଡକ୍ରସ୍ ଶାଖା ଏବଂ ଭଂଜନଗର ଆଞ୍ଚଳିକ ପରିବହନ ବିଭାଗ ମିଳିତ ଆନୁକୁଲ୍ୟରେ ସଡକ ସୁରକ୍ଷା ସପ୍ତାହ ପାଳନ ଅବସରରେ 'ସଡକ ପରିବହନ ସଚେତନତା ଆଲୋଚନା ଚକ୍ର ' ଅନୁଷ୍ଠିତ ହୋଇଯାଇଛି । ଅଧକ୍ଷ ବିଷ୍ଣୁ ପ୍ରସାଦ ପଟ୍ଟନାୟକଙ୍କ ପୌରହିତ୍ୟରେ ଅନୁଷ୍ଠିତ ' ସଡକ ସୁରକ୍ଷାରେ ଛାତ୍ରଛାତ୍ରୀମାନଙ୍କ ଭୂମିକା' ଶୀର୍ଷକ ଆଲୋଚନା ଚକ୍ରକୁ ଭଂଜନଗର ଆଞ୍ଚଳିକ ପରିବହନ ଅଧିକାରୀ ଶୁଭେନ୍ଦୁ ରଞ୍ଜନ ରାୟ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଶୁଭାରମ୍ଭ କରିବା ସହ ସଡକ ସୁରକ୍ଷା ସଂପର୍କରେ ଦୃଷ୍ଟାନ୍ତ ମୂଳକ ତଥ୍ୟ ଉପସ୍ଥାପନ କରିଥିଲେ । ମଞ୍ଚାସିନ ସାଧନା ବ୍ୟକ୍ତି ବି ଗୋବିନ୍ଦ ରାଓ ଏବଂ ପ୍ରଶାସନିକ ଅଧିକ୍ଷକ କୁମୁଦ ଚନ୍ଦ୍ର ମହାପାତ୍ର ପ୍ରମୁଖ ସଡକ ସୁରକ୍ଷାରେ ଛାତ୍ରଛାତ୍ରୀମାନଙ୍କ ଭୂମିକା ସମ୍ପର୍କରେ ବହୁ ସକରାତ୍ମକ ତଥ୍ୟ ପ୍ରଦାନ କରିବା ସହ ଛାତ୍ରଛାତ୍ରୀମାନେ ଉକ୍ତ କାର୍ଯ୍ୟକ୍ରମରେ ଆନ୍ତରିକତା ସହିତ ସମିଲ ହେବାକୁ ପରାମର୍ଶ ଦେଇଥିଲେ । ଯୁବ ରେଡକ୍ରସ୍ ଉପଦେଷ୍ଟା ସୁଶାନ୍ତ କୁମାର ଲେଙ୍କା କାର୍ଯ୍ୟକ୍ରମ ସଂଯୋଜନା କରିବା ସହ ଅତିଥିମାନଙ୍କ ଅଭ୍ୟର୍ଥନା ପରିଚାଳନା କରିଥିଲେ ।ପ୍ରୋଜେକ୍ଟର ଦ୍ୱାରା ସଡକ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ସମ୍ପର୍କରେ ବିଦ୍ୟାର୍ଥୀମାନଙ୍କୁ ସଚେତନ କରାଯାଇଥିଲା ।ପ୍ରାଧ୍ୟାପକ କୁମୁଦ ଚନ୍ଦ୍ର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ଓ ସେହିପରି ଆଜି ଅନୁଷ୍ଠାନରେ ଛାତ୍ରୀମାନଙ୍କ ପାଇଁ ଆତ୍ମ ସୁରକ୍ଷା କୌଶଳ ତାଲିମ୍ ଶିବିରର ଆୟୋଜନ କରାଯାଇଛି । କାର୍ଯ୍ୟକ୍ରମକୁ ପ୍ରାକ୍ତନ ଅଧ୍ୟକ୍ଷ ତଥା ଯୁବ ରେଡକ୍ରସର ବରିଷ୍ଠ ସାଧନା ବ୍ୟକ୍ତି ବି ଗୋବିନ୍ଦ ରାଓ ମୁଖ୍ୟ ଅତିଥି ଭାବରେ ଉପସ୍ଥିତ ରହି ଉଦଘାଟନ କରିଥିଲେ । କାର୍ଯ୍ୟକ୍ରମକୁ ଅଧ୍ୟାପିକା ଜୟଶ୍ରୀ ସେଠୀ ସଂଯୋଜନା କରିଥିଲେ । ଯୁବ ରେଡକ୍ରସ୍ ଉପଦେଷ୍ଟା ସୁଶାନ୍ତ କୁମାର ଲେଙ୍କା ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ । ମଞ୍ଚାସୀନ ପ୍ରାଧ୍ୟାପକ କୁମୁଦ ଚନ୍ଦ୍ର ମହାପାତ୍ର, ଅଧ୍ୟାପିକା ରୁନିବାଳା ତ୍ରିପାଠୀ ଏବଂ ଅଧ୍ୟାପକ ତ୍ରିନାଥ ବେହେରା ପ୍ରମୁଖ ଛାତ୍ରୀମାନେ ଆତ୍ମ ସୁରକ୍ଷା ତାଲିମ୍ ଗ୍ରହଣ କରି ନିଜକୁ ତଥା ମହିଳା ସମାଜକୁ ସୁରକ୍ଷା ଦେବାରେ ସହଯୋଗ କରିବାକୁ ପରାମର୍ଶ ଦେଇଥିଲେ । କାର୍ଯ୍ୟକ୍ରମର ପ୍ରଶିକ୍ଷିକା ଅର୍ଚ୍ଚନା ବିଶ୍ୱାଳ ଏବଂ ସୁନୀତା ରାନୀ ସେଠୀ ତାଲିମ ସଂପର୍କରେ ସବିଶେଷ ତଥ୍ୟ ଉପସ୍ଥାପନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଅନୁଷ୍ଠାନର ଭାରତୀ ବିଶ୍ୱାଳ, ଯମୁନା ଖୁଣ୍ଟିଆ,ଶିବାନୀ ନାୟକ ପ୍ରମୁଖ ଉପସ୍ଥିତ ରହି ଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ । ଉଭୟ କାର୍ଯ୍ୟକ୍ରମରେ ଅଧ୍ୟାପକ , ଅଧ୍ୟାପିକା ଓ କର୍ମଚାରୀ ଯଥାକ୍ରମେ ଦେବେଶ ଚନ୍ଦ୍ର ମହାପାତ୍ର, ଦିପୁ ଭୂୟାଁ , ପିଙ୍କି ପୋଲାଇ, ପ୍ରଦୀପ ଦିଗାଲ, ସୋମେନ୍ଦୁ ପଣ୍ଡା , ଗାଙ୍ଗୁଲି ପାଲଟାସିଂ, ଭାରତୀ ବିଶ୍ୱାଳ ,ଗଙ୍ଗାଧର ରଣା, ଯମୁନା ଖୁଣ୍ଟିଆ, ଶିବାନୀ ନାୟକ, ପଦ୍ମ ଚରଣ ନାୟକ, ରମେଶ ବିଷୋୟୀ , ବଳରାମ ଗୌଡ, ସନ୍ତୋଷ ବିଷୋୟୀ ପ୍ରମୁଖ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ ।ଅଧ୍ୟାପିକା ଜୟଶ୍ରୀ ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ।

## କେସିଙ୍ଗାରେ ବାଇପାସ ରାସ୍ତା ନିର୍ମାଣ ଦାବି ନେଇ କେସିଙ୍ଗା ବାଇପାସ କ୍ରିୟାନୁଷ୍ଠାନ କମିଟିର ଜିଲ୍ଲାପାଳଙ୍କୁ ସାକ୍ଷାତ

# କେସିଙ୍ଗା ପାଇଁ ବର୍ତ୍ତମାନ କୌଣସି ବାଇପାସ ରାସ୍ତାର ପ୍ରସ୍ତାବ ନାହିଁ : ଜିଲ୍ଲାପାଳ

**କେସିଙ୍ଗା,୭/୧ (ନି.ପ୍ର):** କଳାହାଣ୍ଡି ଜିଲ୍ଲା କେସିଙ୍ଗା ରେ ନିର୍ମାଣାଧିନ ରେଳ ଓଭର ବ୍ରିଜ(ଆରଓବି) ସମ୍ପୂର୍ଣ୍ଣ ହୋଇ କାର୍ଯ୍ୟକାରୀ ହେଲେ କେସିଙ୍ଗାରେ ଜନ ଜୀବନ ପ୍ରତି ବିପଦ ଦେଖାଦେବା ସହ କେସିଙ୍ଗା ବିକାଶ ରେ ବାଧା ସୃଷ୍ଟି କରିବା ଆଶଙ୍କା କରି କେସିଙ୍ଗା ବାଇପାସ କ୍ରିୟାନୁଷ୍ଠାନ କମିଟି ଦ୍ୱାରା କେସିଙ୍ଗାରେ ଏକ ବାଇପାସ ରାସ୍ତା ଦାବୀ ନେଇ ବାଇପାସ କ୍ରିୟାନୁଷ୍ଠାନ କମିଟିର ଆବାହକ ସୁରେଶ ରାଓ ଙ୍କ ଆହ୍ୱାନ କ୍ରମେ ଏକ ପ୍ରତିନିଧି ଦଳ କଳାହାଣ୍ଡି ଜିଲ୍ଲାପାଳ ପାଓ୍ୱାର ସଚିନ ପ୍ରକାଶ ଙ୍କ ଜରିଆରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରି କେସିଙ୍ଗା ରେ ଏକ ବାଇପାସ ରାସ୍ତା ନିର୍ମାଣ ପାଇଁ ଦାବୀ କରିଥିଲେ । ଯଦି ଆଗାମୀ ଦିନରେ ଆରଓବି ଠାରେ ହିଁ ବାଇପାସ ସଂଯୋଗ କରାଯାଏ ତାହେଲେ ସ୍ଥିତି ଭୟାବହ ହେବ ଓ କେସିଙ୍ଗା ଦ୍ରୁତ ଗତିରେ ବଢୁଥିବା ଯନବସତି ଓ ବିକାଶ ରେ ବ୍ରେକ ଲାଗିଯିବ ବୋଲି ଜିଲ୍ଲାପାଳ ଙ୍କୁ ଅବଗତ କରାଇଥିଲେ ! ଏବଂ ଜାତୀୟ ରାଜପଥ ବିଭାଗ ଦ୍ୱାରା ୨୦୦ ଫୁଟ ର ଜମି ଅଧି ଗ୍ରହଣ କରାଯାଇଅଛି କିନ୍ତୁ ବର୍ତମାନ ମାତ୍ର ୮୦ ଫୁଟ ରେ ଚାରି ଥାକିଆ ରାସ୍ତା ନିର୍ମାଣ କରାଯାଉଅଛି ଦରକାର ପଡିଲେ ଆହୁରି ଦୁଇରୁ ତିନି ଥାକିଆ ରାସ୍ତା ନିର୍ମାଣ କରାଯିବା ନେଇ ରାଜପଥ ବିଭାଗ ପ୍ରସ୍ତୁତ ଥିବା



ଲୋକେ ଆଶଙ୍କା ରେ ରେ ଅଛନ୍ତି ବୋଲି କ୍ରିୟାନୁଷ୍ଠାନ କମିଟି ଦ୍ୱାରା ଜିଲ୍ଲାପାଳ ସହ ଆଲୋଚନା କରାଯାଇଥିଲା । ତେବେ ଜିଲ୍ଲାପାଳ ସିଧାସଳଖ କେସିଙ୍ଗା ରେ ସରକାର ଙ୍କ ତରଫରୁ ବର୍ତ୍ତମାନ କୌଣସି ବାଇପାସ ର ପ୍ରସ୍ତାବ ନାହିଁ ବୋଲି ରୋକ ଠୋକ ମନା କରିଦେଇଥିଲେ ଏବଂ ଆପଣମାନେ ଲୋକସଭା ସାଂସଦ ମାଳବିକା ଦେଓ ଙ୍କୁ ସାକ୍ଷାତ କରନ୍ତୁ ମୁଁ ଆପଣଙ୍କ ଦରଖାସ୍ତ କୁ ସରକାରଙ୍କ ପାଖକୁ ପଠେଇ ଦେବୀ ଆପଣ ମାନେ ମଧ ପ୍ରୟାସ କରନ୍ତୁ ବୋଲି ସେ ପ୍ରକାଶ କରିଥିଲେ । ବର୍ତ୍ତମାନ କେସିଙ୍ଗା ରେ କିଛି ବ୍ୟକ୍ତି ବିଶେଷ ଦ୍ୱାରା କେସିଙ୍ଗା ପାଇଁ ଏକ ପ୍ରଶସ୍ଥ ବାଇପାସ ରାସ୍ତା ନିର୍ମାଣ ପାଇଁ ସରକାର ମଞ୍ଜୁର କରିଛନ୍ତି ବୋଲି ଯେଉଁ ମିଛ ପ୍ରଚାର କରୁଥିଲେ ତାହା ଜିଲ୍ଲାପାଳ ଙ୍କ ଉତ୍ତର ରୁ ଅବସାନ ହୋଇଛି ଓ କେସିଙ୍ଗା ପାଇଁ ସରକାର ଙ୍କ ତରଫରୁ କୌଣସି ବାଇପାସ ରାସ୍ତାର ପ୍ରସ୍ତାବ ନାହିଁ ତାହା ମଧ ଜଣାପଡିଛି । କେସିଙ୍ଗା ସଚେତନ ନାଗରିକ ମଞ୍ଚ ଏବଂ ଅନେକ ସଙ୍ଗଠନ ଦ୍ୱାରା ଜମି ଅଧିଗ୍ରହଣ ସମୟରୁ ଆରଓବି ପ୍ରକଳ୍ପର ପ୍ଲାନ କୁ ନେଇ ଜିଲ୍ଲାପାଳ, ପୂର୍ବତନ ସାଂସଦ ବସନ୍ତ ପଣ୍ଡା ଓ ବର୍ତମାନ ଲୋକସଭା ସାଂସଦ ମାଳବିକା ଦେଓ, ରାଜ୍ୟ ଓ କେନ୍ଦ୍ର ସରକାର ଙ୍କୁ ଚିଠି ଲେଖି ବିରୋଧ କରି ସାରିଛନ୍ତି ହେଲେ ଫଳାଫଳ ଶୂନ୍ୟ ଥିବା ଅନୁମାନ କରାଯାଉଅଛି । ତେବେ ଆଗାମୀ ଦିନରେ କେସିଙ୍ଗାର ସ୍ୱାର୍ଥ ପାଇଁ ସମସ୍ତେ ଏକ ହୋଇ ଜୋରଦାର ଭାବେ ସରକାରଙ୍କ ଠାରେ ଦାବୀ ଉପସ୍ଥାପନ କରିବା ପାଇଁ କେସିଙ୍ଗା ବାଇପାସ କ୍ରିୟାନୁଷ୍ଠାନ କମିଟି ଦ୍ୱାରା ଲୋକଙ୍କୁ ଆହ୍ୱାନ କରାଯାଇଛି । ଆଜି ଜିଲ୍ଲାପାଳ ଙ୍କ ସାକ୍ଷାତକାର ରେ ବରିଷ୍ଠ ରାଜନୈତିକ ମହେନ୍ଦ୍ର ନାଏକ, କଳାହାଣ୍ଡି ଓ ବଲାଙ୍ଗୀର ପଣ୍ଡରା ମାଳି ସମାଜ ସଭାପତି ଦୟାସାଗର ସାହା, ଓକିଲ ସଂଘ ଉପ ସଭାପତି ଦେବେନ୍ଦ୍ର ଭୁଜବଳ, ପୂର୍ବତନ କଳାହାଣ୍ଡି ଅମଲାତନ୍ତ୍ର ସଭାପତି ଅଭିମନ୍ୟୁ ମହାନନ୍ଦ, ଆଇନଜୀବୀ ଗୁରୁ ବଗର୍ତ୍ତୀ, ନଳିନ ପଟ୍ଟନାୟକ, ପ୍ରତାପ ବାଗ, ରାମ ସାହା, ଦୟାନିଧି ସୁନାନୀ, ପ୍ରଣବ ଭୁକ୍ତା, କଳାକାହ୍ନୁ ସାହା ପ୍ରମୁଖ ଙ୍କ ସହ କେସିଙ୍ଗା ବାଇପାସ କ୍ରିୟାନୁଷ୍ଠାନ କମିଟିର ବହୁ ସଦସ୍ୟ ଉପସ୍ଥିତ ଥିଲେ ।

## ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗୀତା

### ଋଷିକୁଲ୍ୟା ଡ଼ିଗ୍ରୀ ମହାବିଦ୍ୟାଳୟ ଛାତ୍ରଙ୍କ କୃତିତ୍ୱ




**ସୋରଡ଼ା୭/୧ (ନି.ପ୍ର):** ବ୍ରହ୍ମପୁର ବିଶ୍ୱ ବିଦ୍ୟାଳୟ ଦ୍ୱାରା ଆୟୋଜିତ ଆନ୍ତଃ ମହାବିଦ୍ୟାଳୟ ସ୍ତରୀୟ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତାରେ ସୋରଡା ସ୍ଥିତ ଋଷିକୁଲ୍ୟା ସ୍ନାତକ ମହା ବିଦ୍ୟାଳୟର ପ୍ରଥମ ବର୍ଷ ଛାତ୍ର ସାନୁ ବେହେରା ଓ ଆଲୋକ କୁମାର ନାୟକ ପ୍ରଥମ ସ୍ଥାନ ହାସଲ କରି ମହା ବିଦ୍ୟାଳୟ ପାଇଁ ସୁନାମ ଆଣି ଦେଇଛନ୍ତି । ସାନୁ ବେହେରା ୬୦ କି.ଗ୍ରା ବର୍ଗରେ ଏବଂ ଅଲୋକ ନାୟକ ୭୦ କି. ଗ୍ରା ବର୍ଗରେ ଏହି କୃତିତ୍ୱ ଅର୍ଜନ କରି ପୁରସ୍କୃତ ହୋଇଛନ୍ତି। ଉଭୟ ଛାତ୍ରଙ୍କ ଏହି କୃତିତ୍ୱ ପାଇଁ ଅଧକ୍ଷ ରମେଶ ଚନ୍ଦ୍ର ପାଢୀ, କ୍ରୀଡା ସଂସଦ ଉପ ସଭାପତି ପ୍ରଦୀପ କୁମାର ସ୍ୱାଇଁ ଓ କ୍ରୀଡା ଶିକ୍ଷକ ଶ୍ରୀ ତପନ କୁମାର ସାହୁଙ୍କ ସମେତ ଅନ୍ୟ ଅଧାପକ ଓ କର୍ମଚାରୀ ଅଭିନନ୍ଦନ ଜଣାଇବା ସହ କୃତୀ ଛାତ୍ର ଦ୍ୱୟଙ୍କ ଉତ୍ତରୋତ୍ତର ଉନ୍ନତି କାମନା କରିଛନ୍ତି। ଉଭୟ ଛାତ୍ରଙ୍କ ପରିବାର , ବନ୍ଧୁ ବର୍ଗ ଏବଂ ମହାବିଦ୍ୟାଳୟର ସମସ୍ତ ଛାତ୍ର ଛାତ୍ରୀଙ୍କଙ୍କ ମଧରେ ଖୁସିର ଲହରୀ ଖେଳିଯାଇଛି।

## ଡ଼ଅଁର,ମରେଇଗାଁ ଓ ସଢ଼ାରେ ଖୋଲିଲା ଧାନ ମଣ୍ଡି

**ହାଟଡିହି,୭/୧ (ନି.ପ୍ର):** କେନ୍ଦୁଝର ଜିଲ୍ଲା ହାଟଡିହି ବ୍ଲକ ଡଅଁର, ମରେଇଗାଁ ଓ ସଢ଼ା ରେ ଧାନମଣ୍ଡି ଖୋଲା ଯାଇଥିବା ବେଳେ ଟୋକନ୍ ପାଇଥିବା ଚାଷୀମାନେ ଧାନ ବିକ୍ରି କରିଛନ୍ତି ।ଧାନ ମଣ୍ଡି ଉଦଘାଟନ ଅବସରରେ ଏ ଆର୍ ସି ଏସ ରାମଚନ୍ଦ୍ର ବିଶ୍ୱାଳ,ସମସ୍ତ ସମବାୟ ସମିତିର ସମ୍ପାଦକ,ସମସ୍ତ ସମବାୟ ସମିତିର ସଭାପତି , ଉପଜିଲ୍ଲାପାଳ ଓ ରାଜ୍ୟ କୃଷକ ସଭାପତି,ସମବାୟ ସମିତି ର ସମସ୍ତ ସଦସ୍ୟ ଓ କର୍ମଚାରୀ ଓ ଚାଷୀ ମାନେ ଉପସ୍ଥିତ ରହିଥିଲେ ।ଚାଷୀ ମାନେ କିପରି ସୁବିଧାରେ ମଣ୍ଡିରେ ଧାନ ବିକ୍ରି କରିପାରିବେ ସେ ବିଷୟରେ ଆଲୋଚନା କରାଯାଇଥିଲା ।

## ଆଦର୍ଶ ବିଦ୍ୟାଳୟର ସପ୍ତମ ବାର୍ଷିକ ଉତ୍ସବ

**କଲ୍ୟାଣସିଂହପୁର ୭/୧ (ନି.ପ୍ର):** ରାୟଗଡା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ ସଦର ରେ ଥିବା ଓଡ଼ିଶା ଆଦର୍ଶ ବିଦ୍ୟାଳୟ ର ୭ତମ ବାର୍ଷିକ ଉତ୍ସବ ପାଳନ ହୋଇଅଛି । ଏହି ବାର୍ଷିକ ଉତ୍ସବ ପାଳନ କାର୍ଯ୍ୟ କ୍ରମ ରେ ମୁଖ୍ୟ ଅତିଥି ଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀଣି ମନୀଷା ଦାସ ସମ୍ମାନୀୟ ଅତିଥି କଲ୍ୟାଣସିଂହପୁର ତହସିଲଦାର ରଞ୍ଜନ କୁମାର ମାନ ସେଟ ଅତିଥି କଲ୍ୟାଣସିଂହପୁର ବନଖଣ୍ଡ ଅଧିକାରୀ ଚନ୍ଦନ ଗମାଙ୍ଗ, କଲ୍ୟାଣସିଂହପୁର(କ) ଜୋନର ଜିଲ୍ଲା ପରିଷଦ ଭି.ଓ୍ୱାରା ପ୍ରସାଦ ରାଓ,ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଦୀପ୍ତ କୁମାର ଦାସ,ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ବିଜୟ କୁମାର ସେଠୀ ବରିଷ୍ଠ ସାମ୍ବାଦିକ ମାଉଡି ବାରିକ , ମୁଖ୍ୟ ବକ୍ତା ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଭଜନ ଲାଲ ମାଝୀ ଓ ବିଦ୍ୟାଳୟ ର ଅଧାପକ ସଙ୍ଗୀତ ପାଲାକା ମଞ୍ଚା ସିନ ରହଥିବା ବେଳେ ବିଦ୍ୟାଳୟ ର ଅଧାପକ ବାର୍ଷିକ ବିବରଣୀ ପାଠ କରି କାର୍ଯ୍ୟକ୍ରମ କୁ ଆଗେଇ ନେଇଥିଲେ। ମଧାନ ଭୋଜନ ପରେ ଛାତ୍ର ଛାତ୍ରୀଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।ଏହି ବିଦ୍ୟାଳୟ ର ବାର୍ଷିକ ଉତ୍ସବ ରେ ବ୍ଲକ ରେ ଥିବା ଅନ୍ୟାନ୍ୟ ବିଦ୍ୟାଳୟ ର ଶିକ୍ଷକ ଶିକ୍ଷୟିତ୍ରୀ ସମେତ ଯୋଗଦାନ ଦେଇଥିବା ବେଳେ ଛାତ୍ର ଛାତ୍ରୀ ମାନଙ୍କ ପିତାମାତା ଉପସ୍ଥିତ ରହି ଛାତ୍ର ଛାତ୍ରୀ ମାନଙ୍କ ସାଂସ୍କୃତିକ ନାଚଗୀତ ପରିବେଷଣ କୁ ମନରଞ୍ଜନ କରିଥିଲେ। ବାର୍ଷିକ ଉତ୍ସବ ର ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହୋଇଥିବା ଛାତ୍ର ଛାତ୍ରୀଙ୍କୁ ମାନପତ୍ର ସହ ପୁରସ୍କୃତ କରି କାର୍ଯ୍ୟକ୍ରମ କୁ ସମାପନ କରିଥିଲେ। ପରି ଶେଷରେ ଆଦର୍ଶ ବିଦ୍ୟାଳୟ ର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ଅବିଭାବକ ଏବଂ ଅନ୍ୟାନ୍ୟ ବିଦ୍ୟାଳୟ ରୁ ଆସିଥିବା ଶିକ୍ଷକମାନେ ପ୍ରଶଂସା କରିବା ସହ ବିଦ୍ୟାଳୟ ର ସମସ୍ତ କର୍ମକର୍ତ୍ତା ଙ୍କୁ ଧନ୍ୟବାଦ ଜଣାଇଥିଲେ।

## ଆନ୍ତଃ ଜିଲ୍ଲାସ୍ତରୀୟ ଯୁବ ନେତୃତ୍ୱ ପ୍ରଶିକ୍ଷଣ ଶିବିର ୨୦୨୪ ଅନୁଷ୍ଠିତ

**ବାସୁଦେବପୁର, ୭/୧ (ନି.ପ୍ର):** ଭଦ୍ରକ ଜିଲ୍ଲା ବାସୁଦେବପୁର ପୌରପାଳିକା ଅନ୍ତର୍ଗତ ମନ୍ଦାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଆଜି ଠାରୁ ତିନି ଦିନ ଧରି ଆନ୍ତଃ ଜିଲ୍ଲାସ୍ତରୀୟ ଯୁବ ନେତୃତ୍ୱ ପ୍ରଶିକ୍ଷଣ ଶିବିର ଉଦଘାଟିତ ହୋଇଯାଇଛି। ଏହି ଶିବିରରେ ବାଲେଶ୍ୱର ଓ ଭଦ୍ରକ ଜିଲ୍ଲା ରୁ ୧୨ ଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ରୁ ପାଖାପାଖି ୧୧୦ ଜଣ ଛାତ୍ରଛାତ୍ରୀ ଏବଂ ସେମାନଙ୍କ ଶିକ୍ଷକ ଓ ଶିକ୍ଷୟିତ୍ରୀ ମାନେ ଉପସ୍ଥିତ ରହିଥିଲେ। ଏହି ଅବସରରେ ମନ୍ଦାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଏକ ଉଦ୍ଘାଟନୀ ସଭା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଭାରେ ସଭାପତିତ୍ୱ କରିଥିଲେ ମନ୍ଦାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ର ଅଧକ୍ଷ ସୁଶିଳ ଚନ୍ଦ୍ର ମାଇତି। ମୁଖ୍ୟ ଅତିଥି ଭାବରେ ବାସୁଦେବପୁର ବିଧାୟକ ଅଶୋକ କୁମାର



ଦାସ, ମୁଖ୍ୟ ବକ୍ତା ଭାବରେ ଜାତୀୟ ସେବା ଯୋଜନା (ଘଝଝ) ର ଭଦ୍ରକ ଜିଲ୍ଲା ସଂଯୋଜକ କମଳାକାନ୍ତ ଓଝା, ସଂଯୋଜକ ଅଧାପକ ପ୍ରହଲ୍ଲାଦ ମହାନ୍ତି ଉପସ୍ଥିତ ରହି ଜଗତର ନାଥ ଜଗନ୍ନାଥ ଙ୍କ ଫଟୋ ଚିତ୍ର ରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହିତ ପ୍ରଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ଭାବେ ସଭାକାର୍ଯ୍ୟ ଆରମ୍ଭ କରାଯାଇଥିଲା। ଉକ୍ତ ସଭାରେ ସ୍ୱାଗତ ଅଭିଭାଷଣ କରିଥିଲେ ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ର ଅଧିକାରୀ ( ମନ୍ଦାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ) ଅନାଥ ଚନ୍ଦ୍ର କର । ମଞ୍ଚାସୀନ ଅତିଥି ଗଣ ଉପସ୍ଥିତ ଛାତ୍ରଛାତ୍ରୀ ମାନଙ୍କୁ ତିନି ଦିନ ଧରି ଉକ୍ତ କାର୍ଯ୍ୟକ୍ରମ ରେ ବିଭିନ୍ନ ଶିକ୍ଷଣୀୟ ବିଷୟ ଉପରେ ଆଲୋଚନାଚକ୍ର ହେବାକୁ ସୂଚନା ଦେଇଥିଲେ। ଏଥି ସହିତ ନିତିଦିନିଆ ବ୍ୟବହାରରେ ନିଜକୁ ନିୟନ୍ତ୍ରିତ କରିବା ସହିତ ବିଭିନ୍ନ ସେବା ମଧ୍ୟମରେ ସମାଜ ର ପରିବର୍ତନ ଆଣିବା ଦିଗରେ ଛାତ୍ରଛାତ୍ରୀ ମାନଙ୍କୁ ଉଦବୋଧନ ଦେଇଥିଲେ। ଶିକ୍ଷା ଲାଭ କରିବା ସହିତ ବିଭିନ୍ନ ବିଷୟରେ ସମାଜର କଲ୍ୟାଣ କରିବା ସହିତ ସଂସ୍କାରିତ ହେବାକୁ ପରାମର୍ଶ ଦେଇଥିଲେ। ଏହି ତିନି ଦିନିଆ କାର୍ଯ୍ୟକ୍ରମ ରେ ଶିକ୍ଷଣୀୟ ବିଷୟ ଆଲୋଚନା ସହିତ ପ୍ରତ୍ୟେକ ଦିନ ସଂଧ୍ୟା ସମୟରେ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାକୁ ଜାତୀୟ ସେବା ଯୋଜନା ର କାର୍ଯ୍ୟକ୍ରମ ର ଅଧିକାରୀ ସୂଚନା ଦେଇଛନ୍ତି।

## ଅନନ୍ତ ପ୍ରସାଦ ଦାସ ଉଚ୍ଚ ବିଦ୍ୟାଳୟରେ ପ୍ରତିମୂର୍ତ୍ତି ସ୍ଥାପନ ଏବଂ ବାର୍ଷିକ ଉତ୍ସବ ଉଦଯାପିତ

**ଧର୍ମଗଡ଼୭/୧ (ନି.ପ୍ର):** ଛାତ୍ର ଛାତ୍ରୀ ମାନଙ୍କ ଶାରୀରିକ ବିକାଶ ପାଇଁ ଖେଳ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ.ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ବ୍ଲକ ଅନନ୍ତ ପ୍ରସାଦ ଉଚ୍ଚ ବିଦ୍ୟାଳୟ ରେ ବାର୍ଷିକ କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ପ୍ରଥମ ପର୍ଯ୍ୟାୟ ରେ ବିଦ୍ୟାଳୟ ର ପ୍ରଧାନ ଶିକ୍ଷୟତ୍ରୀ ଶ୍ରୀମତୀ ମନୋରମା ତ୍ରିପାଠୀ ଏବଂ ସ୍ୱର୍ଗତ ଦାସ ଙ୍କ ସୁପୁତ୍ର ଅବସର ପ୍ରାପ୍ତ ଶିକ୍ଷକ ସରୋଜ କୁମାର ଦାସ ଙ୍କ କରକମଳ ରେ ସ୍ୱର୍ଗତ ଅନନ୍ତ ପ୍ରସାଦ ଦାସ ଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଯାଇଥିଲା । ପରେ ଛାତ୍ର ଛାତ୍ରୀଙ୍କ ପାଇଁ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରଯାଇଥିଲା.ଉକ୍ତ କାର୍ଯ୍ୟକ୍ରମ ଟି ଦୁଇଦିନ ଧରି ବିଦ୍ୟାଳୟ ପରିସର ରେ ଅନୁଷ୍ଠିତ ହୋଇଯାଇଛି. ଉକ୍ତ କାର୍ଯ୍ୟକ୍ରମ ରେ ବିଦ୍ୟାଳୟ ର ପ୍ରଧାନ ଶିକ୍ଷୟତ୍ରୀ ମନୋରମା ତ୍ରିପାଠୀ,ଅବସର ପ୍ରାପ୍ତ ଶିକ୍ଷକ ସରୋଜ କୁମାର ଦାସ, ଏବଂ ଅଞ୍ଚଳ ର କିଛି ବରିଷ୍ଠ ବ୍ୟକ୍ତି ଙ୍କ ଉପସ୍ଥିତିରେ ଅନୁଷ୍ଠିତ କରାଯାଇଥିଲା । ବିଦ୍ୟାଳୟରେ କାର୍ଯ୍ୟରତ ଥିବା ଅନ୍ୟାନ୍ୟ ଶିକ୍ଷକ ନବ ସୁନାରି, ତେଜେଶ୍ୱର ସାହୁ, ବିଦ୍ୟାଳୟ କମିଟି ର ସଭାପତି ଧନୁର୍ଯ୍ୟ ଅଦା,ଅବସର ପ୍ରାପ୍ତ କିରାଣୀ ସୁଶାନ୍ତ କୁମାର ଦାସ,ପ୍ରମୁଖ ଉପସ୍ଥିତ ରହି ବାର୍ଷିକ ଉତ୍ସବ କୁ ସୁଚାରୁରୂପେ ପରିଚାଳନା କରିଥିଲେ । ପରିଶେଷରେ ବିଭିନ୍ନ ପ୍ରତିଯୋଗିତା ରେ କୃତି ଛାତ୍ର ଛାତ୍ରୀ ମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା.ଛାତ୍ର ଛାତ୍ରୀ ମାନଙ୍କ ଭବିଷ୍ୟତ ତଥା ବିଦ୍ୟାଳୟ କୁ ସାରା ରାଜ୍ୟ ରେ ପ୍ରତିଷ୍ଠିତ କରିବା ପାଇଁ ବିଦ୍ୟାଳୟ ର ପ୍ରଧାନ ଶିକ୍ଷୟିତ୍ରୀ ମନୋରମା ତ୍ରିପାଠୀ ଙ୍କ ଉଲେଖନୀୟ ଅବଦାନ କୁ ସାରା ଅଞ୍ଚଳ ରେ ପ୍ରଶଂସା କରାଯାଇଥିଲା । ପରିଶେଷରେ ବିଭିନ୍ନ ରଙ୍ଗା ରଙ୍ଗ କାର୍ଯ୍ୟକ୍ରମ କରି ଛାତ୍ର ଛାତ୍ରୀ ଙ୍କୁ ଉତ୍ସାହିତ କରାଯାଇଥିଲା ।



## ୬ ଦଫା ଦାବି ନେଇ ସେଲ ବିରୁଦ୍ଧରେ ବିଜେପିର ପ୍ରତିବାଦ ସଭା

**ବଣାଇ,୭/୧ (ନି.ପ୍ର):** ଛଅ ଦଫା ଦାବୀ ନେଇ ଭାରତୀୟ ଜନତା ପାର୍ଟି, ବଣାଇଁ ସାଙ୍ଗଠନିକ ଜିଲ୍ଲା ପକ୍ଷ ରୁ ସେଲ୍ ବିପକ୍ଷ ରେ 'ପ୍ରତିବାଦ ସଭା' ଜିଲ୍ଲା ସଭାପତି ମନୋଜ ପ୍ରଧାନ ଙ୍କ ନେତୃତ୍ୱ ରେ ବରସୁଆଁ ଠାରେ ଆରମ୍ଭ ହୋଇଛି। ଦାବୀ ପୂରଣ ନ ହେବା ପର୍ଯ୍ୟନ୍ତ ପ୍ରତିବାଦ ବଳ ବତ୍ତର ରହିବ ବୋଲି ବିଜେପି ନେତୃମଣ୍ଡଳୀ ଦୃଢ଼ୋକ୍ତି ପ୍ରକାଶ କରି ଛନ୍ତି। ପ୍ରଥମ ଦିନରେ ପ୍ରତିବାଦ ସଭା ରେ ବଣାଇଁ ଉପଖଣ୍ଡ ର ସମସ୍ତ ଗ୍ରାମ ପଞ୍ଚାୟତ ରୁ ପ୍ରାୟ ୫୦୦୦ ରୁ ଉର୍ଦ୍ଧ୍ୱ ବିଜେପି କର୍ମୀ ପ୍ରତିବାଦ ସଭା ରେ ଯୋଗ ଦେଇଥିଲେ। ବିଜେପି ବଣାଇଁ ଶତ ପ୍ରତିଶତ ସ୍ଥାନୀୟ ନିଯୁକ୍ତି ଦାବୀ କରିବା ସହ ଖଣି ଖାଦାନ ରୁ କଞ୍ଚାମାଲ ପରିବହନ ପାଇଁ ବାହାର ରାଜ୍ୟ ର ପରିବହନ ସଂସ୍ଥା ଗୁଡ଼ିକୁ କାମ ନ ଦେଇ ସ୍ଥାନୀୟ ପରିବହନ ସଂସ୍ଥା କୁ କାମ ଦେବା ପାଇଁ ଦାବୀ କରିଛି। ବିଜେପି ପକ୍ଷରୁ କୁହା ଯାଇଛି କି ଏହା ଦ୍ୱାରା ବଣାଇଁ ଉପଖଣ୍ଡ ର ଗାଡ଼ି ମାଲିକ ମାନେ ଉପକୃତ ହେବେ। କୁଶଳୀ ଶ୍ରମିକଙ୍କୁ ଉଚିତ୍ ପ୍ରାପ୍ୟ ଦେବା ପାଇଁ ବିଜେପି ପକ୍ଷରୁ ଦାବୀ ରହିଛି। ଏହା ଛଡ଼ା ପରିବେଶ ପ୍ରଦୂଷଣ କୁ ରୋକିବା ପାଇଁ ବ୍ୟବସ୍ଥା ସହ ଉପଖଣ୍ଡ ର ମହିଳା ମାନଙ୍କୁ ଖଣି ରେ ନିଯୁକ୍ତି ପାଇଁ ପ୍ରାଥମିକତା ଦେବା ପାଇଁ ଦାବୀ କରାଯାଇଛି।

ଏହି ପ୍ରତିବାଦ ସଭା ରେ ଜିଲ୍ଲା ସଭାପତି ମନୋଜ ପ୍ରଧାନ ଙ୍କ ସହ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରାହାସ ବିହାରୀ ପ୍ରଧାନ, ସୁନ୍ଦରଗଡ଼ ଜିଲ୍ଲାର ବରିଷ୍ଠ ବେଜିପି ନେତା ବଟ କିଶୋର ମିଶ୍ର, ଗିରିଶ ସାହୁ, ରମେଶ ଅଗ୍ରଓ୍ୱାଲ,ଜିଲ୍ଲା ସାଧାରଣ ସମ୍ପାଦକ ଅଭିରାମ ମହାକୁଳ, ଲୁଥାର ଓରାମ, ହେମନ୍ତ କୁମାର ସାହୁ, ରାଜ୍ୟ ଆଦିବାସୀ ମୋର୍ଚ୍ଚା ଉପ ସଭା ନେତ୍ରୀ କର୍ମତି ଓରାମ, ରାଜ୍ୟ କୃଷକ ମୋର୍ଚ୍ଚା କାର୍ଯ୍ୟ କାରିଣୀ ସଦସ୍ୟ ପ୍ରଦୀପ କୁମାର ସ୍ୱାଇଁ, ସୋନୁ ଲୋହାର,ଜିଲ୍ଲା ଉପ ସଭାପତି ବାସୁଦେବ ସାହୁ, ମହେଶ ଶାହା, ଦିବ୍ୟ ମଞ୍ଜରୀ ଶେଖର ଦେଓ, ଉପେନ୍ଦ୍ର ବେହେରା, ଜିଲ୍ଲା ସମ୍ପାଦକ ବାଗୁନ ଗାଗରାଇ, ବୁଦ୍ଧଦେବ ସିଂ,ଭିକି ବ୍ରହ୍ମ, ମଣ୍ଡଳ ସଭାପତି ମେଲୋରୀ ବାରିକ, ନମିତା ମାହନ୍ତ, ମାଦି ଓରାମ, ମୁକୁନ୍ଦ ନାଏକ, ଯୁଧିଷ୍ଠିର ବେହେରା, ଜିଲ୍ଲା ମୋର୍ଚ୍ଚା ସଭାପତି ଆହ୍ଲାଦ ବଢ଼େଇ, କୃଷକ ମୋର୍ଚ୍ଚା ସଭାପତି ରେଙ୍ଗଟୁ ପ୍ରଧାନ, ଏମ ଡି ମୋଇମ୍, ଅଭିଷେକ ବ୍ରହ୍ମ , ଗୁରୁଚରଣ ଓରାମ, ଗୋବିନ୍ଦ ଚନ୍ଦ୍ର ସାହୁ, ପରମେଶ୍ୱର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଯାଜପୁରରେ ଜିଲ୍ଲାସ୍ତରୀୟ ଧାନ ମଣ୍ଡି ଉଦଘାଟିତ




**ଯାଜପୁର, ତା ୦୭.୦୧.୨୦୨୫ ରିଖ :** ଯାଜପୁର ଜିଲ୍ଲାର କୋରେଇ ବ୍ଲକ୍ ଅନ୍ତର୍ଗତ ପାଣିକୋଇଲି ପ୍ରାଥମିକ କୃଷି ସମବାୟ ସମିତି ଓ ଯାଜପୁର ବ୍ଲକ୍ ଅନ୍ତର୍ଗତ ମାଳଆନନ୍ଦପୁର, ଖାଇରାବାଦ ଓ ପଣସା ପ୍ରାଥମିକ କୃଷି ସମବାୟ ସମିତିରେ ଜିଲ୍ଲାସ୍ତରୀୟ ଧାନମଣ୍ଡି ମାନ୍ୟବର ମନ୍ତ୍ରୀ ସମବାୟ, ହସ୍ତଶିଳ୍ପ, ବୟନଶିଳ୍ପ ଓଡିଶା ସରକାର ଶ୍ରୀ ପ୍ରଦୀପ ବଳ ସାମନ୍ତ ଙ୍କ ଦ୍ୱାରା ଶୁଭ ଉଦଘାଟିତ ହୋଇଯାଇଛି। ଅନ୍ୟ ସମ୍ମାନିତ ଅତିଥି ମାନଙ୍କ ମଧ୍ୟରେ ମାନ୍ୟବର ବିଧାୟକ, କୋରେଇ ଶ୍ରୀ ଆକାଶ ଦାସ ନାୟକ,ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡୀ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନବକ୍ରିଷ୍ଣ ଜେନା, ସମବାୟ ମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ଶ୍ରୀ ପିତାମ୍ବର ସାମଲ, ଜିଲ୍ଲା ଯୋଗାଣ ଅଧିକାରୀ, ବରିଷ୍ଠ ସହକାରୀ ନିବନ୍ଧକ, ଶ୍ରୀ ଅମୂଲ୍ୟ କୁମାର ସେଠୀ, ଉପ ସହକାରୀ ନିବନ୍ଧକ, ଶ୍ରୀ ଦେବେନ୍ଦ୍ର ନାୟକ, ଅତସୀ କୁସୁମମାଳା, କୋରେଇ ବ୍ଲକ ସମ୍ପ୍ରସାରଣ ଅଧିକାରୀ, ଶ୍ରୀ ପ୍ରଶାନ୍ତ କର, ସମବାୟ ନିରୀକ୍ଷକ ଶ୍ରୀ ପ୍ରଭାତ କୁସୁମ ବାରିକ ଯୋଗଦେଇଥିଲେ। ଏଥିରେ ଧାନ କିଣାରେ ସ୍ୱଚ୍ଛତା ଆଣିବା ପାଇଁ ସମସ୍ତ ପଦକ୍ଷେପ ନିଆଯାଇଅଛି। ଆଡଭାନ୍ସ ପ୍ୟାଡ଼ି କ୍ଲିନର ଓ ସ୍ୱୟଂ ଚାଳିତ ଶସ୍ୟ ନିରୀକ୍ଷଣ ଯନ୍ତ୍ର ତଥା ଏ.ଆଇ ବେସଡ ଆଦ୍ରତା ମାପକ ଯନ୍ତ୍ର ବିଭିନ୍ନ ମଣ୍ଡିରେ ନିୟୋଜନ କରାଯାଇଅଛି। ଆଜି ଶୁଭ ଉଦଘାଟନ ଅବସରରେ ଯାଜପୁର ନିୟନ୍ତ୍ରିତ ବଜାର କମିଟିର ସମ୍ପାଦକ ଶ୍ରୀ କୃଷ୍ଣ ଚନ୍ଦ୍ର ନାୟକ ଓ ଅନ୍ୟାନ୍ୟ କର୍ମଚାରୀମାନେ ମନ୍ତ୍ରୀ ଓ ଅନ୍ୟାନ୍ୟ ଅତିଥି ତଥା ଚାଷୀମାନଙ୍କୁ ଧାନର ମାନ ପରୀକ୍ଷଣ ଯନ୍ତ୍ର ଗୁଡ଼ିକର କାର୍ଯ୍ୟକାରିତା ପ୍ରଦର୍ଶନ କରିଥିଲେ। ପ୍ରକାଶ ଥାଉ କି ଏବର୍ଷ ୫୩,୧୭୯ ଜଣ ପଞ୍ଜିକୃତ ଚାଷୀଙ୍କଠାରୁ ୧୬୨ ଗୋଟି ଧାନ କ୍ରୟ କେନ୍ଦ୍ରରେ ଧାନ ସଂଗ୍ରହ କରାଯିବ। ଉଚିତ୍ ହାରାହାରି ଗୁଣବତ୍ତା ମାନ (ଏଫ୍.ଏ.କ୍ୟୁ) ର ମାନ ସମ୍ବନ୍ଧରେ ଜିଲ୍ଲା, ବ୍ଲକ୍, ପଞ୍ଚାୟତ ଓ ପ୍ରାଥମିକ କୃଷି ସମବାୟ ସମିତି ସ୍ତରରେ ଚାଷୀମାନଙ୍କୁ ସଚେତନ କରାଯାଇଛି। ପ୍ରତି ମଣ୍ଡିରେ ଜଣେ ଲେଖାଏଁ ମଣ୍ଡି ନୋଡାଲ ଅଫିସର ଓ ୪ ଓ ୫ ଗୋଟି ପ୍ୟାକ୍ସ ବା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ନେଇ ଜଣେ ମଣ୍ଡି ସୁପରଭାଇଜିଙ୍ଗ ଅଫିସର ନିଯୁକ୍ତି ହୋଇଛନ୍ତି। ମଣ୍ଡି ନୋଡାଲ ଅଫିସରେ ପ୍ରତି ଧାନ ବିକ୍ରୟ କେନ୍ଦ୍ରରେ ଉପସ୍ଥିତ ରହି ଚାଷୀମାନଙ୍କଠାରୁ ଧାନକ୍ରୟ କିପରି ସୁରୁଖୁରୁରେ ଏଫ୍.ଏ.କ୍ୟୁ ଧାନ ବିନା କଟନି ଛଟନିରେ କିଣାଯିବ ଓ ଚାଷୀମାନେ କିପରି ସେମାନଙ୍କର ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୨୪ ରୁ ୭୨ ଘଣ୍ଟା ମଧ୍ୟରେ ପାଇପାରିବେ ସେ ବିଷୟରେ ତଦାରଖ କରିବେ। ଧାନର ଅଭାବୀ ବିକ୍ରି ଯେପରି ନହେବ, ସେଥିପ୍ରତି ଧାନ ଦେବାକୁ ମନ୍ତ୍ରୀ ମହୋଦୟ ଓ ଜିଲ୍ଲାପାଳ ସମସ୍ତଙ୍କୁ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ।

## ଖାଉଟି ଅଦାଲତରେ ବିଶାଳ ମେଗାମାର୍ଟ ଦଣ୍ଡିତ




**କଳାହାଣ୍ଡି/ଭବାନୀପାଟଣା । ତା:୭/୧/୨୫:** ଭବାନୀପାଟଣା ସହର ବାହାଦୂର ବଗିଚାପଡା ସ୍ଥିତ ବିଶାଳ ମେଗାମାର୍ଟ ଖାଉଟି ଅଦାଳତ ଦ୍ୱାରା ଦଣ୍ଡିତ ହୋଇଛି । ଜିଲ୍ଲା ଖାଉଟି ବିବାଦ ପ୍ରତିକାର ଆୟୋଗ ଏକ ଖାଉଟି ମାମଲାର ଶୁଣାଣୀ କରି ବିଶାଳ ମେଗାମାର୍ଟକୁ ୧ଲକ୍ଷ ୩୫ ହଜାର ଟଙ୍କା ଜରିମାନା କରିଛନ୍ତି। ଏହି ଅର୍ଥଦଣ୍ଡ ରାଶିରୁ ୩୫ ହଜାର ଅଭିଯୋଗ କାରୀ ଓ ଅବଶିଷ୍ଟ ୧ଲକ୍ଷ ଟଙ୍କାକୁ ଓଡିଶା ରାଜ୍ୟ ଖାଉଟି ସୁରକ୍ଷା ପାଣ୍ଠିକୁ ପ୍ରଦାନ କରିବା ପାଇଁ ରାୟରେ ଉଲ୍ଲେଖ କରିଛନ୍ତି । ଯାହାକୁ ନେଇଁ ଜିଲାରେ ଏବେ ଚର୍ଚ୍ଚାର ବିଷୟ ପାଲଟିଛି । ପ୍ରାପ୍ତି ସୁଚନାରୁ ପ୍ରକାଶ ଯେ,ଗତ ୮/୫/୨୦୨୪ ରେ କନ୍ଧମାଳ ଜିଲ୍ଲା ବାଲିଗୁଡା ଥାନା ଅନ୍ତର୍ଗତ ବାରଖମା ଗ୍ରାମର ବିରୁପାକ୍ଷ ପାତ୍ର (ଯିଏକି ପେଶାରେ ଜଣେ ଚାଟାର୍ଡ ଆକାଉଣ୍ଟାଣ୍ଟ )ନିଜ ଭାଇ ଲକ୍ଷ୍ମୀକାନ୍ତ ପାତ୍ରଙ୍କ ସହ ଭବାନୀପାଟଣା ବାହାଦୂରବଗିଚାପଡା ସ୍ଥିତ ବିଶାଳ ମେଗା ମାର୍ଟକୁ କିଣାକିଣି କରିବାକୁ ଯାଇଥିଲେ । ସେଠାରେ ସେ ଏକ ଲେଡିଜ୍ କୁର୍ତ୍ତା ପସନ୍ଦ କରିଥିଲେ ।ଯାହାର ବିକ୍ରିମୂଲ୍ୟ ଉପରେ ୧୫% ରିହାତି ଅଫର ଉଲ୍ଲେଖ ରହିଥିଲା । ତେବେ ଏହାର ବିଲିଂ କରିବା ସମୟରେ ଉପରୋକ୍ତ ଲେଡିସ୍ କୁର୍ତ୍ତାର ୧୫% ରିହାତି ହିସାବ ନ ଥିବାରୁ ଅଭିଯୋଗକାରୀ ପାତ୍ର କାଉଣ୍ଟର ଇନ୍ ?ଚାର୍ଯ୍ୟଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । କିନ୍ତୁ ସେ ରିହାତି ଦେବାର ଅଗ୍ରାହ୍ୟ କରିବା ସହ ମ୍ୟାନେଜରଙ୍କ ସହ କଥା ହେବାକୁ ପରାମର୍ଶ ଦେଇଥିଲେ ।ଫଳରେ ଅଭିଯୋଗକାରୀ ପାତ୍ର ମ୍ୟାନେଜରଙ୍କୁ ସାକ୍ଷାତ କରିଥିଲେ ।ହେଲେ ମ୍ୟାନେଜର ରିହାତି ଅଫର ଦେବାକୁ ମନା କରିଦେଇଥିବାବେଳେ କୁର୍ତ୍ତାରେ ଲାଗିଥିବା ଡିସପ୍ଲେ ବୋର୍ଡଟି ଭୁଲରେ ଲାଗିଥିବା କହିଥିଲେ ।ସେହିପରି ଟଙ୍କା ମଧ ଫେରସ୍ତ କରିବାକୁ ମନା କରିଦେଇଥିଲେ ।ଯାହାଫଳରେ ଅଭିଯୋଗ କାରୀ ପାତ୍ର ନିରାଶ ହୋଇ ଖାଉଟି ଅଦାଳତର ଦ୍ୱାରସ୍ଥ ହୋଇଥିଲେ ।

PRINTED, PUBLISHED & Owned by Gitanjali Nanda, Printed at janjali Devi PRESS, Plot no- 131, Rajarani Nagar, Bhubaneswar-751014, Khordha, Odisha & Published at : Plot No- 2033, Keutasahi P.O- Old Town, P.s-Lingaraj, Bhubaneswar, 751002, Dist- Khordha, Odisha (Odisha) MobNo.-9337673884, ) E-mail : jagannathexpress1972@gmail.com

Editor - Balaram prasad Nanda | Mananging Editor- Sarangdhar Senapati | ସଂପାଦକ- ବଳରାମ ପ୍ରସାଦ ନନ୍ଦ